ଭାରତ ସରକାର

# ବଜେଟ 2021-22

## ନିର୍ମଳା ସୀତାରମଣ
## ଅର୍ଥ ମନ୍ତ୍ରୀଙ୍କ
## ଭାଷଣ

*ଫେବୃଆରୀ 1, 2021*

# ସୂଚୀପତ୍ର

## ବିଭାଗ- କ


| | Page No. |
|---|---|
| • ଉପକ୍ରମ | 1 |
| • ସ୍ୱାସ୍ଥ୍ୟ ଓ କଲ୍ୟାଣ | 9 |
| • ଭୌତିକ ଓ ଆର୍ଥିକ ପୁଞ୍ଜି ଏବଂ ଭିତ୍ତିଭୂମି | 13 |
| • ଆକାଂକ୍ଷୀ ଭାରତ ପାଇଁ ସମାବେଶୀ ବିକାଶ | 28 |
| • ମାନବ ସମ୍ବଳକୁ ପୁନଃ ଶକ୍ତିସମ୍ପନ୍ନ କରିବା | 32 |
| • ନବୋନ୍ମେଷ ଏବଂ ଆରଏଣ୍ଡଡି | 35 |
| • ସର୍ବନିମ୍ନ ସରକାର ସର୍ବାଧିକ ପ୍ରଶାସନ | 36 |
| • ବିତ୍ତୀୟ ସ୍ଥିତି | 37 |


## ବିଭାଗ ଖ


| | |
|---|---|
| **ପ୍ରତ୍ୟକ୍ଷ ଟିକସ ପ୍ରସ୍ତାବ** | 41 |

- ବୟସ୍କ ନାଗରିକଙ୍କୁ ଆଶ୍ୱସ୍ତି
- ଆୟକର ପ୍ରୋସିଡିଙ୍ଗ ସମୟ ଅବଧି ହ୍ରାସ
- ବିବାଦ ସମାଧାନ ସମିତି ପ୍ରତିଷ୍ଠା
- ଫେସଲେସ ଆଇଟିଏଟି
- ଏନଆରଆଇଙ୍କୁ ଛାଡ
- ଅଡିଟରୁ ଛାଡ
- ଭିତ୍ତିଭୂମି କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ବୃଦ୍ଧି
- ସୁଲଭ ଆବାସ/ଭଡା ଘର

* ଆଇଏଫଏସସିକୁ ଟାକ୍ସ ଇନସେଣ୍ଟିଭ
* ଆଗରୁ ପୂରଣ ହୋଇଥିବା ରିଟର୍ଣ୍ଣ
* ଛୋଟ ଟ୍ରଷ୍ଟକୁ ଆଶ୍ୱସ୍ତି
* ଶ୍ରମିକ କଲ୍ୟାଣ

**ପରୋକ୍ଷ ଟିକସ ପ୍ରସ୍ତାବ** 48

* ଜିଏସଟି
* ଯୁକ୍ତିସଙ୍ଗତ ସୀମା ଶୁଳ୍କ
* ଇଲେକ୍ଟ୍ରୋନିକ ଓ ମୋବାଇଲ ଫୋନ ଇଣ୍ଡଷ୍ଟ୍ରି
* ଲୌହ ଓ ଇସ୍ପାତ
* ବୟନ
* ରସାୟନ



* ସୁନା ଓ ରୂପା
* ଅକ୍ଷୟ ଶକ୍ତି
* ମୂଳ ଉପକରଣ
* ଏମଏସଏମଇ ଉତ୍ପାଦ
* କୃଷି ଉତ୍ପାଦ

**ସଂଲଗ୍ନକ**

**ଭାଷଣର ବିଭାଗ-କ ର ସଂଲଗ୍ନକ** 55

* ସ୍ୱାସ୍ଥ୍ୟ ଓ କଲ୍ୟାଣ- ବ୍ୟୟ
* ପ୍ରମୁଖ ଯୋଜନା : ରାସ୍ତା ଓ ରାଜମାର୍ଗ

- ପୁଞ୍ଜି ପ୍ରତ୍ୟାହାର/ରଣନୈତିକ ପୁଞ୍ଜି ପ୍ରତ୍ୟାହାର ନୀତିର ମୁଖ୍ୟ ଅଂଶ
- ଏମଏସପି ଦରରେ କୃଷି ଉତ୍ପାଦର କ୍ରୟ
- ଏନଇପି ଅନ୍ତର୍ଗତ ଶିକ୍ଷା କ୍ଷେତ୍ରରେ ପଦକ୍ଷେପ
- ଅଧିକ ବଜେଟ ସମ୍ବଳ ଉପରେ ବିବୃତ୍ତି

(ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବଣ୍ଡ, ଏନଏସଏସଏଫ ଋଣ ଏବଂ ଅନ୍ୟ ସମ୍ବଳ)

**ଭାଷଣର ବିଭାଗ-ଖ ର ସଂଲଗ୍ନକ** 75

**ପ୍ରତ୍ୟକ୍ଷ ଟିକସ**

**ପରୋକ୍ଷ ଟିକସ**

# ବଜେଟ 2021-22

## ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଭାଷଣ

## 1 ଫେବୃୟାରୀ 2021

ବାଚସ୍ପତି ମହୋଦୟ,

ମୁଁ 2021-22 ବର୍ଷର ବଜେଟ ଉପସ୍ଥାପନ କରୁଛି ।

ଉପକ୍ରମଣିକା

**1.** ବାଚସ୍ପତି ମହୋଦୟ, ଏଥରର ବଜେଟ ଏକ ଅଭୂତପୂର୍ବ ପରିବେଶରେ ପ୍ରସ୍ତୁତ ହୋଇଛି । କରୋନା ମହାମାରୀ ଭଳି ଏକ ସ୍ୱୟଂମ୍ଭୁବ୍ୟାଧି ସମଗ୍ର ବିଶ୍ୱକୁ କରାୟତ୍ତ କରିଛି ।

**2.** ମୁଁ ଯେତେବେଳେ 2020-21 ବର୍ଷର ବଜେଟ ଉପସ୍ଥାପିତ କରିଥିଲି ସେତେବେଳେ ବିଶ୍ୱ ଅର୍ଥନୀତି ଏଭଳି ଏକ ମନ୍ଥର ସ୍ଥିତିରେ ପହଞ୍ଚିବ ବୋଲି କଳ୍ପନା କରି ନ ଥିଲି ।

**3.** ଆମେ ମଧ୍ୟ କଳ୍ପନାକରି ନ ଥିଲୁ ଯେ ଆମ ଦେଶ ଓ ବିଦେଶର ଲୋକମାନେ ଏହି ମହାମାରୀରେ ନିଜର ପ୍ରିୟଜନଙ୍କୁ ହରାଇବାର ଦୁଃଖ ଭୋଗିବେ ଏବଂ କରୋନା ଯୋଗୁଁ ସୃଷ୍ଟି ହୋଇଥିବା ସ୍ୱାସ୍ଥ୍ୟ ସଂକଟର ସମ୍ମୁଖୀନ ହେବେ।

**4.** ଲକ୍‌ଡାଉନ ଜାରି ନ କରିବାର ବିପଦ ଅଧିକ ଥିଲା । ଏଥିରୁ ଲାଭ ମିଳିବ ବୋଲି ବିଚାର କରାଯାଇ ସାରା ଦେଶରେ ଏହା ଲାଗୁ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ 21 ଦିନିଆ ସଂପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରିବାର 48 ଘଣ୍ଟା ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା' ଘୋଷଣା କଲେ । ଏହି ଯୋଜନାରେ 2.76 ଲକ୍ଷ କୋଟି ଟଙ୍କା ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ କଲ୍ୟାଣ ପାଇଁ ଯୋଗାଇ ଦିଆଗଲା। ଏଥିରେ 80 କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ, 8

କୋଟି ପରିବାରକୁମାଗଣା ରନ୍ଧନ ଗ୍ୟାସ୍ ଏକାଧିକମାସ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଥିଲା । ଏହାଛଡା 40 କୋଟି ଚାଷୀ, ମହିଳା, ବୟସ୍କ, ଗରିବ ଓ ଅଭାବୀ ଲୋକଙ୍କୁ ସିଧାସଳଖ ଅର୍ଥ ସହାୟତା  ପ୍ରଦାନ କରାଯାଇଥିଲା ।

**5.** ବହୁସଂଖ୍ୟକ ଲୋକ ଏହି ସମୟରେ ଘରେ ରହୁଥିବାବେଳେ ଦୁଧବାଲା, ପରିବା ଓ ଖାଦ୍ୟ ବିକ୍ରେତା, ସ୍ୱାସ୍ଥ୍ୟ ଓ ସଫେଇ କର୍ମଚାରୀ, ଟ୍ରକଚାଳକ, ରେଳବାଇ ଓ ସାଧାରଣ ପରିବହନ କର୍ମଚାରୀ, ବ୍ୟାଙ୍କକର୍ମଚାରୀ, ବିଜୁଳି କର୍ମଚାରୀ, ଆମର ଅନ୍ନଦାତା, ପୁଲିସ, ଅଗ୍ନିଶମ କର୍ମଚାରୀ ଏବଂ ପ୍ରତିରକ୍ଷା ବାହିନୀର ଯବାନମାନେ ଏହି ଅସାଧାରଣ ସମୟରେ ନିଜକାମ ଓ ବୃତ୍ତିରେ ସ୍ୱାଭାବିକଭାବେ କାର୍ଯ୍ୟ କରୁଥିଲେ । କରୋନା ଭୂତାଣୁ ସଂକ୍ରମଣର ଭୟ ସତ୍ତ୍ୱେ ସେମାନେ ନିଜ ଦାୟିତ୍ୱରେ ଅବହେଳା କରି ନ ଥିଲେ । ଆମେ ସେମାନଙ୍କର ଏହି ତ୍ୟାଗକୁ ସ୍ୱୀକାର କରୁଛୁ । ମୋ ବିଚାରରେ ଏହିସବୁ କର୍ମଚାରୀମାନଙ୍କୁ ଏହି ପବିତ୍ର ଗୃହରେ ମୁଁ ମୋର ହୃଦୟର କୃତଜ୍ଞତା ଜ୍ଞାପନ କରିବା ବେଳେ ମୋର ମନେ ହେଉଛି ସତେ ଯେପରି ମୁଁ ସମସ୍ତଙ୍କ ପକ୍ଷରୁ ଏହାଜଣାଉଛି । ସେମାନେ ନିଜ ଜୀବନକୁ ବିପନ୍ନ କରି ଦେଶର ମୌଳିକ ଦାୟିତ୍ୱ ସଂପାଦନ କରୁଥିଲେ ଏବଂ ଏକ ସଂକଟ ସମୟରେ ନିଜର କାର୍ଯ୍ୟ ଜାରି ରଖିଥିଲେ ।

**6.** ବାଚସ୍ପତି ମହୋଦୟ, ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ସଂସଦ ଓ ବିଧାନସଭାର ମାନ୍ୟବର ସଦସ୍ୟଗଣ ଏହି ସଂକଟର ମୁକାବିଲା ନିମନ୍ତେ ନିଜ ନିଜର ବେତନ ଦାନ କରିଛନ୍ତି ।

**7.** 2020 ମେ ମାସରେ ସରକାର ଆତ୍ମନିର୍ଭର ଭାରତ ପ୍ୟାକେଜ 1.0 ଘୋଷଣା କରିଥିଲେ । ଏହାର ଲକ୍ଷ୍ୟ ଥିଲା ଆର୍ଥିକ ପୁନରୁଦ୍ଧାର କାର୍ଯ୍ୟକୁ ପ୍ରୋତ୍ସାହିତ କରିବା । ଏହାପରେ ଆମେ ମଧ୍ୟ ଆଉ ଦୁଇଟି ଆତ୍ମନିର୍ଭର ଭାରତ ପ୍ୟାକେଜ ଘୋଷଣା କରିଥିଲୁ । ସମସ୍ତ ଆତ୍ମନିର୍ଭର ଭାରତ ପ୍ୟାକେଜ ଓ ରିଜର୍ଭବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ପ୍ରୋତ୍ସାହନ ରାଶିକୁ ମିଶାଇଲେ ମୋଟ 27.1 ଲକ୍ଷ କୋଟି ଟଙ୍କା କରୋନା ସ୍ଥିତିର ମୁକାବିଲା ପାଇଁ ଯୋଗାଇ ଦିଆଯାଇଥିଲା । ଏହି ରାଶିର ପରିମାଣ ଭାରତର ଜିଡିପିର 13 ଶତାଂଶରୁ ଅଧିକ ।

**8.** ଆମେ ଓ ଆମ ସରକାର ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଥିଲୁ ଏବଂ ଏହା ଦ୍ୱାରା ଲାଭ ମଧ୍ୟ ମିଳିଥିଲା । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ନିଜର ସମ୍ବଳକୁ ସମାଜର

ସବୁଠାରୁ ଦୁର୍ବଳ, ବଞ୍ଚିତ, ଅବହେଳିତ, ଆଦିବାସୀ, ଶିଶୁ, ପ୍ରବାସୀ ଶ୍ରମିକ ଓ ଗରିବ ଲୋକଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇଥିଲେ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଏବଂ ଆତ୍ମନିର୍ଭର ଭାରତର ୩ଟିଯାକ ପ୍ୟାକେଜ ଏବଂ ତା'ପରେ ଘୋଷିତ ହୋଇଥିବା ଅନ୍ୟାନ୍ୟ ଆର୍ଥିକ ପ୍ରୋତ୍ସାହନ ଏସବୁକୁ ମିଶାଇଲେ ଏହା ଗୋଟିଏ କ୍ଷୁଦ୍ର ବଜେଟ ପରି ହେବ ।

**9.** ଆତ୍ମନିର୍ଭର ପ୍ୟାକେଜ ଆମ ଢାଞ୍ଚାଗତ ସଂସ୍କାରର ବେଗକୁ ତ୍ୱରାନ୍ୱିତ କଲା । ଏମ୍ଏସ୍ଏମ୍ଇର ସଂଜ୍ଞା ପୁନଃ ନିରୂପଣ, ଖଣିଜକ୍ଷେତ୍ରର ବ୍ୟବସାୟକରଣ, କୃଷି ଓ ଶ୍ରମସଂସ୍କାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ, ଏକ ରାଷ୍ଟ୍ର ଏକ ରାସନକାର୍ଡ ଏବଂ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା ଆଦି ଏହି ମହାମାରୀ ସମୟରେ କାର୍ଯ୍ୟକାରୀ ହୋଇଥିଲା । ସେହିଭଳି ଏହି ସମୟରେ ମଧ୍ୟ ଫେସ୍‌ଲେସ ଆୟକର ଆସେସମେଣ୍ଟ, ଡିବିଟି ଏବଂ ଆର୍ଥିକ ସମାବେଶୀ ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଥିଲା ।

**10.** ଏବେ ଭାରତରେ ଦୁଇଟି କରୋନା ଟିକା ଉପଲବ୍ଧ । ଏହାକୁ ପ୍ରଦାନ କରି ଲୋକଙ୍କୁ ସୁରକ୍ଷିତ ରଖିବାର ପ୍ରକ୍ରିୟା ଆରମ୍ଭ ହୋଇଛି । ଖୁବ୍‌ଶୀଘ୍ର ଭାରତରେ ଆଉ ଦୁଇ ବା ତତୋଧିକ ଟିକା ଉପଲବ୍ଧ ହେବ । ନିଜର ଆବଶ୍ୟକତା ପୂରଣ ସହ ଶତାଧିକ ଦେଶକୁ ଏହା ଯୋଗାଇ ଭାରତ ସେଠାକାର ଲୋକଙ୍କର ଜୀବନ ରକ୍ଷା କରିବାରେ ସହାୟକ ହୋଇପାରିବ ।

**11.**ମାନ୍ୟବର ପ୍ରଧାନମନ୍ତ୍ରୀ ଏହି ଟିକା ଦାନ ପ୍ରକ୍ରିୟାର ଶୁଭାରମ୍ଭ କରିବା ସହିତ ଏହାର ଶ୍ରେୟ ଆମ ବୈଜ୍ଞାନିକମାନଙ୍କୁ ଦେଇଛନ୍ତି । ସେହି ବୈଜ୍ଞାନିକମାନଙ୍କ ଶ୍ରମ ଓ ସାଧନା ପାଇଁ ଆମେ ଚିରକୃତଜ୍ଞ ।

**12.** ମୁଁ ଏକଥା କହିବାର ଉଦ୍ଦେଶ୍ୟ ହେଉଛି ଯେ 2021ରେ ମଧ୍ୟ ଏହି କରୋନା ସମସ୍ୟା ଜାରିରହିବ ଏବଂ ଆମକୁ ସେ କଥା ମନେ ରଖିବାକୁ ହେବ ।

**13.** ଦୁଇଟି ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ରାଜନୈତିକ, ଆର୍ଥିକ ଓ ରଣ କୌଶଳାତ୍ମକ ସଂପର୍କ ପ୍ରଭାବିତ ହୋଇଥିଲା। ସେହିଭଳି କରୋନା ମହାମାରୀ ପରେ ବିଶ୍ୱର ଏସବୁ ସ୍ଥିତି ମଧ୍ୟ ବଦଳିବ । ଇତିହାସର ଏହିକ୍ଷଣ ଏକ ନୂଆ ଯୁଗର ଅୟମାରମ୍ଭ । ଏଥିରେ ଭାରତକୁ ଏକ ଅଙ୍ଗୀକୃତ ଓ ଆଶାର ଭୂମିରୂପେ ଅବତୀର୍ଣ୍ଣ ହେବାକୁ ପଡିବ ।

ରବୀନ୍ଦ୍ରନାଥ ଠାକୁର କହିଥିଲେ 'ଉଷାକାଳର ଅନ୍ଧାର ମଧ୍ୟରେ ମଧ୍ୟ ବିଶ୍ୱାସର ପକ୍ଷୀ ଆଲୋକ ଅନୁଭବ କରିବା ସହ ଗୀତଗାଇ ଥାଏ ।'

**14.** ଏହି ଉତ୍ସାହରେ ମୁଁ ଏକ କ୍ରିକେଟ ପ୍ରିୟ ରାଷ୍ଟ୍ରର ନାଗରିକ ଭାବେ ସେହିଭଳି ଏକ ଆନନ୍ଦକୁ ମନେ ପକାଉଛି, ଯାହା ଆମ ଦଳ ଅଷ୍ଟ୍ରେଲିଆରେ ଦେଖାଇଲା । ଏହି ଚମତ୍କାରିତା ମୋତେ ଆମ ଲୋକଙ୍କର ସମସ୍ତ ଗୁଣ ମନେ ପକାଇ ଦେଲା, ବିଶେଷକରି ଯୁବସମାଜ କଥା; ଯେଉଁମାନେ ବିଜୟଲାଭର ଅଦମ୍ୟ ଇଚ୍ଛାକୁ କରାୟତ୍ତ କରିବାରେ ସଫଳ ହୋଇଥାନ୍ତି ।

**15.** ସାଂପ୍ରତିକ ତଥ୍ୟାବଳୀ ଅନୁସାରେ ଭାରତରେ କରୋନା ମୃତ୍ୟୁହାର ବିଶ୍ୱରେ ସବୁଠୁ କମ୍ । ଏକ ଲକ୍ଷରେ ଏହି ହାର 112; ଯାହା ବିଶ୍ୱରେ ସବୁଠୁ କମ୍ ରହିଛି । ସେହିଭଳି ଭାରତରେ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବିଶ୍ୱରେ ସର୍ବନିମ୍ନ ଏବଂ ଏହା 10 ଲକ୍ଷରେ ମାତ୍ର 130 । ଏହି ହାରରୁ ସୂଚନା ମିଳୁଛି ଯେ ଆମ ଅର୍ଥନୀତିର ପୁନରୁଦ୍ଧାର ପ୍ରକ୍ରିୟା ଠିକ୍ ବାଟରେ ଚାଲିଛି ।

**16.** ଏଥରର ବଜେଟ ନୂଆ ଦଶନ୍ଧିର ପ୍ରଥମ ବଜେଟ । ଏହା ମଧ୍ୟ ଏକ ଡିଜିଟାଲ ବଜେଟ ଏବଂ ଆପଣମାନଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଛି ।

**17.** ଏ ପର୍ଯ୍ୟନ୍ତ ଯେତେ ବଜେଟ ଉପସ୍ଥାପିତ ହୋଇଛି ସେଥିରୁ ମାତ୍ର 3 ଥର ବଜେଟ ପରବର୍ତ୍ତୀ ଅବସ୍ଥାରେ ଅର୍ଥନୀତି ସଂକୁଚିତ ହୋଇଛି । ଏହା କେବଳ ଭାରତ ସମ୍ମୁଖୀନ ହୋଇଥିବା ବିଶେଷ ପରିସ୍ଥିତିରେ ଘଟିଥିଲା । ଏଥର ମଧ୍ୟ ବୈଶ୍ୱିକ ମହାମାରୀ ଯୋଗୁଁ ଅନ୍ୟାନ୍ୟ ଦେଶ ଭଳି ଆମ ଦେଶର ଅର୍ଥନୀତି ସଂକୁଚିତ ହୋଇଛି ।

**18.** ଏ କଥା କହିବା ବେଳେ ମୁଁ ଦୃଢବିଶ୍ୱାସୀ ଯେ ଆମ ସରକାର ଅର୍ଥନୀତିକୁ ସ୍ୱାଭାବିକ ପଥକୁ ଫେରାଇ ଆଣିବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ । ଅଭିବୃଦ୍ଧି ହାସଲ କରିବା ପାଇଁ ଯାହା ଦରକାର ସେସବୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବଜେଟରେ ଯଥାସାଧ୍ୟ ଉଦ୍ୟମ କରାଯାଇଛି ।

**19.** 2021 ବର୍ଷ ବିଭିନ୍ନ ଦୃଷ୍ଟିରୁ ଆମ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ସେଗୁଡିକ ହେଲାଏହିବର୍ଷ ଆମେ ଆମ ସ୍ୱାଧୀନତାର 75 ବର୍ଷ ପୂର୍ତ୍ତି ପାଳନ କରିବା । ଭାରତ ସହିତ ଗୋଆ ମିଶ୍ରଣର 60 ବର୍ଷ ପୂର୍ତ୍ତି ପାଳନ କରାଯିବ । 1971 ଭାରତ-ପାକ୍ ଯୁଦ୍ଧର 50 ବର୍ଷ ପୂର୍ତ୍ତି ପାଳନ ସହିତସ୍ୱାଧୀନ ଭାରତରେ ଅଷ୍ଟମ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ । ଏହାଛଡା ବ୍ରିକ୍ସରାଷ୍ଟ୍ରଙ୍କ ଅଧ୍ୟକ୍ଷ ପଦ ଭାରତ ଏହି ବର୍ଷ ଗ୍ରହଣ କରିବ । ଏହିବର୍ଷ ମଧ୍ୟ ଆମେ ଚନ୍ଦ୍ରଯାନ 3 ଅଭିଯାନ ଆରମ୍ଭ କରିବାକୁ ଯାଉଛି ଏବଂ ସର୍ବୋପରି ଏ ବର୍ଷ ମଧ୍ୟ ହରିଦ୍ୱାରରେ ମହାକୁମ୍ଭ ଆୟୋଜିତ ହେଉଛି ।

**20.** ବାଚସ୍ପତି ମହୋଦୟ, ବଜେଟର ପ୍ରଥମ ଭାଗ ଆରମ୍ଭ କରିବା ପୂର୍ବରୁ ମୁଁ ସଂକଟକାଳୀନ ଏକ ପ୍ରସଙ୍ଗ ଉତ୍‌ଥାପନ କରିବାକୁ ଚାହୁଁଛି । ବିପତ୍ତି ସମୟରେ ଏକୁଟିଆ ହୋଇଯିବା ଏବଂ ଦୂରରେ ରହିବା ଏକ ବଡ଼ ଆହ୍ୱାନ । ଏହାସତ୍ତ୍ୱେ ଆମ ଭଳି ଏକ ଦେଶରେ ଏହି ସଂକଟ ସମୟରେ ଲୋକମାନେ ଏକାଠିରହିବା ଏକ ବଡ଼ ଉପଲବ୍ଧି । ଅବଶ୍ୟ ଏହା ଆମକୁ ବହୁତ ଆଘାତ ଦେଇଥିଲା । ଯେଉଁମାନେ କିଛିକାଳ ପରିବାରଠାରୁ ଦୂରରେ ରହିଗଲେ ସେମାନେ ସମସ୍ତ ପ୍ରକାର ଶାରୀରିକ ଓ ମାନସିକ ଯନ୍ତ୍ରଣାସତ୍ତ୍ୱେ ଧୈର୍ଯ୍ୟର ସହିତ ପରିସ୍ଥିତିର ମୁକାବିଲା କରିଥିବାରୁ ମୁଁ ସେମାନଙ୍କ ପାଖରେ ନତମସ୍ତକ ହୋଇ ସେମାନଙ୍କୁ ସମ୍ମାନ ଜଣାଉଛି ।

**ଭାଗ-1**

**21.** ବଜେଟର ପ୍ରଥମ ଭାଗରେ ମୁଁ ଆତ୍ମନିର୍ଭର ଭାରତ ବିଷୟରେ ଉଲ୍ଲେଖ କରିବାକୁ ଚାହୁଁଛି ।

**22.** ଆତ୍ମନିର୍ଭର ଭାରତ ଏକ ନୂଆବିଚାର ନୁହେଁ । ପ୍ରାଚୀନ ଭାରତ ମୁଖ୍ୟତଃ ଆତ୍ମନିର୍ଭର ଥିଲା ଏବଂ ଏହା ମଧ୍ୟ ବିଶ୍ୱର ବ୍ୟବସାୟର ନାଭିକେନ୍ଦ୍ରଭାବେ ମାନ୍ୟତା ପାଇଥିଲା ।

**23.** ଆତ୍ମନିର୍ଭର ଭାରତ 130 କୋଟି ଭାରତୀୟଙ୍କର ଏକ ଅଭିବ୍ୟକ୍ତି । ଏହି ଭାରତୀୟମାନଙ୍କର ନିଜର ଦକ୍ଷତା ଓ କୁଶଳତା ଉପରେ ସଂପୂର୍ଣ୍ଣ ବିଶ୍ୱାସ ରହିଛି ।

**24.** ଇତିମଧ୍ୟରେ ଆମେ ବିଭିନ୍ନ ଆନ୍ତର୍ଜାତିକ ଗୋଷ୍ଠୀ ଯଥା ଜି-20 ଏବଂ ବ୍ରିକ୍ସର ସଦସ୍ୟ ହୋଇଛୁ । ଆମେ ମଧ୍ୟ ବିପର୍ଯ୍ୟୟ ପ୍ରତିରୋଧୀ ଆନ୍ତର୍ଜାତିକ ଭିତ୍ତିଭୂମିମେଣ୍ଟ ଏବଂ ସୌରମେଣ୍ଟର ପ୍ରମୁଖ ପ୍ରବକ୍ତା ଓ ସଂସ୍ଥାପକ ପାଲଟିଛୁ ।

**25.** ଭାଗ-1ର ପ୍ରସ୍ତାବଗୁଡିକରେ ରାଷ୍ଟ୍ରର ସଂକଳ୍ପକୁ ସୁଦୃଢ଼ କରାଯିବାର ପ୍ରୟାସ କରାଯାଇଛି । ପ୍ରଥମତଃ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଦୃଢ଼ଭିତ୍ତିଭୂମି ନିର୍ମାଣ, ସୁସ୍ଥଭାରତ ଗଠନ, ସୁଶାସନ, ଯୁବସମାଜ ପାଇଁ ସୁବିଧା ସୁଯୋଗ, ସମସ୍ତଙ୍କ ପାଇଁ ଶିକ୍ଷା, ମହିଳା ସଶକ୍ତୀକରଣ ଏବଂ ସମାବେଶୀ ବିକାଶ ଆଦି ପ୍ରସଙ୍ଗ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି ।

**26.** ଅତିରିକ୍ତଭାବେ ମଧ୍ୟ 2022ରେ ସ୍ୱାଧୀନତାର 75 ବର୍ଷ ପାଳନ ଅବସରରେ ଆମେ ଯେଉଁ ଅମୃତ ମହୋତ୍ସବ ପାଳନ କରିବା ସେଥିପାଇଁ ଯେଉଁ 13ଟି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବାର ଲକ୍ଷ୍ୟ ରହିଛି ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ସେଥିରେ ମଧ୍ୟ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପ୍ରତିଧ୍ୱନିତ ହେଉଛି ।

**27.** 2021-22 ବଜେଟ ପ୍ରସ୍ତାବ 6ଟି ସ୍ତମ୍ଭ ଉପରେ ଆଧାରିତହୋଇଛି । ସେଗୁଡିକହେଲା-

1. ସ୍ୱାସ୍ଥ୍ୟ ଓ ୱେଲବିଂ
2. ଭୌତିକ ଏବଂ ଆର୍ଥିକ ପୁଞ୍ଜି ତଥା ଭିତ୍ତିଭୂମିବିକାଶ
3. ଆକାଂକ୍ଷୀ ଭାରତ ପାଇଁ ସମାବେଶୀ ବିକାଶ କାର୍ଯ୍ୟକ୍ରମ
4.ମାନବ ପୁଞ୍ଜିର ବିକାଶ ଏବଂ ଉପଯୋଗ
5.ଇନୋଭେସନ ଓ ଗବେଷଣା କ୍ଷେତ୍ରର ଉନ୍ନୟନ
6. ସର୍ବନିମ୍ନ ସରକାର ଏବଂ ସର୍ବାଧିକ ଶାସନ ।

**1. ସ୍ୱାସ୍ଥ୍ୟ ଓ ୱେଲବିଂ**

**28.** ମୁଁ ପ୍ରାରମ୍ଭରେ କହି ରଖିବାକୁ ଚାହେଁ ଯେ ଏଥର ବଜେଟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ବାବଦ ବ୍ୟୟବରାଦ ଉଲ୍ଲେଖନୀୟଭାବେ ବଢିଛି । ସମୟକ୍ରମେ ଏ ବାବଦ କାର୍ଯ୍ୟକ୍ରମ ଯେତେ ଆଗେଇବ ଆମେ ଅଧିକ ଅର୍ଥ ଯୋଗାଇଦେବୁ ।

**29.** ସ୍ୱାସ୍ଥ୍ୟ ଉପରେ ଆମେ ଏକ ସାମଗ୍ରିକ ଆଭିମୁଖ୍ୟ ରଖି ନିରାକରଣ, ଆରୋଗ୍ୟ ଲାଭ ଓ ୱେଲବିଙ୍ଗ ଉପରେ ଗୁରୁତ୍ୱ ଦେଇଛୁ ।

**ସ୍ୱାସ୍ଥ୍ୟ ବ୍ୟବସ୍ଥା**

**30.** ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା ନାମରେ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା କାର୍ଯ୍ୟକାରୀ ହେବ । ଏଥିପାଇଁ 6 ବର୍ଷ ନିମନ୍ତେ 64,180 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ଯୋଜନାରେ ପ୍ରାଥମିକ, ମାଧ୍ୟମିକ ଓ ତୃତୀୟସ୍ତରର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ କରାଯିବ । ଦେଶରେ ଥିବା ସବୁଜାତୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡିକୁ ଏହି ଯୋଜନାରେ ଅଧିକ ସୁଦୃଢ କରାଯିବା ସହ ନୂଆସ୍ୱାସ୍ଥ୍ୟ ଅନୁଷ୍ଠାନମାନ ତିଆରି କରାଯିବ । ନୂଆରୋଗକୁ ଠାବ କରି ତାହାର ଚିକିତ୍ସା ଏବଂ ନିରାକରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ । ଦେଶରେ କାର୍ଯ୍ୟକାରୀ ହେଉଥିବା ଜାତୀୟସ୍ୱାସ୍ଥ୍ୟ ମିସନ ବାହାରେ ଏହି ଯୋଜନା କାର୍ଯ୍ୟକାରୀହେବ। ଏହି ଯୋଜନାରେ ଯେଉଁ ସବୁ କ୍ଷେତ୍ରରେ ସରକାର ପ୍ରତ୍ୟକ୍ଷ ହସ୍ତକ୍ଷେପ କରିବେ ସେଗୁଡିକ ନିମ୍ନରେ ଦିଆଗଲା।

(କ) 77,778 ଗ୍ରାମ୍ୟ ଓ 11,024 ସହରାଞ୍ଚଳ ୱେଲନେସ ସେଣ୍ଟରକୁ ସହାୟତା ।
(ଖ) ଦେଶର ସବୁ ଜିଲାରେ ସର୍ବସାଧାରଣ ସ୍ୱାସ୍ଥ୍ୟ ଲାବରେଟୋରୀ ପ୍ରତିଷ୍ଠା କରାଯିବ । ଏହାଛଡା 11ଟି ରାଜ୍ୟର 3382 ବ୍ଲକରେ ସରକାରୀ ସ୍ୱାସ୍ଥ୍ୟ ୟୁନିଟମାନ ଖୋଲାଯିବ ।
(ଗ) ଦେଶର 602 ଜିଲାରେ କ୍ରିଟିକାଲକେୟାର ହସ୍‌ପିଟାଲ ବ୍ଲକ ତିଆରି ହେବ ଏବଂ 12ଟି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ମଧ୍ୟ ଏଭଳି ସୁବିଧା ଯୋଗାଇ ଦିଆଯିବ ।
(ଘ) ଜାତୀୟ ଭାଇରୋଲୋଜି ନିୟନ୍ତ୍ରଣ କେନ୍ଦ୍ରର 5ଟି ଆଞ୍ଚଳିକ ଶାଖା ଏବଂ 20ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ତଦାରଖକାରୀ ୟୁନିଟକୁ ଅଧିକ ସୁଦୃଢ କରାଯିବ ।
(ଙ) ସବୁରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମନ୍ୱିତ ସ୍ୱାସ୍ଥ୍ୟ ସୂଚନା ପୋର୍ଟାଲର ସଂପ୍ରସାରଣ ସହିତ ଏସବୁ ସରକାରୀ ସ୍ୱାସ୍ଥ୍ୟ ଲ୍ୟାବ ସହିତ ସଂଯୁକ୍ତ ହେବ ।
(ଚ) ଦେଶର 32ଟି ବିମାନ ବନ୍ଦର, 11ଟି ବନ୍ଦର ଓ 7ଟି ସୀମାନ୍ତ ଘାଟି ନିକଟରେ ଥିବା ସରକାରୀ ଚିକିତ୍ସାଳୟଗୁଡିକୁ ସୁଦୃଢ କରାଯିବ ଓ ଆଉ 17ଟି ନୂଆ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବ ।
(ଛ) ଦେଶରେ ଆଉ 15ଟି ଜରୁରୀକାଳୀନ ଅସ୍ତ୍ରୋପଚାର କେନ୍ଦ୍ର ଓ ଦୁଇଟିମୋବାଇଲ ହସ୍ପିଟାଲ ସ୍ଥାପନ କରାଯିବ।

(ଜ) ସ୍ୱାସ୍ଥ୍ୟ ପାଇଁ ଜାତୀୟସ୍ତରରେ ଏକ ପ୍ରତିଷ୍ଠାନ ସ୍ଥାପନ କରାଯିବ ଏବଂ ଦକ୍ଷିଣ ପୂର୍ବ ଏସିଆ ପାଇଁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଏକ ଗବେଷଣା ଶାଖା ଖୋଲାଯିବ । ଦେଶରେ ଥିବା 4ଟି ଜାତୀୟ ଭୂତାଣୁ ଗବେଷଣା ପ୍ରତିଷ୍ଠାନରେ ବାୟୋ ସେଫ୍ଟି ଲେବଲ-3 ଲ୍ୟାବ ତିଆରି ହେବ ।

**ପୁଷ୍ଟିସାଧନ**

**31.** ଦେଶରେ ପୁଷ୍ଟିସାଧନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସରକାର ସପ୍ଲିମେଣ୍ଟାରୀ ନ୍ୟୁଟ୍ରେସନ ପ୍ରୋଗ୍ରାମ ଓ ପୋଷଣ ଅଭିଯାନକୁ ମିଶାଇ ମିଶନ ପୋଷଣ 2.0 ଆରମ୍ଭ କରିବେ । ଏହା ଦେଶର 112ଟି ଆକାଂକ୍ଷୀ ଜିଲାରେ କାର୍ଯ୍ୟକାରୀ ହେବ ।

**ସାର୍ବଜନୀନ ଜଳଯୋଗାଣବ୍ୟବସ୍ଥା**

**32.** ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ବାରମ୍ବାର ସ୍ୱଚ୍ଛଜଳ, ପରିଚ୍ଛନ୍ନତା ଓ ନିର୍ମଳ ପରିବେଶ ଉପରେ ଗୁରୁତ୍ୱ ଦେଉଛି । ଏଗୁଡିକ ସାର୍ବଜନୀନ ସ୍ୱାସ୍ଥ୍ୟ ଲକ୍ଷ୍ୟ ପୂରଣ ପାଇଁ ସର୍ବନିମ୍ନ ମୌଳିକ ଆବଶ୍ୟକତା ।

**33.** ସହରାଞ୍ଚଳ ଜଳଜୀବନ ମିଶନ ଦେଶର ସମସ୍ତ 4378 ପୌରାଞ୍ଚଳରେ କାର୍ଯ୍ୟକାରୀ ହେବ । ଏହି ଯୋଜନା ମାଧ୍ୟମରେ 2.86 କୋଟି ପରିବାରକୁ ପାଣିଟ୍ୟାପ୍ ସଂଯୋଗ ଯୋଗାଇ ଦିଆଯିବ । ସେହିଭଳି 500 ଅମୃତ ଯୋଜନାଭୁକ୍ତ ନଗରୀରେ ଅଳିଆ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ପାଞ୍ଚ ବର୍ଷ ପାଇଁ ଏଥିନିମନ୍ତେ 2,87,000 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

**ସ୍ୱଚ୍ଛଭାରତ, ସ୍ୱସ୍ଥଭାରତ**

**34.**ସହରୀ ଭାରତର ସ୍ୱଚ୍ଛତା ବଢାଇବା ପାଇଁ ଆମେ ମଇଳା ପରିଚାଳନା ଏବଂ ଆବର୍ଜନା ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱ ଦେଇଛୁ । ଉତ୍ସରୁ କଠିନ ଓ ତରଳ ଅଳିଆକୁ ଅଲଗା ଅଲଗା ସଂଗ୍ରହ କରାଯାଇ ତାହାର ସଂପୂର୍ଣ୍ଣ ଓ ନିରାପଦ ପରିଚାଳନା କରାଯିବ । ଏହାଛଡା ଥରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ଏବଂ ବାୟୁ ପ୍ରଦୂଷଣକୁ ଯଥାସାଧ୍ୟ ହ୍ରାସ କରାଯିବ । ଏହାଛଡା ଯେଉଁଠି ଆବର୍ଜନା ଗଦା କରାଯାଉଛି ସେସବୁ ସ୍ଥାନରେ ଜୈବ

ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ । ସହରାଞ୍ଚଳ ସ୍ୱଚ୍ଛ ଭାରତ ଅଭିଯାନ 2.0 ମୋଟ 141678 କୋଟି ଟଙ୍କା ବ୍ୟୟରେ 5 ବର୍ଷ ପାଇଁ କାର୍ଯ୍ୟକାରୀ ହେବ ।

**ସ୍ୱଚ୍ଛବାୟୁ**

**35.** ବାୟୁ ପ୍ରଦୂଷଣଭଳି ଗୁରୁତର ସମସ୍ୟାର ମୁକାବିଲା ପାଇଁ ବଜେଟରେ 2217 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। 10 ଲକ୍ଷରୁ ଅଧିକ ଲୋକବସବାସକରୁଥିବା ଦେଶର 42ଟି ସହରରେ ଏହା କାର୍ଯ୍ୟକାରୀ ହେବ ।

**ଯାନ ସ୍କ୍ରାପିଂ ନୀତି**

**36.** ଆମେ ଏକ ସ୍ୱେଚ୍ଛାକୃତ ଗାଡି ସ୍କ୍ରାପିଂ ନୀତି ଘୋଷଣାକରୁଛୁ । ଏଥିରେ ପର୍ଯ୍ୟାୟକ୍ରମେ ପୁରୁଣା ଗାଡିଗୁଡିକୁ ସଡ଼କରୁ ହଟାଇ ଦିଆଯିବ । ଏହାଦ୍ୱାରା ଇନ୍ଧନ ଦକ୍ଷ ପରିବେଶ ଅନୁକୂଳ ଯାନବାହନ ଉତ୍ପାଦନ ଓ ଚଳାଚଳ ପ୍ରକ୍ରିୟାକୁ ଲାଭ ମିଳିବ । ସର୍ବୋପରି ଏହାଦ୍ୱାରା ଯାନବାହନ ଜନିତବାୟୁ ପ୍ରଦୂଷଣ କମିବ ଓ ତୈଳ ଆମଦାନୀ ହ୍ରାସ ପାଇବ । ଅଟୋମେଟେଡ ଫିଟ୍‌ନେସ୍ କେନ୍ଦ୍ରରେ ଏସବୁ ଗାଡିର ଫିଟ୍‌ନେସ ଯାଞ୍ଚ କରାଯିବ । ଘରୋଇ ଯାନ କ୍ଷେତ୍ରରେ ଗାଡିର ଫିଟ୍‌ନେସ ବୟସ 20 ବର୍ଷ ଓ ବ୍ୟାବସାୟିକଗାଡି ପାଇଁ 15 ବର୍ଷ ଧାର୍ଯ୍ୟ କରାଯାଇଛି। ଏ ସମ୍ପର୍କିତ ସବିଶେଷ ତଥ୍ୟ ସଂପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ଯୋଗାଇ ଦିଆଯିବ ।

**ଟିକା**

**37.** ଭାରତରେ ତିଆରି ନ୍ୟୁମୋକୋକାଲ ଟିକା ଯାହା ଏବେ 5ଟି ରାଜ୍ୟରେ ସୀମିତ ରହିଛି ତାହା ସାରା ଦେଶରେ ପ୍ରଦାନ କରାଯିବ । ଶିଶୁମାନଙ୍କ ପାଇଁ ଏହି ଟିକା ଉଦ୍ଦିଷ୍ଟ । ଏହିଟିକା ପ୍ରଦାନ ଫଳରେ ଦେଶରେ ବାର୍ଷିକ 50 ହଜାର ଶିଶୁ ନିମୋନିଆ ଜନିତ ମୃତ୍ୟୁରୁ ରକ୍ଷା ପାଇପାରିବେ ।

**38.** ଏହି ବଜେଟରେ ମୁଁ କୋଭିଡ୍ ଟିକା ପାଇଁ 35 ହଜାରକୋଟି ଟଙ୍କାର ବ୍ୟୟବରାଦ କରିଛି । ଅଧିକ ଅର୍ଥ ଆବଶ୍ୟକ ପଡିଲେ ତାହାଯୋଗାଇ ଦିଆଯିବ ।

**39.** ବଜେଟରେ ସ୍ୱାସ୍ଥ୍ୟ ଓ ୱେଲବିଙ୍ଗ ପାଇଁ 2,23,846 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଗତବର୍ଷ ଏ ବାବଦରେ ବ୍ୟୟବରାଦ ଥିଲା 94452 କୋଟିଟଙ୍କା । ଏଥର ଏ କ୍ଷେତ୍ରରେ 137 ଶତାଂଶ ଅଧିକ ବ୍ୟୟବରାଦ ହୋଇଛି । ଏ ସଂକ୍ରାନ୍ତ ସବିଶେଷ ତଥ୍ୟ ବଜେଟଭାଷଣର ପରିଶିଷ୍ଟ-1 ରେ ପ୍ରଦାନ କରାଯାଇଛି ।

**ଭୌତିକ ଓ ଆର୍ଥିକ ପୁଞ୍ଜି ଏବଂ ଭିତ୍ତିଭୂମି**

**40.** ପାଞ୍ଚ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ପାଇଁ ଆମ ଦେଶର ମ୍ୟାନୁଫାକଚରିଂ କ୍ଷେତ୍ରର ଅଭିବୃଦ୍ଧି ଦୁଇଅଙ୍କ ବିଶିଷ୍ଟ ହେବା ଜରୁରୀ ଏବଂ ଏଥିରେ ନିରନ୍ତରତା ରକ୍ଷାକରିବାକୁ ପଡିବ । ନିର୍ମାଣ କ୍ଷେତ୍ରର କଂପାନୀମାନେ ବିଶ୍ୱର ଯୋଗାଣ ଶୃଙ୍ଖଳରେ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବାକୁ ହେବ । ଏଥିପାଇଁ ସେମାନଙ୍କୁ ନୂଆ ଟେକନୋଲଜି ବ୍ୟବହାର କରି ଉତ୍ତମମାନର ସାମଗ୍ରୀ ଉତ୍ପାଦନ କରିବାକୁ ପଡିବ । ଭାରତ ଯେଉଁ ପିଏଲଆଇ ସ୍କିମ୍ ଆରମ୍ଭ କରିଛି ଓ ତାହା 13ଟି କ୍ଷେତ୍ର ପାଇଁ ଉଦ୍ଦିଷ୍ଟ । ସଂପୃକ୍ତ ଉଦ୍ୟୋଗୀ ପିଏଲଆଇ ର ଲାଭ ନେଇ ଆତ୍ମନିର୍ଭର ଭାରତ ଯୋଜନାରେ ସାମିଲ ହେବା ଆବଶ୍ୟକ । ଏହି ଯୋଜନା ପାଇଁ ସରକାର ବଜେଟରେ 1.97 ଲକ୍ଷ କୋଟିଟଙ୍କା ଆସନ୍ତା 5 ବର୍ଷ ପାଇଁ ବରାଦ କରିଛନ୍ତି ।

**ବୟନ**

**41.** ବୟନ ଉଦ୍ୟୋଗକୁ ବିଶ୍ୱସ୍ତରରେ ଦକ୍ଷ ଏବଂ ପ୍ରତିଯୋଗିତାକ୍ଷମ କରିବା ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ 7ଟି ବୃହତ୍ ନିବେଶଭିତ୍ତିକ ବୟନ ପାର୍କ (ମିତ୍ର) ପ୍ରତିଷ୍ଠାକରାଯିବ । ଏହିସବୁ ପାର୍କକୁ ପିଏଲଆଇସ୍କିମରେ ଅନ୍ତର୍ଭୁକ୍ତ କରାଯାଇଛି । ତିନି ବର୍ଷରେ ଏହି ସବୁ ପାର୍କ ନିର୍ମିତ ହେବ ।

**ଭିତ୍ତିଭୂମି**

**42.** ଭିତ୍ତିଭୂମି ବିକାଶ ପାଇଁ 2019 ବଜେଟରେ ଜାତୀୟ ଭିତ୍ତିଭୂମି ପାଇପ ଲାଇନ ପ୍ରକଳ୍ପ ବା ଏନ୍ଆଇପି ମୁଁ ଘୋଷଣା କରିଥିଲି । ଏ ଧରଣର ଏହା ପ୍ରଥମ ଅଭିନବ ପ୍ରକଳ୍ପ । ପ୍ରାରମ୍ଭିକ ଅବସ୍ଥାରେ ଏଥିରେ 6835 ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ହୋଇଥିଲା । ଏବେ

ଏହି ସଂଖ୍ୟା 7400କୁ ବୃଦ୍ଧି ପାଇଛି । ପ୍ରାୟ 217 ପ୍ରକଳ୍ପ ଯାହାରମୂଲ୍ୟ 1:10 ଲକ୍ଷ କୋଟି ଟଙ୍କା, ତାହା ଇତିମଧ୍ୟରେ ଏନ୍‌ଆଇପି ମାଧ୍ୟମରେ ସଂପୂର୍ଣ୍ଣ ହୋଇସାରିଲାଣି ।

**43.** ଏନ୍‌ଆଇପି ଏକ ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ। ଆଗାମୀ ଦିନରେ ଏସବୁ ଲକ୍ଷ୍ୟ ପୂରଣ କରିବାକୁ ସରକାର ଅଙ୍ଗୀକୃତ । ଏଥିପାଇଁ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରୁ ପାଣ୍ଠି ଯୋଗାଣ ବ୍ୟବସ୍ଥାକୁ ଅଧିକ କରିବାକୁ ପଡିବ । ଏହି ବଜେଟରେ ଏ କ୍ଷେତ୍ରରେ 3 ପ୍ରକାର ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇଛି । ସେଗୁଡିକହେଲା-

**44.** ପ୍ରଥମତଃ ଏକ ଆନୁଷ୍ଠାନିକ ଢାଞ୍ଚା ତିଆରିକରାଯିବ । ଦ୍ୱିତୀୟରେ ଆସେଟ ମନିଟାଇଜିଂଗୁରୁତ୍ୱ ପାଇବ ଏବଂ ତୃତୀୟରେ ଉଭୟକେନ୍ଦ୍ର ଓ ରାଜ୍ୟ ପ୍ରାଦେଶିକ ବଜେଟରେ ପୁଞ୍ଜିଗତ ବ୍ୟୟର ଅଂଶ ବୃଦ୍ଧି କରାଯିବ ।

**ଭିତ୍ତିଭୂମିଅର୍ଥ ଯୋଗାଣ- ବିକାଶ ବିତ୍ତୀୟ ପ୍ରତିଷ୍ଠାନ (ବିଏଫ୍‌ଆଇ)**

**45.** ଅର୍ଥନୈତିକ ଅଭିବୃଦ୍ଧି ପାଇଁଭିତ୍ତିଭୂମିବିକାଶ ଓ ଏଥିପାଇଁ ଦୀର୍ଘମିଆଦି ଋଣ ଯୋଗାଣର ଆବଶ୍ୟକତା ରହିଛି । ସେଥିପାଇଁ ପେସାଦାରୀ ଢଙ୍ଗରେ ଏକ ବିତ୍ତ ବିକାଶ ପ୍ରତିଷ୍ଠାନ ଏକାନ୍ତ ଜରୁରୀ । ତାହାକୁ ଦୃଷ୍ଟିରେ ରଖିଏଭଳି ଏକ ସଂସ୍ଥା ଗଠନ କରାଯିବାର ପରିକଳ୍ପନା ରହିଛି । ଏଥିପାଇଁ ମୁଁ ଏକ ବିଲ୍ ଆଣିବି । ଚଳିତ ବଜେଟରେ ଏ ବାବଦରେ 20 ହଜାର କୋଟିଟଙ୍କା ଯୋଗାଇ ଦିଆଯାଇଛି । ତିନିବର୍ଷ ମଧ୍ୟରେ ଏହି ସଂସ୍ଥା 5 ଲକ୍ଷ କୋଟି ଟଙ୍କାର ଋଣ ସୁବିଧା ଯୋଗାଇ ଦେଇପାରିବ ।

**46.** ବିଦେଶୀ ପ୍ରତିଭୂତି ନିବେଶକଙ୍କ ଇନ୍‌ଭିଟ୍ସ ଓ ଆରଇଆଇଟିର ଋଣ ସୁଝିବା ପାଇଁ ପ୍ରଚଳିତ ଆଇନରେ ଆବଶ୍ୟକ ସଂଶୋଧନ କରାଯିବ । ଏହା ଫଳରେ ଇନ୍‌ଭିଟ୍ସ ଏବଂ ଆରଇଆଇଟିଗୁଡିକୁ ସହଜରେ ପାଣ୍ଠି ଆସିପାରିବ । ସେହି ଅର୍ଥ ଭିତ୍ତିଭୂମି ଓ ରିଅଲ ଇଷ୍ଟେଟ କ୍ଷେତ୍ରର ପାଣ୍ଠି ଆବଶ୍ୟକତାକୁ ପୂରଣ କରିପାରିବ ।

**ସମ୍ପତ୍ତିକୁ ଆୟ ଯୋଗ୍ୟ କରିବା (ଆସେଟ ମନିଟାଇଜେସନ)**

**47.** ସରକାରଙ୍କର ଯେଉଁ ବିପୁଳ ଭିତ୍ତିଭୂମି ଓ ସଂପତ୍ତି ରହିଛି ସେଥିରୁ ଅନେକ ଅଣ ଉତ୍ପାଦନକ୍ଷମ । ସେସବୁ ସଂପତ୍ତିକୁ ବିନିଯୋଗ କରି ଆୟ ଯୋଗ୍ୟ କରାଇବା ପାଇଁ

ସରକାରଙ୍କର ଜାତୀୟ ମନିଟାଇଜେସନ ପାଇପ ଲାଇନ ଯୋଜନା ରହିଛି । ଯେଉଁସବୁଏଭଳି ପୁରୁଣା ଭିତ୍ତିଭୂମି ରହିଛି ସେଥିପାଇଁ ଖୁବ୍‌ଶୀଘ୍ର ଏକ ଆସେଟ ମନିଟାଇଜେସନ ଡ୍ୟାସବୋର୍ଡ ପ୍ରସ୍ତୁତ କରାଯିବ । ଏହା ମାଧ୍ୟମରେ ଏସବୁ ସମ୍ପତ୍ତିର ଚିହ୍ନଟୀକରଣ ଏବଂ ଏଥିରେ ପୁଞ୍ଜି ନିବେଶର ସମ୍ଭାବନା ଆଦିକୁ ଅନୁଧ୍ୟାନ କରାଯିବ। ଏ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡିକହେଲା-

(କ) ଏହି ମନିଟାଇଜେସନ କାର୍ଯ୍ୟକ୍ରମ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଓ ପିଜିସିଆଇଏଲ ବିଦେଶୀ ଘରୋଇ ସଂସ୍ଥାଗତ ପୁଞ୍ଜି ନିବେଶକଙ୍କୁ ଆକର୍ଷିତ କରିବେ । ଏଥିପାଇଁ ଗଠିତ ଇନ୍‌ଭିଟ୍‌କୁ 5 ହଜାର କୋଟିଟଙ୍କା ମୂଲ୍ୟର 5ଟି କାର୍ଯ୍ୟକ୍ଷମ ସଡକକୁ ହସ୍ତାନ୍ତର କରାଯାଇଛି । ସେହିଭଳି ପିଜିସିଆଇଏଲକୁ ୭ ହଜାର କୋଟିଟଙ୍କା ମୂଲ୍ୟର ଟ୍ରାନ୍ସମିସନ ସଂପତ୍ତି ହସ୍ତାନ୍ତରିତ ହୋଇଛି ।

(ଖ) ରେଳବାଇ ମଧ୍ୟ ଡେଡିକେଟେଡ ଫ୍ରେଟ କରିଡରର ସଂପତ୍ତିକୁ ରୋଜଗାରରେ ଲଗାଇବ ଏବଂ ତା ମାଧ୍ୟମରେ ଏହାର ପରିଚାଳନା, ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟ କରିବ ।

(ଗ) ପରବର୍ତ୍ତୀ ପର୍ଯ୍ୟାୟରେ ବିମାନ ବନ୍ଦର ମନିଟାଇଜେସନ କାର୍ଯ୍ୟ ହାତକୁ ନିଆଯିବ ।

(ଘ) ଜାତୀୟ ରାଜପଥର ବିଭିନ୍ନ ଟୋଲଗେଟ, ବିଭିନ୍ନ ରାଷ୍ଟ୍ରାୟତ୍ତ ତୈଳ କଂପାନୀର ସଂପତ୍ତି, ବିଭିନ୍ନ ଷ୍ଟାଡିୟମ ଆଦି ଏହି ମନିଟାଇଜେସନ ପ୍ରକ୍ରିୟାର ଅନ୍ତର୍ଭୁକ୍ତ ହେବ।

**ବଜେଟରେ ପୁଞ୍ଜିଗତବ୍ୟୟ ଯଥେଷ୍ଟ ବଢିଛି**

**48.** 2020-21 ବଜେଟରେ ଆମେ ପୁଞ୍ଜିଗତ ବ୍ୟୟ ପାଇଁ 4.12 ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରିଥିଲୁ । ପୁଞ୍ଜି ଅଭାବ ସତ୍ତ୍ୱେ ଆମେ ଏ କ୍ଷେତ୍ରରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଥିଲୁ । ସେହି ଆର୍ଥିକ ବର୍ଷ ଶେଷସୁଦ୍ଧା ଆମେ ଏ ଦିଗରେ 4.39 ଲକ୍ଷ କୋଟିଟଙ୍କା ଖର୍ଚ୍ଚ କରିବାକୁ ସକ୍ଷମ ହେବୁ ବୋଲି ହିସାବ କରାଯାଇଛି। ସେହିଭଳି 2021-22 ଆର୍ଥିକ ବର୍ଷ ପାଇଁ ପୁଞ୍ଜିଗତ ବ୍ୟୟବାବଦରେ ମୁଁ 5.54 ଲକ୍ଷ କୋଟି ଟଙ୍କା ବରାଦ କରିଛି । ଏହା ପୂର୍ବବର୍ଷ ତୁଳନାରେ 34.5 ଶତାଂଶ ଅଧିକ । ମୁଁ ମଧ୍ୟ ଅର୍ଥନୈତିକ ବ୍ୟାପାର ମନ୍ତ୍ରଣାଳୟ ପାଖରେ 44 ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ରଖିବା ପାଇଁ ବ୍ୟବସ୍ଥା କରିଛି । ଏହି ଅର୍ଥ ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟକ୍ରମ ଓ ବିଭାଗ ପାଇଁ ଖର୍ଚ୍ଚ ହେବ । ଯେଉଁ ସବୁବିଭାଗ ଓ ମନ୍ତ୍ରଣାଳୟ ଭଲ କାମ କରୁଥିବେ ଏବଂ ସେଥିପାଇଁ ସେମାନେ ଅଧିକ ଅର୍ଥ ଲୋଡୁଥିବେ, ସେମାନଙ୍କୁ ଏହି ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ

। ସେହିଭଳି ବିଭିନ୍ନ ରାଜ୍ୟର ପୌରସଂସ୍ଥା ଏବଂ ସ୍ୱୟଂ ଶାସିତ ସଂସ୍ଥାଗୁଡିକର ପୁଞ୍ଜିଗତ ଆବଶ୍ୟକତା ପୂରଣ ପାଇଁ 2 ଲକ୍ଷ କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ କରାଯାଇଛି ।

**49.** ଆମେ ମଧ୍ୟ ରାଜ୍ୟମାନଙ୍କୁ ଭିତ୍ତିଭୂମି ସୃଷ୍ଟି ପାଇଁ ନିଜ ବଜେଟରୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ଉତ୍ସାହିତକରିବୁ। ସେଥିପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରସ୍ତୁତ କରାଯିବ ।

**ସଡ଼କ ଓ ଜାତୀୟ ରାଜମାର୍ଗ ଭିତ୍ତିଭୂମି**

**50.** ଚଳିତ ବଜେଟରେ 13 ହଜାର କିମି ଲମ୍ବର ନୂଆ ସଡକ ନିର୍ମାଣର ପରିକଳ୍ପନା ରହିଛି । ଏଥିପାଇଁ 2.3 ଲକ୍ଷ କୋଟି ଟଙ୍କା ଖର୍ଚ୍ଚହେବ । ଭାରତମାଳା ପରିଯୋଜନା ଅଧୀନରେ ଇତିମଧ୍ୟରେ 5.35 ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ଦିଆସରିଛି ଏବଂ ସେଥି ମଧ୍ୟରୁ 3800 କିମି ସଡ଼କ ନିର୍ମାଣ ସରିଲାଣି । ମାର୍ଚ୍ଚ 2022 ସୁଦ୍ଧା ଆମେ ଆଉ 8500 କିମି ସଡ଼କ ପ୍ରକଳ୍ପ ଘୋଷଣା କରିବୁ, ଯାହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ। ଏହା ସହିତ ଏହି ସମୟ ମଧ୍ୟରେ 11000 କିମି ଜାତୀୟ ରାଜପଥ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

**51.** ସଡ଼କ ଭିତ୍ତିଭୂମିକୁ ଆହୁରି ବଢାଇବା ପାଇଁ ଦେଶରେ ଅଧିକ ଅର୍ଥନୈତିକ କରିଡର ନିର୍ମାଣ ନିମନ୍ତେ ଚିନ୍ତାକରାଯାଉଛି। ସେଗୁଡିକ ନିମ୍ନରେ ପ୍ରଦାନ କରାଗଲା-

(କ) ତାମିଲନାଡୁରେ 3500 କିମି ଜାତୀୟ ରାଜପଥ ପ୍ରକଳ୍ପ ପାଇଁ 1.03 ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବ । ଏହି ପ୍ରକଳ୍ପରେ ମଦୁରାଇ-କୋଲମ କରିଡର, ଚିତୁର-ତଟଚୁରକରିଡର ଅନ୍ତର୍ଭୁକ୍ତ। ଆସନ୍ତା ବର୍ଷ ଏହାର ନିର୍ମାଣକାର୍ଯ୍ୟ ଆରମ୍ଭ ହେବ।

(ଖ) କେରଳରେ 65000 କୋଟି ଟଙ୍କା ବ୍ୟୟରେ 1100 କିମି ଲମ୍ବ ଜାତୀୟ ରାଜପଥ ପ୍ରକଳ୍ପ ନିର୍ମିତହେବ । ଏଥିରେ ମୁମ୍ବଇ-କନ୍ୟାକୁମାରୀ କରିଡରର 600 କିମି କେରଳ ଅଂଶ ଅନ୍ତର୍ଭୁକ୍ତ ।

(ଗ) ପଶ୍ଚିମବଂଗରେ 25000 କୋଟି ଟଙ୍କା ବ୍ୟୟରେ 675 କିମି ଲମ୍ବ ରାଜପଥ ନିର୍ମାଣକାର୍ଯ୍ୟ ହାତକୁ ନିଆଯିବ। ଏଥିରେ କଲକାତା-ସିଲିଗୁଡି ସଡ଼କର ଉନ୍ନତୀକରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ।

(ଘ) ଆସାମରେ ଏବେ 19000 କୋଟି ଟଙ୍କାର ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହା ବ୍ୟତୀତ ଏହି ରାଜ୍ୟ ପାଇଁ ଅଧିକ 34000 କୋଟି ଟଙ୍କାର

ବ୍ୟୟବରାଦ କରାଯାଇଛି । ଏଥିରେ ରାଜ୍ୟରେ 1300 କିମି ଲମ୍ବର ଜାତୀୟ ରାଜପଥ ପ୍ରକଳ୍ପ ଆସନ୍ତା 3 ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ।

**52.** କେତେକ ଫ୍ଲାଗସିପ୍ କରିଡର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ 2021-22ରେ ପ୍ରମୁଖତା ଲାଭ କରିବ । ତାହାର ତାଲିକା ପରିଶିଷ୍ଟ-2ରେ ପ୍ରଦାନ କରାଯାଇଛି ।

**53.** ମୁଁ ମଧ୍ୟ ସଡ଼କ ଓ ପରିବହନ ମନ୍ତ୍ରଣାଳୟ ପାଇଁ ଏଥର ବଜେଟରେ 118101 କୋଟିଟଙ୍କାର ବର୍ଦ୍ଧିତ ବ୍ୟୟବରାଦ କରିଛି। ସେଥିମଧ୍ୟରୁ ପୁଞ୍ଜିବାବଦରେ 108230 କୋଟିଟଙ୍କା ଯୋଗାଇ ଦିଆଯାଇଛି । ଏହା ଏ ଯାବତ୍ ସର୍ବାଧିକ ପରିମାଣର ଅର୍ଥ ବରାଦ ।

**ରେଳ ଭିତ୍ତିଭୂମି**

**54.** ଭାରତୀୟ ରେଳବାଇ ଏକ ଜାତୀୟ ରେଳଯୋଜନା ପ୍ରସ୍ତୁତ କରିଛି । ଏହା ଜାତୀୟ ରେଳ ଯୋଜନା 2030 ଭାବେ ପରିଚିତ । 2030 ସୁଦ୍ଧା ଦେଶର ଭବିଷ୍ୟତର ରେଳ ଆବଶ୍ୟକତା ପୂରଣ ପାଇଁଏହି ଯୋଜନା ତିଆରି କରାଯାଇଛି ।

**55.** ଆମ ଶିଳ୍ପ ଉଦ୍ୟୋଗ ଗୁଡିକର ସାମଗ୍ରୀ ପରିବହନ ଜନିତ ଖର୍ଚ୍ଚହ୍ରାସ କରିବା ପାଇଁ ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ରଣନୀତି ପ୍ରସ୍ତୁତ ହୋଇଛି । ସେଥିପାଇଁ ଦେଶରେ ବିଭିନ୍ନ ଭାଗରେ ସ୍ୱତନ୍ତ୍ର ରେଳ କରିଡର ବା ଫ୍ରେଟ କରିଡର ତିଆର କରାଯାଉଛି । ଆଶା କରାଯାଉଛି ଯେ ଉଭୟ ୱେଷ୍ଟର୍ଣ୍ଣ ଓ ଇଷ୍ଟର୍ଣ୍ଣ ଡେଡିକେଟେଡ ଫ୍ରେଟ କରିଡର 2022 ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ ହୋଇଯିବ । ଏହାଛଡା ଏ କ୍ଷେତ୍ରରେ ଆଉ ଯେଉଁ ପଦକ୍ଷେପମାନ ଗ୍ରହଣ କରାଯାଇଛି ସେଗୁଡିକ ହେଲା-

(କ) ସୋନାଗର-ଗୋମ ସେକ୍ସନ। ଇଷ୍ଟର୍ଣ୍ଣ ଫ୍ରେଟ କରିଡରର ଏହି ରେଳପଥର ଲମ୍ବ 263.7 କିମି । ଏହା ପିପିପି ମୋଡରେ ଚଳିତ ଆର୍ଥିକ ବର୍ଷଠାରୁ ନିର୍ମିତ ହେବ। ଏହା ଛଡା 274.3 କିମି ଦୈର୍ଘ୍ୟ ଗୋମ-ଡାଙ୍କୁଣି ସେକ୍ସନର ନିର୍ମାଣ କାର୍ଯ୍ୟ ଏହା ପରେ ପରେ ଆରମ୍ଭ ହେବ ।

(ଖ) ଆମେ ମଧ୍ୟ ଖଡଗପୁର-ବିଜୟ ୱାଡା ଇଷ୍ଟକୋଷ୍ଟ ଡେଡିକେଟେଡ ଫ୍ରେଟ କରିଡରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବୁ। ଏହାଛଡା ଇଷ୍ଟ-ୱେଷ୍ଟକରିଡର ଅନ୍ତର୍ଗତ

ଭୁଷାବଳରୁ ଖଡଗପୁର ଓ ଖଡଗପୁରରୁ ଡାଙ୍କୁଣୀ ତଥା ଉତ୍ତର ଦକ୍ଷିଣ କରିଡରର ଇଟାର୍ସୀ-ବିଜୟୱାଡା ସେକ୍ସନର ନିର୍ମାଣକାର୍ଯ୍ୟ ଶୀଘ୍ରହାତକୁ ନିଆଯିବ। ପ୍ରଥମ ପର୍ଯ୍ୟାୟରେ ଏ ସବୁ ପ୍ରକଳ୍ପର ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ।

(ଗ) ରେଳପଥ ବିଦ୍ୟୁତ୍‌କରଣ କାର୍ଯ୍ୟ 2021 ଶେଷସୁଦ୍ଧା 46.330 କିମିରେ ପହଞ୍ଚିବବୋଲି ଆଶା କରାଯାଉଛି। ଅକ୍ଟୋବର 2020 ସୁଦ୍ଧାମୋଟ 41.54 କିମି ରେଳପଥର ବିଦ୍ୟୁତ୍‌କରଣ ହୋଇଥିଲା । 2023 ଡିସେମ୍ବର ସୁଦ୍ଧା ଦେଶର ସବୁ ବ୍ରଡଗେଜ ଲାଇନର ବିଦ୍ୟୁତୀକରଣ କାର୍ଯ୍ୟ ଶେଷହେବ ।

**56.** ରେଳ ଯାତ୍ରୀଙ୍କର ସୁବିଧା ଓ ନିରାପତ୍ତାକୁ ଦୃଷ୍ଟିରେରଖି ଆମେ ଯେଉଁସବୁ ପଦକ୍ଷେପ ନେଇଛୁ ସେଗୁଡିକ ହେଲା-

(କ) ଆମେ ସୁଦୃଶ୍ୟ ଡିଜାଇନରେ ତିଆରି ଭିଷ୍ଟା ଡୋମ ଏଲ୍‌ଏଚବି କୋଚ୍ ପ୍ରଚଳନ କରିବୁ । ପର୍ଯ୍ୟଟକ ଏବଂ ଯାତ୍ରୀଙ୍କୁ ଉତ୍ତମ ଭ୍ରମଣ ଅନୁଭୂତି ଓ ସୁଯୋଗ ଯୋଗାଇବା ପାଇଁ ଏହା ଉଦ୍ଦିଷ୍ଟ । ଟୁରିଷ୍ଟ ରୁଟରେ ଏହିସବୁ ବଗି ଲଗାଯିବ ।

(ଖ) ବିଗତ ଦିନରେ ଯେଉଁସବୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ତାହାର ସୁଫଳ ମିଳୁଛି । ଏହି ଉଦ୍ୟମକୁ ଅଧିକ ସୁଦୃଢ କରିବା ପାଇଁ ଆମେ ଦେଶର ବ୍ୟସ୍ତବହୁଳ ରେଳପଥଗୁଡିକରେ ସ୍ୱଦେଶୀ ତିଆରି ଅଟୋମେଟିକ ଟ୍ରେନ ପ୍ରୋଟେକ୍ସନ ବ୍ୟବସ୍ଥା କାର୍ଯ୍ୟକାରୀ କରିବୁ । ଏହା ଫଳରେ ମାନବିକ ତ୍ରୁଟି ଘଟିଲେ ଟ୍ରେନ-ଟ୍ରେନ ମଧ୍ୟରେ ଧକ୍କା ଆଂଶକା ରହିବ ନାହିଁ ।

(ଗ) ମୁଁ ଏଥର ବଜେଟରେ ରେଳବାଇ ପାଇଁ ରେକର୍ଡ ପରିମାଣର 1,10,055 କୋଟି ଟଙ୍କାର ବ୍ୟୟବରାଦ କରିଛି। ସେଥିମଧ୍ୟରୁ 1,07,100 କୋଟି ଟଙ୍କା ପୁଞ୍ଜି ଗତ ବ୍ୟୟ ବାବଦରେ ଖର୍ଚ୍ଚ ହେବ ।

**ସହରାଞ୍ଚଳ ଭିତ୍ତିଭୂମି**

**57.** ସହରାଞ୍ଚଳରେ ସାଧାରଣ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଆମେ ମେଟ୍ରୋ ରେଳ ନେଟୱାର୍କ ବ୍ୟବସ୍ଥାର ସଂପ୍ରସାରଣ ଦିଗରେ କାର୍ଯ୍ୟ କରିବୁ । ଏହାସହ ଅଧିକରୁ ଅଧିକ ସିଟି ବସ୍ ଚଳାଚଳ ପାଇଁ ଉଦ୍ୟମ କରାଯିବ । ଏ ବାବଦରେ ଯେଉଁ ନୂଆ ଯୋଜନା ପ୍ରସ୍ତୁତ ହୋଇଛି ସେଥିପାଇଁ 18000 କୋଟିଟଙ୍କା ଖର୍ଚ୍ଚହେବ । ଏଥିରେ ସରକାରୀ ବସ ସେବାକୁ ଅଗ୍ରାଧିକାର ଦିଆଯାଇଛି । ଘରୋଇ କ୍ଷେତ୍ରକୁ ଏଥିରେ

ସାମିଲ କରିବା ପାଇଁ ପିପିପି ମଡେଲ ଅନୁସୃତ ହେଉଛି । ଘରୋଇ ଉଦ୍ୟୋଗ ଗୁଡିକ ଏଥିପାଇଁ ଅର୍ଥ ଯୋଗାଇବା ସହ ଏହି ବ୍ୟବସ୍ଥାର ଅଧିଗ୍ରହଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ସଂପୃକ୍ତ ସଂସ୍ଥା କରିବେ । ଏହି ନୂଆ ବ୍ୟବସ୍ଥାରେ ଦେଶର ସହରାଞ୍ଚଳରେ 20,000 ବସ୍ ଚଳାଚଳ କରିବ । ଏହା ଫଳରେ ଅଟୋ ମୋବାଇଲ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବା ସହ ଆର୍ଥିକ ଅଭିବୃଦ୍ଧି ବଢିବ ଏବଂ ନୂଆ ନିଯୁକ୍ତି ସୃଷ୍ଟିହେବ । ସହରାଞ୍ଚଳ ଲୋକଙ୍କ ଗମନାଗମନ ଏହାଦ୍ୱାରା ସହଜ ହେବା ସହିତ ଆମ ଯୁବକଯୁବତୀମାନେ ଅଧିକ ନିଯୁକ୍ତି ସୁଯୋଗ ପାଇବେ ।

**58.** ଏବେ ଦେଶରେ ମୋଟ 702 କିମି ପାରମ୍ପରିକ ମେଟ୍ରୋଲାଇନ କାର୍ଯ୍ୟକ୍ଷମ ହେଉଛି । ଏହାଛଡା 1016 କିମି ନୂଆ ମେଟ୍ରୋ ଲାଇନର ନିର୍ମାଣକାର୍ଯ୍ୟ ଦେଶର 27ଟି ସହରରେ ଚାଲିଛି । ଦୁଇଟି ନୂଆ ଟେକ୍ନୋଲଜି- ମେଟ୍ରୋଲାଇଟ ଓ ମେଟ୍ରୋ ନିଓକୁ ଉପଯୋଗ କରାଯିବ । ଏହାଦ୍ୱାରା ବହୁ କମ୍ ଅର୍ଥ ବ୍ୟୟରେ ସମାନ ସୁବିଧା ସୁଯୋଗ ଥିବା ମେଟ୍ରୋ ରେଳସେବା ଦ୍ୱିତୀୟ ଶ୍ରେଣୀର ସହର ଏବଂ ପ୍ରଥମ ଶ୍ରେଣୀର ସହର ଗୁଡିକର ତଳି ଅଞ୍ଚଳରେ ଯୋଗାଇ ଦିଆଯିବ ।

**59.** କେନ୍ଦ୍ର ସରକାର ପ୍ରତିପକ୍ଷ ପାଣ୍ଠି ଯୋଗାଣ ବ୍ୟବସ୍ଥାରେ ବିଭିନ୍ନ ମେଟ୍ରୋରେଳ ପ୍ରକଳ୍ପକୁ ଅର୍ଥ ଯୋଗାଇ ଦେବେ । ସେଗୁଡିକହେଲା-

(କ) 1957.05 କୋଟିଟଙ୍କାରେ ନିର୍ମିତ 11 କିମି ବିଶିଷ୍ଟ କୋଚି ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ।

(ଖ) 118.9 କିମି ବିଶିଷ୍ଟ ଚେନ୍ନଇ ମେଟ୍ରୋ ରେଳ ଦ୍ୱିତୀୟ ପର୍ଯ୍ୟାୟ ପାଇଁ 63243 କୋଟି ଟଙ୍କା ।

(ଗ) 55.19 କିମି ବିଶିଷ୍ଟ ବେଙ୍ଗାଲୁରୁ ମେଟ୍ରୋ ରେଳର ଦ୍ୱିତୀୟ ପର୍ଯ୍ୟାୟ ପାଇଁ 14788 କୋଟି ଟଙ୍କା ।

(ଘ) ନାଗପୁର ମେଟ୍ରୋ ଦ୍ୱିତୀୟ ରେଳ ପ୍ରକଳ୍ପ ପାଇଁ 5967 କୋଟି ଓ ନାସିକ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ 2092 କୋଟି ଟଙ୍କା ।

**ଉର୍ଜା ଭିତ୍ତିଭୂମି**

**60.** ଉର୍ଜ୍ଜା କ୍ଷେତ୍ରରେ ଗତ 6 ବର୍ଷ ମଧ୍ୟରେ ଦେଶରେ ଅନେକ ସଂସ୍କାର କାର୍ଯ୍ୟକାରୀ ହୋଇଛି ଏବଂ ସେଥିରୁ ବିଶେଷଲାଭ ମଧ୍ୟ ମିଳିଛି । ଆମେ 139 ଗିଗାୱାଟ ଶକ୍ତି ଉତ୍ପାଦନ କରିବାର ସାମର୍ଥ୍ୟ ଓ ଭିତ୍ତିଭୂମି ତିଆରି କରିଛୁ । ଏହାଭିତରେ ଆମେ ଆଉ 2.8 କୋଟି ପରିବାରକୁ ବିଜୁଳି ଯୋଗାଇ ଦେଇପାରିଛୁ ଏବଂ ସର୍ବୋପରି ଆମ ଟ୍ରାନ୍ସମିସନ ଲାଇନରେ 1.41 ଲକ୍ଷ ସର୍କିଟ କିମି ସଂଯୋଗ କରିଛୁ ।

**61.** ଦେଶର ବିଭିନ୍ନ ରାଜ୍ୟରେ ଥିବା ଉଭୟ ସରକାରୀ ଓ ବେସରକାରୀ ବିଜୁଳି ବିତରଣକାରୀ କଂପାନୀଗୁଡିକ ଏକଚାଟିଆ କାରବାର କରୁଛନ୍ତି । ଏଥିପାଇଁ ଉପଭୋକ୍ତାଙ୍କୁ କଂପାନୀ ବାଛିବାର ବିକଳ୍ପ ଦେବାକୁ ପଡିବ । ଏଥିପାଇଁ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରାଯିବ । ଉପଭୋକ୍ତା ଯେପରି ବିଜୁଳି ପ୍ରଦାନକାରୀ କଂପାନୀ ବାଛିବାରେ ବିକଳ୍ପ ପାଇବେ ସେଥିପାଇଁ ଏକ ବ୍ୟବସ୍ଥା କାର୍ଯ୍ୟକାରୀ ହେବ।

**62.** ବିଦ୍ୟୁତ୍ ଆବଣ୍ଟନକାରୀ କଂପାନୀଗୁଡିକର ଆର୍ଥିକ ସ୍ଥିତିକୁ ସୁଧାରିବା ଏକ ଜଟିଳବ୍ୟାପାର । ସେଥିପାଇଁ ଆସନ୍ତା 5 ବର୍ଷ ମଧ୍ୟରେ 305984 କୋଟିଟଙ୍କା ବ୍ୟୟରେ ବିଦ୍ୟୁତ୍ କ୍ଷେତ୍ରର ସଂସ୍କାର ଓ ପୁର୍ନଗଠନ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଏହି ନୂଆ ଯୋଜନାରେ ଡିସ୍‌କମ ଗୁଡିକୁ ଭିତ୍ତିଭୂମି ସୃଷ୍ଟିକରିବା ପାଇଁ ସହାୟତା ଯୋଗାଇ ଦିଆଯିବ । ଏହାଛଡା ପ୍ରିପେଡ ସ୍ମାର୍ଟମିଟରର ବ୍ୟବହାର, ଫିଡର ସେପାରେସନ ବ୍ୟବସ୍ଥାର ଉନ୍ନତି ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ଏହି ସଂସ୍କାର ବ୍ୟବସ୍ଥାରେ ଗୁରୁତ୍ୱ ଦିଆଯିବ ।

**63.** ପ୍ରଧାନମନ୍ତ୍ରୀ 2020 ନଭେମ୍ବରରେ ଅନୁଷ୍ଠିତ ତୃତୀୟ ରି-ଇନ୍‌ଭେଷ୍ଟ ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ ଜାତୀୟ ହାଇଡ୍ରୋଜେନ ଏନର୍ଜି ମିସନ ବିଷୟରେ ଘୋଷଣା କରିଥିଲେ । 2021-22 ବର୍ଷରେ ହାଇଡ୍ରୋଜେନ ଏନର୍ଜି ମିସନକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ରହିଛି। ଏଥିରେ ଅଣପ୍ରଦୂଷିତ ଶକ୍ତିଉତ୍ସରୁ ଉଦ୍‌ଯାନ ବା ହାଇଡ୍ରୋଜେନ ସୃଷ୍ଟି କରାଯିବ।

**ବନ୍ଦର, ଜାହାଜଚଳାଚଳ ଓ ଜଳପଥ**

**64.** ଦେଶର ପ୍ରମୁଖ ବନ୍ଦର ଗୁଡିକ ସେମାନଙ୍କର ନିଜସ୍ୱ ପରିଚାଳନାସେବାରୁବାହାରି ଏକ ନୂଆମଡେଲକୁଉନ୍ନୀତହେବେ । ଏଥିରେଘରୋଇ ଅଂଶୀଦାର ସେମାନଙ୍କର

ପରିଚାଳନାସେବା ନିର୍ବାହକରିବେ। ଏଥିପାଇଁ 2000 କୋଟିର 7ଟି ପ୍ରକଳ୍ପ 2021-22 ବର୍ଷରେ ଘୋଷଣା କରାଯିବ । ଦେଶର ପ୍ରମୁଖ ବନ୍ଦର ଗୁଡିକ ଏହାକୁ ଘରୋଇ-ସରକାରୀ ସହଭାଗିତାରେ କାର୍ଯ୍ୟକାରୀ କରିବେ ।

**65.** ଦେଶରେ ବ୍ୟବସାୟ ବାଣିଜ୍ୟ କାର୍ଯ୍ୟରେଲିପ୍ତ ଥିବା ଦୁର୍ବଳ ବ୍ୟାବସାୟିକ ଜାହାଜ ବାମର୍ଚ୍ଚାଣ୍ଟ ସିପ୍‌ଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ଏକ ଯୋଜନା କାର୍ଯ୍ୟକାରୀ କରିବ । ଏଥିପାଇଁ ସରକାର ଭାରତୀୟ ଜାହାଜ ନିଗମକୁ ସବ୍‌ସିଡି ଯୋଗାଇ ଦେବେ । ଏଥିପାଇଁ ବୈଶ୍ୱିକ ଟେଣ୍ଡର କରାଯିବ । ପାଞ୍ଚବର୍ଷ ପାଇଁ ଏ ବାବଦରେ 1624 କୋଟି ଟଙ୍କା ସରକାର ଯୋଗାଇ ଦେବେ । ଏହି ଉଦ୍ୟମ ଫଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଭାରତୀୟ କଂପାନୀ ଗୁଡିକର ସେୟାର ବିଶ୍ୱ ସାମୁଦ୍ରିକ ବାଣିଜ୍ୟ କାରବାରରେ ବୃଦ୍ଧି ପାଇବ ।

**66.** ଭାରତ 2019 ରେ ଜାହାଜ-ଭଙ୍ଗା (ସିପ୍ ରି-ସାଇକେଲିଂ) ନିୟମ ପ୍ରଣୟନ କରିଛି ଏବଂ ଏଥିସହିତ ହଂକଂ ଆନ୍ତର୍ଜାତିକ ଚୁକ୍ତିକୁ ସ୍ୱୀକୃତି ପ୍ରଦାନ କରିଛି। ଗୁଜରାଟର ଅଲଙ୍ଗରେ ଥିବା ଜାହାଜ ଭଙ୍ଗା କାରଖାନାରେ ପ୍ରାୟ 90ଟି ରି-ସାଇକେଲିଂ ୟାର୍ଡ କାର୍ଯ୍ୟ କରୁଛି । ଏହିସବୁ ୟାର୍ଡକୁ ହଂକଂ ଚୁକ୍ତି ଅନୁକୂଳ ସାର୍ଟିଫିକେଟ ମିଳିଛି । ୟୁରୋପ ଓ ଜାପାନରୁ ଅଧିକରୁ ଅଧିକ ପୁରୁଣା ଜାହାଜ ଭାରତକୁ ଆଣି ତାହାକୁ ଏଠାରେ ଭାଙ୍ଗିବା ସହ ଅନ୍ୟାନ୍ୟ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଉଦ୍ୟମ କରାଯିବ। ଏବେ ଭାରତ ପାଖରେ ଏ କ୍ଷେତ୍ରରେ 4.5 ନିୟୁତ ଲାଇଟ ଡିସ୍ପ୍ଲେସମେଣ୍ଟ ଟନ (ଏଲ୍‌ଡିଟି) ରି-ସାଇକେଲିଂ କ୍ଷମତା ଅଛି। 2024 ସୁଦ୍ଧାଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ଅତିରିକ୍ତ 1.5 ଲକ୍ଷ ନିଯୁକ୍ତି ସୁବିଧା ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

**ପେଟ୍ରୋଲିୟମ ଓ ପ୍ରାକୃତିକଗ୍ୟାସ୍**

**67.** ମହାମାରୀ ସମୟରେ ମଧ୍ୟ ସାରା ଦେଶରେ ପେଟ୍ରୋଲିୟମ ଓ ଅନ୍ୟାନ୍ୟ ଇନ୍ଧନ ଯୋଗାଣ ଅବ୍ୟାହତ ଥିଲା। ଜନସାଧାରଣଙ୍କ ଜୀବନରେ ଏହି କ୍ଷେତ୍ରର ଗୁରୁତ୍ୱ ଦୃଷ୍ଟିରୁ ସରକାର ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ଘୋଷଣା କରିଥିଲେ । ସେଗୁଡିକହେଲା-

(କ) ଉଜ୍ଜ୍ୱଳା ଯୋଜନା, ଯାହାଦ୍ୱାରା ୫ କୋଟି ପରିବାର ଉପକୃତ ହୋଇଛନ୍ତି, ତାହାକୁ ପରିବର୍ଦ୍ଧିତ କରାଯାଇ ଏଥିରେ ଆଉ 1 କୋଟି ଉପଭୋକ୍ତାଙ୍କୁ ସାମିଲ କରାଯିବ ।
(ଖ) ଆମେ ଆସନ୍ତା 3 ବର୍ଷ ମଧ୍ୟରେ ଆଉ 100ଟି ଅଧିକ ସହରକୁ ସିଟି ଗ୍ୟାସ୍ ବଣ୍ଟନ ନେଟୱାର୍କରେ ସାମିଲ କରିବୁ ।
(ଗ) ଜାମ୍ମୁ ଓ କାଶ୍ମୀରରେ ଏକ ଗ୍ୟାସ୍ ପାଇପ ଲାଇନ ପ୍ରକଳ୍ପ ନିର୍ମାଣ କରାଯିବ ।
(ଘ) ଦେଶରେ ଏକ ସ୍ୱାଧୀନ ଗ୍ୟାସ୍ ଟ୍ରାନ୍ସପୋର୍ଟ ସିଷ୍ଟମ ଅପରେଟର ପ୍ରତିଷ୍ଠା କରାଯିବ । ଏହି ସଂସ୍ଥା ବିଭିନ୍ନ ପ୍ରକାର ଗ୍ୟାସ୍ ପାଇପ ଲାଇନର ପରିବହନ ଓ ବୁକିଂ କ୍ଷମତା ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ କାର୍ଯ୍ୟ କରିବ ।

**ବାସ୍ତବ ପୁଞ୍ଜି**

**68.** ସେବି ଅଧିନିୟମ 1992, ପଇଠ ଅଧିନିୟମ 1996, ପ୍ରତିଭୂତି ଅନୁବନ୍ଧ (ନିୟନ୍ତ୍ରଣ) ଅଧିନିୟମ, 1956 ଏବଂ ସରକାରୀ ପ୍ରତିଭୂତି ଅଧିନିୟମ, 2007କୁ ଏକତ୍ରିତ କରି ଏକ ସୁସଙ୍ଗତ ଏକକ ପ୍ରତିଭୂତି ବଜାର କୋଡରେ ପରିଣତ କରିବା ପାଇଁ ମୁଁ ପ୍ରସ୍ତାବ ଦେଉଛି।

**69.** ଜିଆଇଏଫଟି-ଆଇଏଫଏସ୍‌ସିରେ ଏକ ବିଶ୍ୱସ୍ତରୀୟ ଫିନ୍-ଟେକ୍ ହବ୍‌ର ବିକାଶ ପାଇଁ ସରକାର ସମର୍ଥନ କରିବେ।

**70.** ଚାପ ସମୟରେ କର୍ପୋରେଟ ବଣ୍ଡ ମାର୍କେଟରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ସାଧାରଣତଃ ମାଧ୍ୟମିକ ବଜାର ନଗଦ କାରବାରକୁ ବିସ୍ତାର କରିବା ପାଇଁ ଏକ ସ୍ଥାୟୀ ଆନୁଷ୍ଠାନିକ ଢାଂଚା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବିତ ସଂସ୍ଥା ଉଭୟ ଚାପଗ୍ରସ୍ତ ଏବଂ ସ୍ୱାଭାବିକ ସମୟରେ ନିବେଶ ଗ୍ରେଡ୍ ଋଣ ପ୍ରତିଭୂତି କ୍ରୟ କରିବା ସହିତ ବଣ୍ଡ ମାର୍କେଟର ବିକାଶରେ ସାହାଯ୍ୟ କରିବ ।

**71.** 2018-19 ବଜେଟରେ, ସରକାର ଦେଶରେ ଏକ ନିୟନ୍ତ୍ରିତ ସ୍ୱର୍ଣ୍ଣ ବିନିମୟ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ତାଙ୍କର ଉଦ୍ଦେଶ୍ୟ ସମ୍ପର୍କରେ ଘୋଷଣା କରିଥିଲେ । ଏଥିପାଇଁ, ସେବିକୁ ନିୟାମକ ଭାବେ ସୂଚିତ କରାଯିବା ସହିତ ଗୋଦାମ ନିର୍ମାଣ ବ୍ୟତୀତ ଲମ୍ଫ ପ୍ରଦାନ, ପରଖ ଏବଂ ପରିବହନତନ୍ତ୍ର ଆଦି ସମେତ ସାମଗ୍ରୀ ବଜାର ପରିବେଶ

ବ୍ୟବସ୍ଥା ପ୍ରତିଷ୍ଠା ନିମନ୍ତେ ଗୋଦାମ ବିକାଶ ଏବଂ ନିୟାମକ ପ୍ରାଧିକରଣକୁ ମଜବୁତ କରାଯିବ ।

**72.** ନିବଶେକଙ୍କ ସୁରକ୍ଷା ଦିଗରେ, ସମସ୍ତ ଆର୍ଥିକ ଉତ୍ପାଦଗୁଡିକରେ ପୁଞ୍ଜିନିବଶେକାରୀଙ୍କ ଅଧିକାର ଭାବରେ ଏକ ନିବେଶକ ଚାର୍ଟର ପ୍ରଚଳନ କରିବାକୁ ମୁଁ ପ୍ରସ୍ତାବ ଦେଇଛି ।

**73.** ଅଣପାରମ୍ପରିକ ଶକ୍ତିକ୍ଷେତ୍ରକୁ ଆହୁରି ମଜବୁତ କରିବା ପାଇଁ ଭାରତୀୟ ସୌର ଶକ୍ତି ନିଗମକୁ 1000 କୋଟି ଟଙ୍କା ଏବଂ ଭାରତୀୟ ନବୀକରଣୀୟ ଶକ୍ତି ବିକାଶ ଏଜେନ୍ସିକୁ 1500 କୋଟି ଟଙ୍କାର ଅତିରିକ୍ତ ପୁଞ୍ଜି ଯୋଗାଇବାକୁ ମୁଁ ପ୍ରସ୍ତାବ ଦେଇଛି ।

**ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ବୃଦ୍ଧି**

**74.** ବୀମା କମ୍ପାନୀଗୁଡିକରେ ଧାର୍ଯ୍ୟ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ସୀମାକୁ 49% ରୁ 74% କୁ ବୃଦ୍ଧି କରିବା ଏବଂ ସୁରକ୍ଷା କବଚ ସହିତ ବିଦେଶୀ ମାଲିକାନା ଏବଂ ନିୟନ୍ତ୍ରଣକୁ ଅନୁମତି ଦେବାକୁ ବୀମା ଆଇନ୍, 1938ରେ ସଂଶୋଧନ କରିବାକୁ ମୁଁ ପ୍ରସ୍ତାବ ଦେଇଛି । ଅତିକମ୍‌ରେ 50% ନିର୍ଦ୍ଦେଶକ ସ୍ୱାଧୀନ ହୋଇଥିବାରୁ ଏବଂ ଲାଭର ଏକ ନିର୍ଦ୍ଦିଷ୍ଟ ଭାଗ ସାଧାରଣ ଗଚ୍ଛିତ ପାଣ୍ଠି ଆକାରରେ ରଖାଯାଉଥିବାରୁ ଏହି ନୂଆ ବ୍ୟବସ୍ଥାରେ ବୋର୍ଡର ସଂଖ୍ୟାଗରିଷ୍ଠ ନିର୍ଦ୍ଦେଶକ ଏବଂ ପ୍ରମୁଖ ପରିଚାଳନା ଅଧିକାରୀ ଭାରତୀୟ ବାସିନ୍ଦା ହେବେ ।

**ଏକ ନୂତନ ବ୍ୟବସ୍ଥା ସ୍ଥାପନା କରି ଷ୍ଟ୍ରେସଡ୍ ଆସେଟ୍ ରିଜୋଲ୍ୟୁସନ୍**

**75.** ସରକାରୀ ବ୍ୟାଙ୍କ ଦ୍ୱାରା ଅନାଦେୟ ବହୁ ପରିମାଣର ଋଣ ପ୍ରଦାନ କରାଯିବ ଏବଂ ଏଥିଯୋଗୁଁ ଅନାଦେୟ ଋଣ ପରିମାଣ ବୃଦ୍ଧି ପାଇ ଚାଲିଥିବାବେଳେ ଏହି ଅବସ୍ଥାକୁ ଦୂର କରିବାର ଆବଶ୍ୟକତା ଦେଖାଦେଇଛି । ବର୍ତ୍ତମାନଥିବା ଋଣକୁ ଗ୍ରହଣ କରିବା ଏବଂ ଏକାଠି କରିବା ପାଇଁ ଏକ ସମ୍ପତି ପୁନଃର୍ଗଠନ କମ୍ପାନି ଏବଂ ସମ୍ପତି ପରିଚାଳନା କମ୍ପାନି ପ୍ରତିଷ୍ଠା କରାଯିବ ଏବଂ ପରେ ସମ୍ପତିର ଉଚିତ୍ ମୂଲ୍ୟାୟନ ଜାଣିବା ପାଇଁ ବିକଳ୍ପ ନିବେଶ ପାଣ୍ଠି ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ନିବେଶକମାନଙ୍କୁ ସମ୍ପତି ବିନିଯୋଗ କରାଯିବ ।

**ପିଏସବି ଗୁଡିକର ପୁନଃ ଅର୍ଥଲଗାଣ**

**76.** ପିଏସବି ଗୁଡିକର ଆର୍ଥିକ କ୍ଷମତାକୁ ଆହୁରି ଦୃଢ କରିବା ସକାଶେ 2021-22ରେ 20,000 କୋଟି ଟଙ୍କାର ପୁନଃ ଅର୍ଥଲଗାଣ ପାଇଁ ପ୍ରସ୍ତାବ ଦିଆଯାଇଛି ।

**ଜମା ବୀମା**

**77.** ଗତବର୍ଷ ସରକାର ବ୍ୟାଙ୍କ ଗ୍ରାହକଙ୍କ ପାଇଁ ଜମା ବୀମା ସୁରକ୍ଷା ରାଶିକୁ 1 ଲକ୍ଷରୁ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମୋଦନ କରିଥିଲେ । ନିୟମାବଳୀଗୁଡିକୁ ଶୃଙ୍ଖଳିତ କରିବା ପାଇଁ ମୁଁ ଏହି ଅଧିବେଶନରେ ହିଁ ଡିଆଇସିଜିସି ଅଧିନିୟମ, 1961ରେ ସଂଶୋଧନ ଆଣିବି, ଯାହାଦ୍ୱାରା ଯଦି କୌଣସି ବ୍ୟାଙ୍କ ସାମୟିକ ଭାବେ ନିଜ ଦାୟିତ୍ୱ ନିର୍ବାହ କରିବାରେ ଅସମର୍ଥ ହୁଏ, ତେବେ ସେହି ବ୍ୟାଙ୍କର ଜମାକାରୀମାନେ ଜମା ବୀମା ସୁରକ୍ଷା ପରିମାଣର ଜମାରାଶି ଫେରିପାଇବାକୁ ହକଦାର ହୋଇପାରିବେ। ଏହା ଆର୍ଥିକ ଚାପ ସମୟରେ ବ୍ୟାଙ୍କଗୁଡିକର ଜମାକାରୀମାନଙ୍କୁ ସାହାଯ୍ୟ କରିବ ।

**78.** କ୍ଷୁଦ୍ର ଋଣଗ୍ରହୀତାଙ୍କ ସ୍ୱାର୍ଥର ସୁରକ୍ଷାକୁ ଜାରି ରଖିବା ସହିତ ଋଣ ଯୋଗାଣକୁ ବ୍ୟବସ୍ଥିତ କରିବା ପାଇଁ, ସର୍ବନିମ୍ନ 100 କୋଟି ଟଙ୍କାର ସମ୍ପତି ଥିବା ଏନଏଫବିସି ପାଇଁ, ଆର୍ଥିକ ସମ୍ପତିର ନିରାକରଣ ଓ ପୁନଃନିର୍ମାଣ ଏବଂ ସୁରକ୍ଷା ସୁଧ ପ୍ରବର୍ତ୍ତନ (ଏସଏଆରଏଫଏଇଏସଆଇ), ଅଧିନିୟମ 2002 ଅଧିନରେ ରହିଥିବା ସର୍ବନିମ୍ନ ଋଣ

ପରିମାଣ ପାଇଁ ଯୋଗ୍ୟତାକୁ ବର୍ତମାନର 50 ଲକ୍ଷରୁ 20 ଲକ୍ଷକୁ ହ୍ରାସ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି।

**କମ୍ପାନୀ ବିଷୟ**

**79.** କମ୍ପାନି ଅଧିନିୟମ, 2013 ଅଧିନରେ ପ୍ରକ୍ରିୟାଗତ ଏବଂ ପ୍ରାୟୋଗିକ ରଫାଯୋଗ୍ୟ ଅପରାଧଗୁଡିକର ନିରପରାଧକରଣ ବର୍ତମାନ ସମ୍ପୁର୍ଣ୍ଣ ହୋଇଛି ଏବଂ ଏହାପରେ ମୁଁ ବର୍ତମାନ ସିମୀତ ଦାୟିତ୍ୱ ଭାଗିଦାରୀ (ଏଲଏଲପି) ଅଧିନିୟମ, 2008ର ନିରପରାଧକରଣ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛି ।

**80.** ମହାଶୟ, ମୁଁ କମ୍ପାନୀ ଅଧିନିୟମ, 2013 ଅଧିନରେ କ୍ଷୁଦ୍ର କମ୍ପାନୀଗୁଡିକ ପାଇଁ ସେୟାର ବଜାରରୁ ପୁଞ୍ଜିଉଠାଣ ସୀମାକୁ "ସର୍ବାଧିକ 50 ଲକ୍ଷ" ରୁ "ସର୍ବାଧିକ 2 କୋଟି" ପର୍ଯ୍ୟନ୍ତ ଏବଂ କାରବାର ରାଶିକୁ "ସର୍ବାଧିକ 2 କୋଟି"ରୁ "ସର୍ବାଧିକ 20 କୋଟି" ପର୍ଯ୍ୟନ୍ତ ବୃଦ୍ଧି କରି ଏହାର ସଂଜ୍ଞାକୁ ପରିବର୍ତନ କରିବାକୁ ପ୍ରସ୍ତାବ ଦେଉଛି । ଏହା ଦୁଇ ଲକ୍ଷରୁ ଅଧିକ କମ୍ପାନୀଙ୍କୁ ସେମାନଙ୍କ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ ।

**81.** ଷ୍ଟାର୍ଟ ଅପ୍ ଓ ନବସୃଜକମାନଙ୍କୁ ସିଧାସଳଖ ଲାଭ ପହଂଚାଉଥିବା ପଦକ୍ଷେପ ସ୍ୱରୂପ କାରବାର ଓ ସେୟାର ବଜାରରୁ ପୁଞ୍ଜିଉଠାଣ ଉପରେ କୌଣସି କଟକଣା ବିନା ଏକକ ସତ୍ୱାଧିକାରୀ କମ୍ପାନୀ (ଓପିସି)ଗୁଡିକର ବିକାଶକୁ ଅନୁମତି ପ୍ରଦାନ ଏବଂ ଯେକୌଣସି ସମୟରେ ସେଗୁଡିକୁ ଯେକୌଣସି ପ୍ରକାରର କମ୍ପାନୀରେ ପରିବର୍ତନ କରିବା ପାଇଁ ଅନୁମତି ପ୍ରଦାନ ତଥା ଭାରତୀୟ ନାଗରିକମାନଙ୍କ ପାଇଁ ବିଧିବଦ୍ଧ ନିବାସ ସୀମାକୁ 182 ଦିନରୁ 120 ଦିନକୁ ହ୍ରାସ କରିବା ବ୍ୟତୀତ ପ୍ରବାସୀ ଭାରତୀୟମାନଙ୍କୁ ଭାରତରେ ଓପିସି ପ୍ରତିଷ୍ଠା ପାଇଁ ଅନୁମତି ପ୍ରଦାନ ଭଳି ଏକକ ସତ୍ୱାଧିକାରୀ କମ୍ପାନୀଗୁଡିକୁ ପ୍ରୋତ୍ସାହନ ଯୋଗାଇ ଦେବା ନିମନ୍ତେ ମୁଁ ପ୍ରସ୍ତାବ ଦେଉଛି ।

**82.** ମାମଲାଗୁଡିକର ତୁରନ୍ତ ଫଇସଲା ସୁନିଶ୍ଚିତ କରିବା ପାଇଁ ଏନସିଏଲଟି ଢାଂଚା ମଜବୁତ କରାଯିବ, ଇ-କୋର୍ଟ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ଏବଂ ଋଣ ସମାଧାନର ବିକଳ୍ପ ପଦ୍ଧତି ଓ ଏମଏସଏମଇ ପାଇଁ ସ୍ୱତନ୍ତ୍ର ଢାଂଚା ପ୍ରଚଳନ କରାଯିବ ।

**83.** ଆଗାମୀ 2021-22 ଆର୍ଥିକ ବର୍ଷରେ ଆମେ ଡାଟା ଆନାଲିଟିକସ, ଆର୍ଟିଫିସିଆଲ ଇଂଟେଲିଜେନ୍ସ, ଯନ୍ତ୍ରଚାଳିତ ଏମସିଏ21 3.0 ସଂସ୍କରଣର ଶୁଭାରମ୍ଭ କରିବୁ। ଏହି 3.0 ସଂସ୍କରଣରେ ଇ-ସ୍କ୍ରୁଟିନି, ଇ-ଆଡଜୁଡିକେସନ୍, ଇ-କନ୍‌ସଲଟେସନ୍ ଓ କମ୍ପଲିଆନସ୍ ମ୍ୟାନେଜମେଂଟ୍ ପାଇଁ ଅତିରିକ୍ତ ମଡ୍ୟୁଲ ରହିବ ।

**ବିନିବେଶ ଏବଂ ନୀତିଗତ ବିକ୍ରୀ**

**84.** କୋଭିଡ୍-19 ସତ୍ୱେ ଆମେ ନୀତିଗତ ବିନିବେଶ ଦିଗରେ କାର୍ଯ୍ୟ କରିଚାଲିଛୁ। ବିପିସିଏଲ୍, ଏୟାର ଇଣ୍ଡିଆ, ସିପିଙ୍ଗ କର୍ପୋରେସନ୍ ଅଫ୍ ଇଣ୍ଡିଆ, କଂଟେନର କର୍ପୋରେସନ୍ ଅଫ୍ ଇଣ୍ଡିଆ, ଆଇଡିବିଆଇ ବ୍ୟାଙ୍କ, ବିଇଏମଏଲ୍, ପବନ୍ ହଂସ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ଭଳି ଅନ୍ୟାନ୍ୟ ସଂସ୍ଥାରୁ ବିନିବେଶ ପ୍ରକ୍ରିୟା 2021-22 ମଧ୍ୟରେ ସଂମ୍ପୂର୍ଣ୍ଣ ହେବ। ଆଇଡିବିଆଇ ବ୍ୟାଙ୍କ ବ୍ୟତୀତ ଆମେ 2021-22ରେ ଦୁଇଟି ସରକାରୀ ବ୍ୟାଙ୍କ ଓ ଗୋଟିଏ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀର ଘରୋଇକରଣ କରିବାକୁ ପ୍ରସ୍ତାବ ଦେଇଛୁ। ଏଥିପାଇଁ ବୈଧାନିକ ସଂଶୋଧନ ଆବଶ୍ୟକ ହେବ ଏବଂ ଏହି ଅଧିବେଶନରେ ସଂଶୋଧନ ଆଣିବାକୁ ମୁଁ ପ୍ରସ୍ତାବ ଦେଇଛି।

**85.** 2021-22ରେ ଆମେ ଏଲଆଇସିର ଆଇପିଓ ମଧ ଆଣିବୁ ଯେଉଁଥିପାଇଁ ଚଳିତ ଅଧିବଶେନ କାଳରେ ହିଁ ମୁଁ ଆବଶ୍ୟକୀୟ ସଂଶୋଧନ ପ୍ରସ୍ତାବ ଆଗତ କରୁଛି ।

**86.** ଆତ୍ମନିର୍ଭର ପ୍ୟାକେଜରେ, ମୁଁ ଘୋଷଣା କରିଥିଲି ଯେ ଆମେ ସରକାରୀ ଉଦ୍ୟୋଗୁଡିକର ରଣନୈତିକ ବିନିବେଶ ପାଇଁ ଏକ ନୀତି ନିର୍ଦ୍ଧାରଣ କରିବାକୁ ଯାଉଛୁ। ମୁଁ ଏକଥା ଘୋଷଣା କରି ଖୁବ୍ ଆନନ୍ଦିତ ଯେ ସରକାର ଏହି ନୀତିକୁ ଅନୁମୋଦନ କରିଛନ୍ତି । ଏହି ନୀତି ସମସ୍ତ ଅଣନୀତିଗତ ଓ ନୀତିଗତ କ୍ଷେତ୍ରରେ ବିନିବେଶ ପାଇଁ ଏକ ସ୍ୱଷ୍ଟ କାର୍ଯ୍ୟଖସଡା ଯୋଗାଇ ଦେବ । ଆମେ 4ଟି କ୍ଷେତ୍ର ବାଛିଛୁ ଯେଉଁଗୁଡିକ ନୀତିଗତ କ୍ଷେତ୍ର ଓ ଯେଉଁଠାରେ ସର୍ବନିମ୍ନ ସିପିଏସଇର ରକ୍ଷଣାବେକ୍ଷଣ ଏବଂ ଅବଶିଷ୍ଟର ଘରୋଇକରଣ କରାଯିବ । ଅବଶିଷ୍ଟ କ୍ଷେତ୍ରର ସମସ୍ତ ସିପିଏସଇଗୁଡିକର

ଘରୋଇକରଣ କରାଯିବ । ଏହି ନୀତିର ପ୍ରମୁଖ ସୂଚନାଗୁଡିକ ଆନେକ୍ସର-4ରେ ଉଲ୍ଲେଖ କରାଯାଇଛି ।

**87.** ବିନିବେଶ ନୀତିକୁ ଅଧିକ ଗତି ପ୍ରଦାନ ପାଇଁ ଯେଉଁ ଯେଉଁ କେନ୍ଦ୍ର ସରକାରୀ ସଂସ୍ଥାଗୁଡିକରେ ନୀତିଗତ ବିନିବେଶ କାର୍ଯ୍ୟକ୍ରମ ହାତକୁ ନିଆଯିବ ସେସବୁର ତାଲିକା ପ୍ରସ୍ତୁତି ଉପରେ କାର୍ଯ୍ୟ କରିବା ପାଇଁ ମୁଁ ନୀତି ଆୟୋଗକୁ କହୁଛି।

**88.** ସେହିଭଳି ରାଜ୍ୟଗୁଡିକୁ ସେମାନଙ୍କର ସରକାରୀ କମ୍ପାନୀଗୁଡିକରେ ବିନିବେଶ କରିବା ପାଇଁ ଉତ୍ସାହିତ କରିବା ସକାଶେ ଆମେ ରାଜ୍ୟଗୁଡିକ ପାଇଁ କେନ୍ଦ୍ରୀୟ ପାଣ୍ଠିର ଏକ ପ୍ରୋତ୍ସାହନ ପ୍ୟାକେଜ୍ ପ୍ରସ୍ତୁତ କରିବୁ ।

**89.** ନିଷ୍କ୍ରିୟ ସମ୍ପତି କେବେବି ଆତ୍ମନିର୍ଭର ଭାରତ ପାଇଁ କୌଣସି ପ୍ରକାର ସହାୟତା ଯୋଗାଇପାରିବ ନାହିଁ । ଅଣ ଅନ୍ତଃସ୍ଥଳ ସମ୍ପତିଗୁଡିକ ମୁଖ୍ୟତଃ ସରକାରୀ ମନ୍ତ୍ରଣାଳୟ/ବିଭାଗ ଏବଂ ସରକାରୀ ଉଦ୍ୟୋଗର ଅତିରିକ୍ତ ଜମିର ସମଷ୍ଟି । ସିଧାସଳଖ ବିକ୍ରୟ କିମ୍ବା ରିହାତି ବା ଏହିଭଳି ଉପାୟରେ ଜମିରୁ ଅର୍ଥ ଉପାର୍ଜନ କରାଯାଇପାରେ । ଏଥିପାଇଁ ବିଶେଷ ଦକ୍ଷତା ଆବଶ୍ୟକ ଏବଂ ଏହି ଉଦ୍ଦେଶ୍ୟ ପାଇଁ ଏକ କମ୍ପାନୀ ଆକାରରେ ଏକ ସ୍ପେଶାଲ ପର୍ପସ୍ ଭେଇକିଲ ବ୍ୟବହାର କରିବା ପାଇଁ ମୁଁ ପ୍ରସ୍ତାବ ଦେଉଛି ଯାହା ଏହି କାର୍ଯ୍ୟ କରିବ।

**90.** ରୁଗଣ ବା କ୍ଷତିରେ ଚାଲୁଥିବା ସିପିଏସଇଗୁଡିକୁ ଠିକ୍ ସମୟରେ ବନ୍ଦ କରିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଆମେ ଏକ ସଂଶୋଧିତ କାର୍ଯ୍ୟଖସଡା ପ୍ରଚଳନ କରିବୁ ଯାହା ଏଭଳି ୟୁନିଟ୍ ଗୁଡିକୁ ଠିକ୍ ସମୟରେ ବନ୍ଦ କରିବା ସୁନିଶ୍ଚିତ କରିବ ।

**91**. 2021-22 ବଜେଟ୍ ଆକଳନରେ ମୁଁ ବିନିବେଶ ବାବଦରୁ 1,75,000 କୋଟି ପାଇବା ପାଇଁ ଆକଳନ କରିଛି ।

**ସରକାରୀ ଆର୍ଥିକ ସଂସ୍କାର**

**92**. ଟ୍ରେଜେରୀ ସିଙ୍ଗଲ ଆକାଉଂଟ୍ (ଟିଏସ୍‌ଏ) ବ୍ୟବସ୍ଥା ଅଧିନରେ ସ୍ୱୟଂଶାସିତ ସଂସ୍ଥାଗୁଡିକ ବାସ୍ତବ ବ୍ୟୟ ସମୟରେ ସରକାରଙ୍କ ଆକାଉଂଟରୁ ସିଧାସଳଖ ଅର୍ଥ ଉଠାଇ ଥାଆନ୍ତି, ଯାହାଦ୍ୱାରା ସୁଧ ବାବଦ ଖର୍ଚ୍ଚ ହ୍ରାସ ହୋଇଥାଏ ।2021-22 ଠାରୁ ଟିଏସଏ ବ୍ୟବସ୍ଥାର ସାର୍ବଜନିନ କାର୍ଯ୍ୟକାରିତାକୁ ଆମେ ସମ୍ପ୍ରସାରିତ କରିବୁ।

**93**. ପଂଚଦଶ ଅର୍ଥ ଆୟୋଗର ସୁପାରିଶକ୍ରମେ ଆମେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାର ସଂଖ୍ୟା ହ୍ରାସ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଭାବେ କାର୍ଯ୍ୟ କରୁଛୁ । ଅଧିକ ପ୍ରଭାବ ନିମନ୍ତେ ଏହା ପରିବ୍ୟୟକୁ ମଜବୁତ୍ କରିବାରେ ସହାୟକ ହେବ।

**94**. ସରକାର ବହୁ-ରାଜ୍ୟ ସମବାୟ ସମିତିର ବିକାଶ ପାଇଁ ପ୍ରତିଶୃତିବଦ୍ଧ ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ । ସମବାୟ ସମିତି ପାଇଁ ସହଜରେ ବ୍ୟବସାୟକୁ ଆହୁରି ସୁଗମ କରିବା ସକାଶେ ମୁଁ ସେମାନଙ୍କ ପାଇଁ ଏକ ପୃଥକ୍ ପ୍ରଶାସନିକ ସଂରଚନା ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛି ।

## 3. ଆକାଂକ୍ଷୀ ଭାରତ ପାଇଁ ସମାବେଶୀ ବିକାଶ

**95**. ମାନ୍ୟବର ବାଚସ୍ପତି ମହୋଦୟ, ଏହି ସ୍ତମ୍ଭ ଅଧିନରେ ମୁଁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, କୃଷକଙ୍କ କଲ୍ୟାଣ ତଥା ଗ୍ରାମୀଣ ଭାରତ, ପ୍ରବାସୀ ଶ୍ରମିକ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ସାମିଲ କରିବି ।

## କୃଷି

**96**. ଆମ ସରକାର କୃଷକଙ୍କ କଲ୍ୟାଣ ପାଇଁ ପ୍ରତିଶୃତିବଦ୍ଧ । ପ୍ରତ୍ୟେକ ସାମଗ୍ରୀର ଉତ୍ପାଦ ମୂଲ୍ୟକୁ ଅନ୍ୟୁନ୍ୟ ଦେଢଗୁଣା ବୃଦ୍ଧିକୁ ସୁନିଶ୍ଚିତ କରିବା ସକାଶେ ଏମଏସପି ଯୁଗ ଏକ ବିରାଟ ପରିବର୍ତନ ମଧ୍ୟରେ ଗତି କରିଛି । ଫସଲ ସଂଗ୍ରହ ସ୍ଥିର ଗତିରେ ବୃଦ୍ଧି ପାଇଚାଲିଛି। ଏହାଦ୍ୱାରା କୃଷକମାନଙ୍କୁ ଅଧିକ କ୍ରୟମୂଲ୍ୟ ଦିଆଯାଇପାରୁଛି ।

**97**. ଗହମ କ୍ରୟ ବାବଦରେ, 2013-14 ମସିହାରେ କୃଷକମାନଙ୍କୁ 33,874 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । 2019-20 ରେ ଏହି ଅର୍ଥ ପରିମାଣ 62,802 କୋଟି ଟଙ୍କା ଥିବାବେଳେ 2020-21 ରେ ଏହି ପରିମାଣରେ ଆହୁରି ବୃଦ୍ଧି କରାଯାଇ 75,060 କୋଟି ଟଙ୍କା ପ୍ରଦାନ କରାଯାଇଛି । 2019-20 ରେ ଗହମ ଚାଷ କରି ଲାଭବାନ ହୋଇଥିବା କୃଷକଙ୍କ ସଂଖ୍ୟା 35.57 ଲକ୍ଷ ଥିବାବେଳେ 2020-21 ରେ 43.36 ଲକ୍ଷକୁ ବୃଦ୍ଧି ପାଇଛି ।

**98**. ଧାନ କ୍ରୟ ବାବଦକୁ 2013-14 ରେ 63,928 କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ 2019-2020 ରେ 1,41,930 କୋଟି ଟଙ୍କା ପ୍ରଦାନ କରାଯାଇଛି । ସେହିଭଳି 2020-2021ରେ ଏହା ଆହୁରି ଅଧିକ 1,72,752 କୋଟି ଟଙ୍କାକୁ ବୃଦ୍ଧି ପାଇବା ଆକଳନ କରାଯାଇଛି । ଲାଭାନ୍ୱିତ ହୋଇଥିବା ଚାଷୀଙ୍କ ସଂଖ୍ୟା 2019-20 ରେ 1.24 କୋଟିରୁ 2020-21 ରେ 1.54 କୋଟିକୁ ବୃଦ୍ଧି ପାଇଛି ।

**99**. ସେହିଭଳି ଡାଲି କ୍ଷେତ୍ରରେ 2013-14 ମସିହାରେ 236 କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ 2019-20 ରେ ଏହାକୁ 8,285 କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା । ବର୍ତମାନ 2020-21 ରେ ଏହି ପରିମାଣ 10,530 କୋଟି ଟଙ୍କା ରହିଛି ଯାହା 2013-14 ଠାରୁ 40ଗୁଣ ଅଧିକ ।

**100**. ସେହିପରି 2013-14ରେ କପା ଚାଷୀଙ୍କୁ 90 କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଏହି ପରିମାଣରେ ଉଲ୍ଲେଖନୀୟ ବୃଦ୍ଧି ଘଟି 2021 ଜାନୁଆରୀ 27 ସୁଦ୍ଧା 25,974 କୋଟି ଟଙ୍କାରେ ପହଞ୍ଚିଛି। ସମ୍ପୁର୍ଣ୍ଣ ବିବରଣୀ ଆନେକ୍ସର-4 ରେ ଉପଲବ୍ଧ।

**101**. ଏଇ ବର୍ଷ ପୂର୍ବରୁ ମାନନୀୟ ପ୍ରଧାନମନ୍ତ୍ରୀ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ । ଏହା ଅଧିନରେ ଗାଁଗୁଡିକରେ ସମ୍ପତି ମାଲିକମାନଙ୍କୁ ସତ୍ତ୍ୱାଧିକାର ପଟ୍ଟା ପ୍ରଦାନ କରାଯାଉଛି । ବର୍ତମାନ ସୁଦ୍ଧା 1,241ଟି ଗାଁର 1.80 ଲକ୍ଷ ସମ୍ପତି ମାଲିକଙ୍କୁ ଏହି କାର୍ଡ ପ୍ରଦାନ କରାଯାଇଛି । 2021-22 ଆର୍ଥିକ ବର୍ଷରେ ଏହି ଯୋଜନାକୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ସମ୍ପ୍ରସାରିତ କରିବା ପାଇଁ ମୁଁ ଏବେ ପ୍ରସ୍ତାବ ଦେଉଛି।

**102**. ଆମ କୃଷକମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଋଣ ଯୋଗାଇଦେବା ପାଇଁ 2022 ଆର୍ଥିକ ବର୍ଷରେ ମୁଁ କୃଷି ଋଣ ପ୍ରଦାନ ଲକ୍ଷ୍ୟକୁ 16.5 ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଛି । ପଶୁପାଳନ, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟଚାଷ ପାଇଁ ଋଣ ଯୋଗାଣ ବୃଦ୍ଧି ସୁନିଶ୍ଚିତ କରିବା ଉପରେ ଆମେ ଧ୍ୟାନ ଦେବୁ ।

**103**. ଆମେ ଗ୍ରାମୀଣ ଭିତିଭୂମି ବିକାଶ ପାଣ୍ଠି ପାଇଁ ଅନୁଦାନକୁ 30,000 କୋଟିରୁ 40,000 କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରୁଛୁ।

**104**. ନାବାର୍ଡ ଅଧିନରେ 5,000 କୋଟି ମୂଳଧନରେ ଅଣୁ ଜଳସେଚନ ପାଣ୍ଠି ସୃଷ୍ଟି ହୋଇଛି, ଏଥିରେ ଆଉ 5,000 କୋଟି ବୃଦ୍ଧି କରି ଏହାକୁ ଦ୍ୱିଗୁଣିତ କରିବାକୁ ମୁଁ ପ୍ରସ୍ତାବ ଦେଉଛି ।

**105**. କୃଷି ଓ ଆନୁଷଙ୍ଗିକ ଉତ୍ପାଦ ଏବଂ ସେଗୁଡିକର ରପ୍ତାନୀରେ ଗୁଣବତା ବୃଦ୍ଧି ପାଇଁ ବର୍ତମାନ ବିଲାତି, ପିଆଜ ଓ ଆଳୁ ପାଇଁ ପ୍ରଯୁଜ୍ୟ 'ଅପରେସନ୍ ଗ୍ରୀନ୍ ସ୍କିମ୍' ପରିସରକୁ ବ୍ୟାପକ କରାଯାଇ ଏଥିରେ 22ଟି ଶୀଘ୍ର ନଷ୍ଟ ହୋଇଯାଉଥିବା ଉତ୍ପାଦ ସାମିଲ୍ କରାଯିବ ।

**106**. ଇ-ନାମ ମାଧ୍ୟମରେ 1.68 କୋଟି କୃଷକ ପଞ୍ଜିକୃତ ହୋଇଛନ୍ତି ଏବଂ 1.14 ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରାଯାଇଛି । କୃଷି ବଜାରରେ ଇ-ନାମ୍ ଆଣିଥିବା ସ୍ୱଚ୍ଛତା ଓ ପ୍ରତିଯୋଗୀ ଭାବନାକୁ ଦୃଷ୍ଟିରେ ରଖି ଇ-ନାମ୍ ସହିତ ଆହୁରି 1000 ମଣ୍ଡିକୁ ସଂଯୋଗ କରାଯିବ।

**107**. ଏପିଏମସିଗୁଡିକର ଭିତ୍ତିଭୂମୀ ସୁବିଧାକୁ ଆହୁରି ଉତ୍କୃଷ୍ଟ କରିବା ପାଇଁ କୃଷି ଭିତ୍ତିଭୂମୀ ପାଣ୍ଠି ଉପଲବଧ କରାଯିବ।

**ମତ୍ସ୍ୟଚାଷ**

**108.** ଆଧୁନିକ ମାଛଧରା ବନ୍ଦର ଏବଂ ଜେଟିର ବିକାଶ କ୍ଷେତ୍ରରେ ଅଧିକ ନିବେଶ ପାଇଁ ମୁଁ ପ୍ରସ୍ତାବ ଦେଉଛି। ପ୍ରଥମେ 5ଟି ମୁଖ୍ୟ ମାଛଧରା ବନ୍ଦର – କୋଚି, ଚେନ୍ନାଇ,

ବିଶାଖାପାଟନମ୍, ପାରାଦୀପ ଏବଂ ପେଟୁଆଘାଟ୍‌କୁ ଆର୍ଥିକ ଗତିବିଧିର କେନ୍ଦ୍ର ଭାବେ ବିକଶିତ କରାଯିବ। ଆମେ ମଧ୍ୟ ନଦୀ କୂଳ ଓ ଜଳପଥଗୁଡ଼ିକରେ ଅନ୍ତର୍ଦେଶୀୟ ମାଛଧରା ବନ୍ଦର ଏବଂ ମାଛଧରା ଜେଟି ବିକଶିତ କରିବୁ ।

**109**. ସାମୁଦ୍ରିକ ଶୈବାଳ ଚାଷ ହେଉଛି ଏକ ଉଦୀୟମାନ କ୍ଷେତ୍ର ଯାହା ଉପକୂଳ ଅଞ୍ଚଳବାସୀଙ୍କ ଜୀବନକୁ ରୂପାନ୍ତରିତ କରିବାର ସାମର୍ଥ୍ୟ ରଖିଛି । ଏହା ବହୁ ସଂଖ୍ୟାରେ ନିଯୁକ୍ତି ଏବଂ ଅତିରିକ୍ତ ଆୟ ଯୋଗାଇଦେବ । ସାମୁଦ୍ରିକ ଶୈବାଳ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ମୁଁ ତାମିଲନାଡୁରେ ଏକ ବହୁମୁଖୀ ସାଗର ପାର୍କ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛି ।

**ପ୍ରବାସୀ ଶ୍ରମିକ ଓ କର୍ମଚାରୀ**

**110**. ଆମେ ଏକ ଦେଶ ଏକ ରାସନ କାର୍ଡ ଯୋଜନାର ଶୁଭାରମ୍ଭ କରିଛୁ, ଯାହାଦ୍ୱାରା ହିତାଧିକାରୀମାନେ ଦେଶର ଯେକୌଣସି ସ୍ଥାନରୁ ସେମାନଙ୍କର ରାସନ୍ ଉଠାଇ ପାରିବେ । ବିଶେଷକରି ପ୍ରବାସୀ ଶ୍ରମିକମାନେ ଏହି ଯୋଜନାରୁ ଉପକୃତ ହୁଅନ୍ତି – ଯେଉଁମାନେ ନିଜ ପରିବାରଠାରୁ ଦୂରରେ ରହୁଛନ୍ତି ସେମାନେ ସେମାନଙ୍କ ଭାଗର ରାସନ୍ ଯେଉଁଠାରେ ରହୁଛନ୍ତି ସେଠାରୁ ନେଇପାରିବେ ଯେତେବେଳେ କି ଅବଶିଷ୍ଟ ରାସନ୍ ସେମାନଙ୍କ ପରିବାର ଲୋକେ ନିଜ ଜନ୍ମସ୍ଥାନରୁ ଉଠାଇ ପାରିବେ । ମୁଁ ଆପଣମାନଙ୍କୁ ଏହା ଜଣାଇ ଖୁସି ଯେ ଗୋଟିଏ ଦେଶ ଗୋଟିଏ ରାସନ୍ କାର୍ଡ ଯୋଜନା 32ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ କାର୍ଯ୍ୟକାରୀ ହେଉଛି, ଏହାଦ୍ୱାରା ୬୨ କୋଟି ହିତାଧିକାରୀ ଉପକୃତ ହେଉଛନ୍ତି - ଯାହା ମୋଟ ହିତାଧିକାରୀଙ୍କର ୫୬ ପ୍ରତିଶତ । ଅବଶିଷ୍ଟ 4ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ଆଗାମୀ କିଛି ମାସ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।

**111**. ଅସଂଗଠିତ ଶ୍ରମିକ ବିଶେଷକରି ପ୍ରବାସୀ ଶ୍ରମିକମାନଙ୍କ ପ୍ରତି ଆମର ପ୍ରୟାସକୁ ଆହୁରି ଅଧିକ ବିସ୍ତାର କରିବା ନିମନ୍ତେ, ମୁଁ ଏକ ପୋର୍ଟାଲର ଶୁଭାରମ୍ଭ କରିବାକୁ ପ୍ରସ୍ତାବ ଦେଉଛି ଯାହା ଅନ୍ୟମାନଙ୍କ ମଧ୍ୟରେ ମୁକ୍ତବୃତିଧାରୀ, କୋଠାବାଡ଼ି ଏବଂ ନିର୍ମାଣ

ଶ୍ରମିକମାନଙ୍କ ସମ୍ପର୍କରେ ଆବଶ୍ୟକ ତଥ୍ୟ ସଂଗ୍ରହ କରିବ । ଏହା ପ୍ରବାସୀ ଶ୍ରମିକମାନଙ୍କ ପାଇଁ ସ୍ୱାସ୍ଥ୍ୟ, ଆବାସ, ଦକ୍ଷତା, ବୀମା, ଋଣ ଏବଂ ଖାଦ୍ୟ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ ।

**112.** 4ଟି ଶ୍ରମ କୋଡର କାର୍ଯ୍ୟକାରିତା ସହିତ 20 ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପ୍ରକ୍ରିୟାକୁ ଆମେ ସମ୍ପୂର୍ଣ୍ଣ କରିବୁ । ବିଶ୍ୱସ୍ତରରେ ପ୍ରଥମ ଥର ପାଇଁ ସାମାଜିକ ସୁରକ୍ଷା ସୁବିଧା ମୁକ୍ତବୃତିଧାରୀ ଓ ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ବିସ୍ତାର କରାଯିବ। ସବୁବର୍ଗର ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ଲାଗୁ ହେବ ଏବଂ ସେମାନେ ସମସ୍ତେ କର୍ମଚାରୀ ରାଷ୍ଟ୍ର ବୀମା ନିଗମରେ ଅନ୍ତର୍ଭୁକ୍ତ ହେବେ । ମହିଳାମାନଙ୍କୁ ସବୁ ପ୍ରକାର କାମ କରିବା ତଥା ପର୍ଯ୍ୟାପ୍ତ ସୁରକ୍ଷା ସହିତ ରାତିବେଳା କାମ କରିବା ପାଇଁ ମଧ୍ୟ ଅନୁମତି ପ୍ରଦାନ କରାଯିବ । ଏଥିସହିତ, ଏକକ ପଞ୍ଜିକରଣ ଓ ଲାଇସେନ୍ସ ପ୍ରଦାନ ତଥା ଅନଲାଇନ୍ ରିଟର୍ଣ୍ଣ ଦାଖଲ ବ୍ୟବସ୍ଥା ଦ୍ୱାରା ନିଯୁକ୍ତିଦାତାଙ୍କ ବୋଝ ହ୍ରାସ କରାଯିବ ।

**ଆର୍ଥିକ ଅନ୍ତର୍ଭୁକ୍ତିକରଣ**

**113**. ଅନୁସୂଚିତ ଜାତି, ଜନଜାତି ଏବଂ ମହିଳାଙ୍କ ପାଇଁ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା ଅଧିନରେ ଋଣ କାରବାରକୁ ଅଧିକ ସୁଗମ କରିବା ସକାଶେ ମୁଁ ଋଣର ନିରାପତା ବାବଦ ଜମାରାଶିକୁ 25%ରୁ 15%କୁ ହ୍ରାସ କରିବା ସହିତ କୃଷି କ୍ଷେତ୍ର ସହ ଜଡିତ ଗତିବିଧି ପାଇଁ ଋଣ ମଧ୍ୟ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦେଇଛି ।

**114**. ଏମଏସଏମଇ କ୍ଷେତ୍ରକୁ ସମର୍ଥନ କରିବାକୁ ଆମେ ଅନେକ ପଦକ୍ଷେପ ନେଇଛୁ । ଚଳିତ ବଜେଟରେ, ଏହି କ୍ଷେତ୍ର ପାଇଁ ମୁଁ 15,700 କୋଟି ଟଙ୍କା ଯୋଗାଇ ଦେଇଛି, ଯାହା ଚଳିତ ବଜେଟ ଆକଳନର ଦୁଇଗୁଣାରୁ ଅଧିକ ।

**4. ମାନବ ସମ୍ବଳକୁ ପୁନଃ ଶକ୍ତିସମ୍ପନ୍ନ କରିବା**

115. ନିକଟରେ ଘୋଷିତ ଜାତୀୟ ଶିକ୍ଷା ନୀତିକୁ ଉତମ ଗ୍ରହଣୀୟତା ମିଳିଛି ।

**ବିଦ୍ୟାଳୟ ଶିକ୍ଷା**

116. ଜାତୀୟ ଶିକ୍ଷା ନୀତିର ସମସ୍ତ ଉପାଦାନକୁ ଅନ୍ତର୍ଭୁକ୍ତ କରିବା ପାଇଁ 15,000ରୁ ଅଧିକ ବିଦ୍ୟାଳୟକୁ ଗୁଣାତ୍ମକ ଭାବେ ସମ୍ପନ୍ନ କରାଯିବ । ସେଗୁଡିକ ନିଜ ଅଂଚଳର ଉଦାହରଣ ସୃଷ୍ଟିକାରୀ ବିଦ୍ୟାଳୟ ଭାବେ ଉଭା ହୋଇ ଏହି ନୀତିର ଆଦର୍ଶଗୁଡିକୁ ହାସଲ କରିବା ନିମନ୍ତେ ଅନ୍ୟ ବିଦ୍ୟାଳୟଗୁଡିକୁ ପ୍ରେରଣା ଯୋଗାଇବେ ।

**117**. ଏନଜିଓ୍ୱଓ୍ୱଓ / ବେସରକାରୀ ବିଦ୍ୟାଳୟ /ରାଜ୍ୟଗୁଡିକର ଭାଗୀଦାରିରେ 100ଟି ନୂତନ ସୈନିକ ସ୍କୁଲ ପ୍ରତିଷ୍ଠା କରାଯିବ।

**ଉଚ୍ଚ ଶିକ୍ଷା**

**118**. 2019-20 ବଜେଟରେ, ମୁଁ ଭାରତୀୟ ଉଚ୍ଚଶିକ୍ଷା ଆୟୋଗ ଗଠନ ବିଷୟରେ ସୂଚନା ଦେଇଥିଲି । ଏହା କାର୍ଯ୍ୟକାରୀ କରିବା ପାଇଁ ଆମେ ଚଳିତ ବର୍ଷ ଆଇନ୍ ପ୍ରଣୟନ କରିବୁ । ଏହା ମାନକ ନିର୍ଦ୍ଧାରଣ, ସ୍ୱୀକୃତି, ନିୟମାବଳୀ ଏବଂ ପାଣ୍ଠି ସଂଗ୍ରହର 4ଟି ପୃଥକ୍ ବିଭାଗର ମୁଖ୍ୟ ସଂଗଠନ ଭାବେ କାର୍ଯ୍ୟ କରିବ ।

**119**. ଆମର ଅନେକ ସହରରେ ଭାରତ ସରକାରଙ୍କ ଦ୍ୱାରା ସମର୍ଥିତ ବିଭିନ୍ନ ଗବେଷଣା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ ଏବଂ କଲେଜ୍ ରହିଛି । ଉଦାହରଣ ସ୍ୱରୂପ ହାଇଦ୍ରାବାଦରେ ଏଭଳି 40ଟି ପ୍ରମୁଖ ଅନୁଷ୍ଠାନ ରହିଛି । ଏଭଳି 9ଟି ସହରରେ ଆମେ ଏକକ ଆନୁଷ୍ଠାନିକ ସଂରଚନା ସୃଷ୍ଟି କରିବୁ ଯାହାଦ୍ୱାରା ଏହି ଅନୁଷ୍ଠାନଗୁଡିକ ନିଜର ଆଭ୍ୟନ୍ତରୀଣ ସ୍ୱାଧୀନତା ବଜାୟ ରଖିବା ସହ ଅନୁଷ୍ଠାଗୁଡିକ ମଧ୍ୟରେ ସୁସମନ୍ୱୟ ରକ୍ଷା କରାଯାଇପାରିବ । ଏଥିପାଇଁ ଏକ ବିଶେଷ ପାଣ୍ଠିର ବ୍ୟବସ୍ଥା ରଖାଯିବ ।

**120**. ଲଦାଖରେ ଉଚ୍ଚଶିକ୍ଷା ସହଜଲବ୍ଧ ପାଇଁ ମୁଁ ଲେହରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛି ।

**121**. ଜାତୀୟ ଶିକ୍ଷା ନୀତିର ଅଂଶ ଭାବେ ନିଆଯିବାକୁ ଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକ ଆନେକ୍ସର ଭିରେ ସଂଲଗ୍ନ କରାଯାଇଛି ।

## ଅନୁସୂଚୀତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ

**122**. ଆଦିବାସୀ ଅଂଚଳରେ 750ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆମେ ନିଜ ପାଇଁ ଏକ ଲକ୍ଷ୍ୟ ସ୍ଥିର କରିଛୁ । ମୁଁ ଏହିଭଳି ପ୍ରତିଟି ବିଦ୍ୟାଳୟ ପିଛା ଖର୍ଚ୍ଚକୁ 20 କୋଟିରୁ 38 କୋଟି ଏବଂ ପାହାଡିଆ ଅଂଚଳରେ ଏହି ଖର୍ଚ୍ଚକୁ 48 କୋଟି ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛି । ଏହା ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ମଜବୁତ୍ ଭିତିଭୂମି ସୁବିଧା ସୃଷ୍ଟି କରିବାରେ ସାହାଯ୍ୟ କରିବ ।

123. ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ଆମେ ମାଟ୍ରିକ୍ ପରବର୍ତୀ ବୃତି ଯୋଜନାର ପୁନର୍ବିନ୍ୟାସ କରିଛୁ । ଏହି ପରିପ୍ରେକ୍ଷୀରେ ମୁଁ କେନ୍ଦ୍ରୀୟ ସହାୟତାକୁ ମଧ୍ୟ ବୃଦ୍ଧି କରିଛି । 4 କୋଟି ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ଲାଭ ପହଂଚାଇବା ପାଇଁ ଆମେ 2025-2026 ପର୍ଯ୍ୟନ୍ତ 6 ବର୍ଷ ପାଇଁ 35,219 କୋଟି ଟଙ୍କାର ପ୍ରାବଧାନ ରଖୁଛୁ ।

## ଦକ୍ଷକରଣ

**124**. 2016 ମସିହାରେ ଆମେ ରାଷ୍ଟ୍ରୀୟ ଶିକ୍ଷାନବୀଶ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ କରିଛୁ । ଯୁବକମାନଙ୍କ ପାଇଁ ଶିକ୍ଷାନବିଶ ସୁଯୋଗ ପ୍ରଦାନକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟରେ ସରକାର ଶିକ୍ଷାନବୀଶ ଆଇନ୍‌ରେ ସଂଶୋଧନ ଆଣିବାକୁ ଚାହାନ୍ତି । ସ୍ନାତକୋତର ଶିକ୍ଷାନବୀଶ ତାଲିମ୍ ପ୍ରଦାନ, ଇଞ୍ଜିନିୟରିଂ କ୍ଷେତ୍ରର ସ୍ନାତକ ଓ ଡିପ୍ଲୋମାଧାରୀଙ୍କ ପାଇଁ ତାଲିମ୍ ଯୋଗାଇଦେବା ସକାଶେ ଆମେ ଏବେକାର ରାଷ୍ଟ୍ରୀୟ ଶିକ୍ଷାନବୀଶ ତାଲିମ ଯୋଜନାର ପୁନଃର୍ବିନ୍ୟାସ କରିବୁ । ଏଥିପାଇଁ 3000 କୋଟିରୁ ଅଧିକ ଅର୍ଥ ଯୋଗାଇ ଦିଆଯିବ । ପ୍ରମାଣିତ ମାନବଶକ୍ତି ନିୟୋଜନ ସହିତ ଦକ୍ଷତାର ଯୋଗ୍ୟତା, ମୂଲ୍ୟାଙ୍କନ ଏବଂ ପ୍ରମାଣନ ପାଇଁ ଆରବ ଏମିରେଟସ୍‌ର ଭାଗିଦାରୀରେ ଏକ ପଦକ୍ଷେପ ଜାରି ରହିଛି । ଜାପାନର ଔଦ୍ୟୋଗିକ ଓ ଧନ୍ଦାମୂଳକ ଦକ୍ଷତା, କୌଶଳ ଏବଂ ଜ୍ଞାନର ସୁବିଧା ଉପଲବଧ କରାଇବା ପାଇଁ ଭାରତ ଓ ଜାପାନ ମଧ୍ୟରେ ଆମର

ଏକ ସହଯୋଗୀ ଆନ୍ତଃ ତାଲିମ୍ କାର୍ଯ୍ୟକ୍ରମ (ଟିଆଇଟିପି) ରହିଛି । ଏହି ପଦକ୍ଷେପକୁ ଆମେ ଆହୁରି ଅନେକ ଦେଶରେ କାର୍ଯ୍ୟକାରୀ କରିବୁ ।

**5. ଅଭିନବତା ଏବଂ ଗବେଷଣା ଓ ବିକାଶ**

126. ଜୁଲାଇ 2019ରେ ମୁଁ ମୋ ବଜେଟ୍ ଅଭିଭାଷଣରେ ଜାତୀୟ ଗବେଷଣା ପ୍ରତିଷ୍ଠାନ ସମ୍ପର୍କରେ ଘୋଷଣା କରିଥିଲି । ଆମେ ଏବେ ଏଥିପାଇଁ ଆବଶ୍ୟକ ବିଷୟ ଉପରେ କାର୍ଯ୍ୟ ଆରମ୍ଭ କରିଦେଇଛୁ ଏବଂ 5 ବର୍ଷ ମଧ୍ୟରେ 50 ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରତିଷ୍ଠାନ ସ୍ଥାପନ କରାଯିବ । ଚିହ୍ନିତ ଜାତୀୟ ଅଗ୍ରାଧିକାର କ୍ଷେତ୍ରଗୁଡିକ ଉପରେ ଧ୍ୟାନପ୍ରଦାନ ପୂର୍ବକ ଦେଶର ସାମଗ୍ରିକ ଗବେଷଣା ପରିବେଶକୁ ଏହା ସୁନିଶ୍ଚିତ କରିବ ।

**127**. ନିକଟ ଅତୀତରେ ଡିଜିଟାଲ ନେଣଦେଣ ବ୍ୟବସ୍ଥାରେ ବହୁଗୁଣର ବୃଦ୍ଧି ଘଟିଛି । ଡିଜିଟାଲ କାରବାରକୁ ଆହୁରି ବୃଦ୍ଧି କରିବାକୁ ଏକ ପ୍ରସ୍ତାବିତ ଯୋଜନା ପାଇଁ ମୁଁ 1,500 କୋଟି ଟଙ୍କା ପ୍ରଦାନ କରିଛି ଯାହା ବିଭିନ୍ନ ପ୍ରକାର ଡିଜିଟାଲ୍ ନେଣଦେଣକୁ ପ୍ରୋତ୍ସାହିତ କରିବାକୁ ଆର୍ଥିକ ସହାୟତା ଯୋଗାଇଦେବ ।

**128**. ଆମେ ରାଷ୍ଟ୍ରୀୟ ଭାଷା ଅନୁବାଦ ଅଭିଯାନ (ଏନଟିଏଲଏମ୍) ନାମରେ ଏକ ନୂଆ ପଦକ୍ଷେପ ଆରମ୍ଭ କରିବୁ । ଏବେ ପ୍ରମୁଖ ଭାରତୀୟ ଭାଷାସବୁ ଇଂଟରନେଟରେ ଉପଲବଧ ଥିବାରୁ ଏହା ଶାସନ ଓ ନୀତି ସଂକ୍ରାନ୍ତ ଜ୍ଞାନର ସମ୍ବଳକୁ ସକ୍ଷମ କରିବ ।

**129**. ମହାକାଶ ବିଭାଗ ଅଧିନସ୍ଥ ନ୍ୟୁ ସ୍ପେଶ୍ ଇଣ୍ଡିଆ ଲିମଟେଡ୍, ବ୍ରାଜିଲରୁ ଆମାଜନିଆ ଉପଗ୍ରହ ସହ କେତେକ କ୍ଷୁଦ୍ର ଭାରତୀୟ ଉପଗ୍ରହ ବହନ କରି ମହାକାଶ ଅଭିଯାନ ଆରମ୍ଭ କରିବାକୁ ଥିବା ପିଏସଏଲଭି-ସିଏସ୍51ର ଅଭିଯାନକୁ କାର୍ଯ୍ୟକାରୀ କରିବ ।

**130**. ଗଗନାୟନ ମିଶନ କାର୍ଯ୍ୟକଳାପର ଅଂଶସ୍ୱରୂପ 4ଜଣ ଭାରତୀୟ ମହାକାଶଚାରୀ ଋଷରେ ଜେନେରିକ ସ୍ପେଶ୍ ଫ୍ଲାଇଟ୍ କ୍ଷେତ୍ରରେ ତାଲିମପ୍ରାପ୍ତ ହୋଇଛନ୍ତି

। ଡିସେମ୍ବର 2021ରେ ପ୍ରଥମ ମାନବବିହୀନ ମହାକାଶଯାନ ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

**131**. ଆମର ମହାସାଗରଗୁଡ଼ିକ ଜୀବନ୍ତ ଏବଂ ଅଣ-ଜୀବନ୍ତ ସମ୍ବଳର ଏକ ଭଣ୍ଡାର । ଏହି କ୍ଷେତ୍ରକୁ ଅଧିକ ଭଲ ଭାବେ ବୁଝିବା ପାଇଁ ଆମେ ଆଗାମୀ 5 ବର୍ଷ ମଧ୍ୟରେ 4000 କୋଟିରୁ ଅଧିକ ବଜେଟ ଅର୍ଥ ବ୍ୟବସ୍ଥା ମାଧ୍ୟମରେ ଗଭୀର ମହାସାଗର ମିଶନ୍ ଆରମ୍ଭ କରିବୁ । ଗଭୀର ସମୁଦ୍ର ଜୈବ ବିବଧତାର ସଂରକ୍ଷଣ ପାଇଁ ବିଭିନ୍ନ ପ୍ରକଳ୍ପ ଓ ଗଭୀର ସମୁଦ୍ର ସର୍ବେକ୍ଷଣ ଅନ୍ୱେଷଣ କାର୍ଯ୍ୟକ୍ରମକୁ ଏହି ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ।

## 6. ସୀମିତ ସରକାର, ଅସିମୀତ ଶାସନ

**132**. ବାଚସ୍ପତି ମହୋଦୟ, ମୁଁ ବର୍ତମାନ ଛଅଟିଯାକ ସ୍ତମ୍ଭର ଶେଷ ସ୍ତମ୍ଭରେ ପହଞ୍ଚିଛି । ଏହା ଆମର ଅନ୍ୟତମ ମୂଳ ବିଚାରଧାରା ସୀମିତ ସରକାର, ଅସିମୀତ ଶାସନରେ ସଂସ୍କାରମୂଳକ ଯୋଜନାର ରୂପରେଖ ପ୍ରସ୍ତୁତ କରିବ ।

**133**. ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଗତ କିଛି ବର୍ଷ ମଧ୍ୟରେ ଟ୍ରିବ୍ୟୁନାଲରେ ସଂସ୍କାର ଆଣିବା ପାଇଁ ଆମେ ଅନେକ ପଦକ୍ଷେପ ଗ୍ରହଣ କରିଛୁ । ସଂସ୍କାର ପ୍ରକ୍ରିୟା ଜାରି ରଖିବା ସହିତ, ଟ୍ରିବ୍ୟୁନାଲଗୁଡିକର କାର୍ଯ୍ୟକଳାପକୁ ବ୍ୟବସ୍ଥିତ କରିବା ପାଇଁ ଅଧିକ ପଦକ୍ଷେପ ନେବାକୁ ମୁଁ ପ୍ରସ୍ତାବ ଦେଉଛି ।

**134**. 56ଟି ସହଯୋଗୀ ସ୍ୱାସ୍ଥ୍ୟସେବା ବୃତିର ସ୍ୱଷ୍ଟ ଓ ଦକ୍ଷ ନିୟନ୍ତ୍ରଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆମେ ସଂସଦରେ ଆନୁଷଙ୍ଗିକ ସ୍ୱାସ୍ଥ୍ୟସେବା ବୃତିଧାରୀଙ୍କ ପାଇଁ ଜାତୀୟ କମିଶନ୍ ବିଲ୍ ଉପସ୍ଥାପନ କରିଛୁ । ଏଥିସହ, ନର୍ସିଂ ବୃତିରେ ସ୍ୱଚ୍ଛତା, ଦକ୍ଷତା ଏବଂ ଶାସନ ସଂସ୍କାର ଆଣିବା ପାଇଁ ସରକାରଙ୍କ ଦ୍ୱାରା ଆଗତ ଜାତୀୟ ନର୍ସିଂ ଓ ଧାଇ କମିଶନ୍ ବିଲ୍ ପାରିତ କରାଯିବ ।

**135**. ଯେଉଁମାନେ ସରକାରୀ କିମ୍ବା ସିପିଏସଇ ସହ ବ୍ୟବସାୟ କରନ୍ତି ବା ଚୁକ୍ତିଭିତିକ କାର୍ଯ୍ୟ କରନ୍ତି, ସେମାନଙ୍କ ପାଇଁ ସହଜରେ ବ୍ୟବସାୟ କରିବା ସକାଶେ ମୁଁ ଏକ ସମନ୍ୱୟ ପଦ୍ଧତି ଏବଂ ଚୁକ୍ତିଭିତିକ ବିବାଦର ଶୀଘ୍ର ସମାଧାନ ପାଇଁ ଏହାର ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେବାକୁ ପ୍ରସ୍ତାବ ଦେଉଛି । ଏହା ଘରୋଇ ନିବେଶକ ଏବଂ ଠିକାଦାରମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ ।

**136**. ଆଗାମୀ ଜନଗଣନା ଭାରତ ଇତିହାସର ପ୍ରଥମ ଡିଜିଟାଲ ଜନଗଣନା ହୋଇପାରେ । ଏହି ଐତିହାସିକ ତଥା ମାଇଲଖୁଂଟ ସ୍ଥାପନକାରୀ କାର୍ଯ୍ୟ ପାଇଁ 2021-22 ବର୍ଷରେ ମୁଁ 3,768 କୋଟି ଟଙ୍କାର ପ୍ରାବଧାନ କରିଛି।

**137**. ଗୋଆ ପର୍ତ୍ତୁଗୀଜ ଶାସନରୁ ମୁକ୍ତ ହେବାର ହୀରକ ଜୟନ୍ତୀ ପାଳନ କରୁଛି । ଭାରତ ସରକାରଙ୍କ ପକ୍ଷରୁ ମୁଁ ଉତ୍ସବ ପାଇଁ ଗୋଆ ସରକାରଙ୍କୁ 300 କୋଟି ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ରଖୁଛି ।

**138**. ଆସାମ ଓ ପଶ୍ଚିମବଙ୍ଗରେ ଚା ବଗିଚାରେ କାର୍ଯ୍ୟ କରୁଥିବା କର୍ମଚାରୀ ବିଶେଷକରି ମହିଳା ଓ ସେମାନଙ୍କ ପିଲାମାନଙ୍କ କଲ୍ୟାଣ ପାଇଁ 1000 କୋଟି ଟଙ୍କା ଯୋଗାଇ ଦେବାକୁ ମୁଁ ପ୍ରସ୍ତାବ ଦେଉଛି । ଏଥିପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ ।

**ଆର୍ଥିକ ସ୍ଥିତି**

**139**. ମୋ ଅଭିଭାଷଣର ପ୍ରଥମ ଭାଗର ଶେଷ କିଛି ଅନୁଚ୍ଛେଦରେ ମୁଁ ଏହି ପ୍ରସଙ୍ଗ ଉପରେ ଏହି ମହାନ୍ ଗୃହର ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି ଯେ ଚଳିତ ଆର୍ଥିକ ବର୍ଷର ପ୍ରାରମ୍ଭରେ ଅର୍ଥନୀତି ଉପରେ ମହାମାରୀର ପ୍ରଭାବ ଯୋଗୁଁ ରାଜସ୍ୱ ସଂଗ୍ରହ ଦୁର୍ବଳ ହୋଇପଡିଥିଲା । ସମାଜର ସହଜଭେଦ୍ୟ ଶ୍ରେଣୀ ବିଶେଷକରି ଦରିଦ୍ର, ମହିଳା, ତଫସିଲଭୁକ୍ତ ଜାତି, ଉପଜାତି ବର୍ଗର ଲୋକଙ୍କୁ ଅତ୍ୟାବଶ୍ୟକ ରିଲିଫ ଯୋଗାଣ ଜନିତ ବ୍ୟୟ ଏହି ସ୍ଥିତିକୁ ଆହୁରି ଜଟିଳ କରିଥିଲା ।

**140**. ଉପୁଜି ଚାଲିଥିବା ପରିସ୍ଥିତିର ଫଳପ୍ରଦ ମୁକାବିଲା କରିବା ପାଇଁ ମହାମାରୀ ସମୟରେ ଆମେ ଅନେକ ଗୁଡିଏ ମଧ୍ୟମ ଆକାରର ପ୍ୟାକେଜ୍ କାର୍ଯ୍ୟକାରୀ କରିଥିଲୁ ଯାହା ଅନେକ ଦେଶ ଚିନ୍ତା କରିନଥିଲେ । ଯେତେବେଳେ ସ୍ୱାସ୍ଥ୍ୟ ପରିସ୍ଥିତି ସ୍ଥିର ହୋଇଗଲା ଏବଂ ଲକଡାଉନ୍ ଧିରେ ଧିରେ ପ୍ରତ୍ୟାହାର କରି ନିଆଗଲା ସେତେବେଳେ ଘରୋଇ ଚାହିଦାର ପୁନଃରୁଥାନ ନିମନ୍ତେ ଆମେ ସରକାରୀ ବ୍ୟୟ ବୃଦ୍ଧି ଦିଗରେ ମନୋନିବେଶ କଲୁ । ଫଳରେ 2020-21 ଆର୍ଥିକ ବର୍ଷ ପାଇଁ ଆମେ ଆକଳନ କରିଥିବା ବଜେଟ୍ ରାଶି 30.42 ଲକ୍ଷରୁ ବୃଦ୍ଧି କରି 34.50 ଲକ୍ଷକୁ ପୁନଃ ଆକଳନ କଲୁ। ଆମେ ଗୁଣାତ୍ମକ ବ୍ୟୟ ମଧ୍ୟ ବଜାୟ ରଖିଛୁ । ପୁଞ୍ଜିନିବେଶ ପରିମାଣ 2020-21 ରେ ପ୍ରଥମେ 4.12 ଲକ୍ଷ କୋଟି ଟଙ୍କା ଥିବାବେଳେ 2020-21 ସଂଶୋଧିତ ଆକଳନରେ ଏହାକୁ 4.39 ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି ।

**141**. 2020-21 ସଂଶୋଧିତ ଆକଳନରେ ଆର୍ଥିକ ନିଅଂଟ ହାର ସକଳ ଘରୋଇ ଉତ୍ପାଦର 9.8% ରହିବ ବୋଲି ଅନୁମାନ କରାଯାଇଛି । ସରକାରୀ ଋଣ ଉଠାଣ, ବହୁପକ୍ଷୀୟ ଋଣ ଉଠାଣ, କ୍ଷୁଦ୍ର ସଂଚୟ ପାଣ୍ଠି ଏବଂ ସ୍ୱଳ୍ପମିଆଦୀ ଋଣ ଜରିଆରେ ଆମେ ଏହି ବାବଦ ଅର୍ଥ ଯୋଗାଇ ଦେଇଛୁ । ଆମେ ଆଉ 80,000 କୋଟି ଟଙ୍କା ଆବଶ୍ୟକ କରୁଛୁ, ଯାହାକୁ ସଂଗ୍ରହ କରିବା ପାଇଁ ଏହି ଦୁଇ ମାସ ମଧ୍ୟରେ ଆମେ ବଜାରର ସହାୟତା ଲୋଡିବାକୁ ଯାଉଛୁ । ଅର୍ଥନୀତି ଯେଭଳି ଆବଶ୍ୟକ ପ୍ରୋତ୍ସାହନ ପାଏ, ସେଥିପାଇଁ ବଜେଟ୍ ଆକଳନରେ 2021-2022 ରେ 34.83 ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରେ 5.54 ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟର ବ୍ୟବସ୍ଥା କରାଯାଇଛି ଯାହା 2020-2021 ବଜେଟ ଆକଳନର ପରିମାଣଠାରୁ 34.5% ଅଧିକ । 2021-22 ଆର୍ଥିକ ବର୍ଷ ପାଇଁ ଆର୍ଥିକ ନିଅଂଟ ମୋଟ ଘରୋଇ ଉତ୍ପାଦର 6.8% ହେବ ବୋଲି ଆକଳନ କରାଯାଇଛି । ଆସନ୍ତା ବର୍ଷ ପାଇଁ ଘରୋଇ ବଜାରରୁ ମୋଟ ଋଣ ଉଠାଣ ପରିମାଣ ପ୍ରାୟ 12 ଲକ୍ଷ କୋଟି ଟଙ୍କା ହେବ । ଆମେ ଆମର ଆର୍ଥିକ ସୁଦୃଢୀକରଣର ମାର୍ଗରେ ଯାତ୍ରା ଜାରି ରଖିବା ପାଇଁ ଚିନ୍ତା କରୁଛୁ, ଏବଂ 2025-26 ସୁଦ୍ଧା ଆର୍ଥିକ ନିଅଂଟ ସ୍ତରକୁ ସକଳ ଘରୋଇ ଉତ୍ପାଦର 4.5%କୁ ହ୍ରାସ କରିବାର ଲକ୍ଷ୍ୟ ରଖିଛୁ । ପ୍ରଥମତଃ ଉନ୍ନତ ଅନୁପାଳନ ତନ୍ତ୍ର ମାଧ୍ୟମରେ ଟିକସ ରାଜସ୍ୱର ଉତାଳତା ବୃଦ୍ଧି ଏବଂ ଦ୍ୱିତୀୟତଃ ସରକାରୀ ଉଦ୍ୟୋଗ ଓ ଜମି ସମେତ ବିଭିନ୍ନ ସମ୍ପତ୍ତିର

ଆର୍ଥିକକରଣରୁ ଲବଧ ଅର୍ଥ ପରିମାଣ ବୃଦ୍ଧି ଦ୍ୱାରା ଆମେ ଏହି ଆର୍ଥିକ ସୁଦୃଢୀକରଣର ଲକ୍ଷ୍ୟ ହାସଲ କରିବାକୁ ଆଶାବାଦୀ । ଅର୍ଥ ବିଲ୍ ମାଧମରେ ଭାରତର ଅନାବଦ୍ଧ ପାଣ୍ଠିକୁ 500 କୋଟିରୁ 30,000 କୋଟି ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ପ୍ରସ୍ତାବ ରଖାଯାଇଛି ।

**142**. ପଂଚଦଶ ଅର୍ଥ ଆୟୋଗଙ୍କ ମତ ମୁତାବକ ଆମେ 2021-22 ବର୍ଷରେ ରାଜ୍ୟଗୁଡିକ ପାଇଁ ଜିଏସଡିପିର 4% ନେଟ୍ ଋଣର ଏକ ସାଧାରଣ ସିଲିଂକୁ ଅନୁମତି ପ୍ରଦାନ କରୁଛୁ । ଏହି ସିଲିଂର ଏକ ଭାଗ କ୍ରମବର୍ଦ୍ଧିଷ୍ଣୁ ପୁଞ୍ଜି ବ୍ୟୟ ପାଇଁ ଖର୍ଚ୍ଚ ହେବ । ଜିଏସଡିପିର 0.5% ଅତିରିକ୍ତ ଋଣ ସିଲିଂ ମଧ୍ୟ ସର୍ତ ସହିତ ପ୍ରଦାନ କରାଯିବ । ପଂଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଅନୁଯାୟୀ 2023-24 ସୁଦ୍ଧା ରାଜ୍ୟଗୁଡିକର ଆର୍ଥିକ ନିଅଂଟ ଜିଏସଡିପିର 3%ରେ ପହଂଚିବାର ଅନୁମାନ କରାଯାଉଛି ।

**143**. ଜୁଲାଇ 2019-20 ବଜେଟରେ, ଅତିରିକ୍ତ ବଜେଟ ସମ୍ବଳ ଉପରେ ମୁଁ 27 ନମ୍ବର ବିବୃତି ଉପସ୍ଥାପନ କରିଥିଲି – ଭାରତ ସରକାରଙ୍କ ବିଭିନ୍ନ ଯୋଜନାକୁ ପାଣ୍ଠି ଯୋଗାଣ ନିମନ୍ତେ ସରକାରୀ ଏଜେନ୍ସିଗୁଡିକ ଦ୍ୱାରା ଏହି ଋଣ ଉଠାଯାଇଥିବା ଜଣାପଡିଥିଲା ଏବଂ ଏହାର ପୁନଃପଇଠ ବୋଝ ମଧ୍ୟ ସରକାରଙ୍କ ଉପରେ ପଡିଥିଲା। ମୋର 2020-21 ବଜେଟରେ ମୁଁ ସରକାରଙ୍କ ଦ୍ୱାରା ଏଫସିଆଇକୁ ଋଣ ଯୋଗାଣ ସମେତ ବିବୃତିର ପରିସରକୁ ପରିବ୍ୟାପ୍ତ କରିବା ସହ ଏହାର ଭରଣା ପରିସରକୁ ମଧ୍ୟ ବୃଦ୍ଧି କରିଛି । ଏ ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ମୁଁ ଖାଦ୍ୟ ସବସିଡି ବାବଦରେ ଏଫସିଆଇକୁ ମିଳୁଥିବା ଏନ୍ଏସଏସଏଫ ଋଣ ବନ୍ଦ କରିବାକୁ ପ୍ରସ୍ତାବ ଦେଇଛି ଏବଂ ସେହି ଅନୁଯାୟୀ 2020-21 ସଂଶୋଧିତ ଆକଳନ ଏବଂ ବଜେଟ ଆକଳନ 2021-22ରେ ବ୍ୟବସ୍ଥା କରାଯାଇଛି । ଅତିରିକ୍ତ ବଜେଟ ସମ୍ବଳର ପୂର୍ଣ୍ଣାଙ୍ଗ ତଥ୍ୟ ଆନେକ୍ସର 6ରେ ଉପଲବ୍ଧ ।

**144**. ଆମେ ଜାଣିଛୁ ଯେ ଏଫଆରବିଏମ ଅଧିନିୟମ ସକଳ ଘରୋଇ ଉତ୍ପାଦର 3% ଆର୍ଥିକ ନିଅଂଟକୁ 31 ମାର୍ଚ୍ଚ 2020-21 ସୁଦ୍ଧା ହାସଲ କରିବାକୁ ଦାୟିତ୍ୱ ଦେଇଛି । ଚଳିତ ବର୍ଷର ଅଭୂତପୂର୍ବ ଓ ଅପ୍ରତ୍ୟାଶିତ ପରିସ୍ଥିତିର ପ୍ରଭାବ ଏଫଆରବିଏମ ଅଧିନିୟମର ଧାରା 4(5) ଏବଂ 7(3) (ବି) ଅଧିନରେ ବିଚ୍ୟୁତ ବିବରଣୀ

ଉପସ୍ଥାପନ ଆବଶ୍ୟକ କରାଇଛି ଯାହା ମୁଁ ଏଫଆରବିଏମ୍ ଦସ୍ତାବିଜର ଅଂଶ ଭାବେ ଉପସ୍ଥାପନ କରୁଛି ।

**145**. ସ୍ଥୂଳ ମାର୍ଗ ମଧ୍ୟଦେଇ କେନ୍ଦ୍ର ସରକାରଙ୍କ ଆର୍ଥିକ ନିଅଂଟର ଲକ୍ଷ୍ୟ ହାସଲ ଯାହା ବିଷୟରେ ମୁଁ ସଙ୍କେତ ଦେଇସାରିଛି ସେଥିପାଇଁ ମୁଁ ଏଫଆରବିଏମ୍ ଅଧିନିୟମରେ ସଂଶୋଧନ ପ୍ରସ୍ତାବ ଆଗତ କରୁଛି ।

**146**. ପଂଚଦଶ ଅର୍ଥ ଆୟୋଗ 2021-26 ଯାଏଁ ପରିବ୍ୟାପ୍ତ  ଆର୍ଥିକ ରିପୋର୍ଟ 2020 ଡିସେମ୍ବର 9 ତାରିଖରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛି । ସରକାର ରାଜ୍ୟଗୁଡିକର ଉର୍ଦ୍ଧ୍ୱମୁଖୀ ଅଂଶଧନକୁ 48%ରେ ସ୍ଥିର ରଖି ସ୍ପଷ୍ଟୀକରଣ ସ୍ମାରକପତ୍ର ସହିତ ଅର୍ଥ ଆୟୋଗଙ୍କ ରିପୋର୍ଟକୁ ସଂସଦରେ ଉପସ୍ଥାପନ କରିଛନ୍ତି । ଆମେ ଆର୍ଥିକ ସଂଘିୟ ଢାଂଚା ପ୍ରତି ରହିଥିବା ଆମର ପ୍ରତିଶୃତିବଦ୍ଧତାକୁ ସ୍ୱୀକୃତି ଦେଉଛୁ ଏବଂ ସେଥିପାଇଁ ଏହି ସୁପାରିଶଗୁଡିକୁ ପାଳନ କରିବାକୁ ପ୍ରସ୍ତାବ ଦେଉଛୁ । ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କ ସମୟରେ ଜମ୍ମୁ କଶ୍ମୀର ଏକ ରାଜ୍ୟ ଥିବାରୁ କ୍ଷମତା ବିକେନ୍ଦ୍ରୀକରଣ ଅଧିନରେ ରହିଥିଲା । ତେବେ ଜମ୍ମୁ କଶ୍ମୀର ଓ ଲଦାଖକୁ କେନ୍ଦ୍ର ପାଣ୍ଠି ଯୋଗାଇଦେବ । କମିଶନଙ୍କ ସୁପାରିଶ ଅନୁଯାୟୀ 2021-22ରେ 17ଟି ରାଜ୍ୟକୁ ରାଜସ୍ୱ ନିଅଂଟ ଅନୁଦାନ ବାବଦରେ 1,18,452 କୋଟି ଟଙ୍କା ପ୍ରଦାନ କରୁଛି, 2020-21 ବର୍ଷରେ 14ଟି ରାଜ୍ୟ ପାଇଁ ଏହାର ପରିମାଣ ଥିଲା 74,340 କୋଟି।

ମୁଁ ବର୍ତମାନ ମୋ ଅଭିଭାଷଣର ଦ୍ୱିତୀୟ ଭାଗ ଆଡକୁ ଅଗ୍ରସର ହେଉଛି

**147**. ବାଚସ୍ପତି ମହୋଦୟ, ବିଶ୍ୱ ବର୍ତମାନ ମହାମାରୀ ଓ ଏହା ପରବର୍ତୀ ଆକସ୍ମିକ ଆଘାତ ଭଳି ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି । ଏହି କଠିନ ସମୟରେ ଯେତେବେଳେ ଅଧିକାଂଶ ଅର୍ଥନୀତି ପୁନରୁଥାନ ପାଇଁ ସଂଘର୍ଷ ଚଳାଇଛନ୍ତି, ସେତେବେଳେ ଆମ ଲୋକ ଓ ଆମ ଉଦ୍ୟୋଗ ଉଲ୍ଲେଖନୀୟ ଅଦମ୍ୟତା ପ୍ରଦର୍ଶନ କରିଛନ୍ତି ।

**148**. ମୁଁ ଯେଭଳି ପୂର୍ବରୁ କହୁଥିଲି, ମହାମାରୀ ପରବର୍ତୀ ସମୟରେ ଏକ ନୂତନ ବିଶ୍ୱ ବ୍ୟବସ୍ଥା ବିରାଜମାନ ହେଲା ଭଳି ପ୍ରତୀୟମାନ ହେଉଛି, ଯେଉଁଥିରେ ଏସିଆ ଏକ ପ୍ରମୁଖ ସ୍ଥାନ ଅଧିକାର କରିବାକୁ ପ୍ରସ୍ତୁତ ଅଛି ଏବଂ ସେଥିରେ ଭାରତର ଏକ ଅଗ୍ରଣୀ ଭୂମିକା ରହିବ । ଏହିଭଳି ଦୃଶ୍ୟପଟ୍ଟରେ, ଆମର ଟିକସ ବ୍ୟବସ୍ଥା ସ୍ୱଚ୍ଛ ଓ ଦକ୍ଷ ହେବା ସହିତ ଆମ ଦେଶରେ ନିଯୁକ୍ତି ପୁଞ୍ଜିିନିବେଶକୁ ପ୍ରୋତ୍ସାହିତ କରାଯିବା ଉଚିତ୍ । ଏଥିସହିତ ଏହା ଆମ କରଦାତାମାନଙ୍କ ଉପରେ ସର୍ବନିମ୍ନ ଚାପ ପକାଇବା ଆବଶ୍ୟକ ।

ଜଣେ ରାଜା/ଶାସକ ଯିଏ ଧନ ଅର୍ଜନ ଓ ଠୁଳ କରନ୍ତି, ଏହାକୁ ସୁରକ୍ଷିତ ରଖି ସର୍ବସାଧାରଣଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ବିତରଣ କରନ୍ତି ।

- ଥିରୁକୁରାଲ 385

**ପ୍ରତ୍ୟକ୍ଷ ଟିକସ ପ୍ରସ୍ତାବ**

149. ଏହାକୁ ଧ୍ୟାନରେ ରଖି ଆମ ସରକାର କରଦାତା ଓ ଅର୍ଥନୀତିର ଲାଭ ପାଇଁ ପ୍ରତ୍ୟକ୍ଷ କର ବ୍ୟବସ୍ଥାରେ ଅନେକ ସଂସ୍କାର ଲାଗୁ କରିଛନ୍ତି । ମହାମାରୀର କିଛି ମାସ ପୂର୍ବରୁ, ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ଆମେ ଆମର କର୍ପୋରେଟ କରକୁ ହ୍ରାସ କରି ଏହାକୁ ବିଶ୍ୱର ଅନ୍ୟତମ ସର୍ବନିମ୍ନ ସ୍ତରରେ ପରିଣତ କରିବା ପାଇଁ ପ୍ରୟାସ କରିଛୁ । ଡିଭିଡେଣ୍ଡ ବଂଟନ କର ମଧ୍ୟ ଉଚ୍ଛେଦ କରାଯାଇଛି । ରିହାତି ବୃଦ୍ଧି କରି କ୍ଷୁଦ୍ର କରଦାତାମାନଙ୍କ ଉପରେ ଟିକସ ବୋଝକୁ ହାଲୁକା କରାଯାଇଛି । 2014ରେ ରିଟର୍ଣ୍ଣ ଦାଖଲକାରୀଙ୍କ ସଂଖ୍ୟା 3031 କୋଟି ଥିଲାବେଳେ 2020 ମସିହାରେ ଏହା ନାଟକୀୟ ଭାବେ ବୃଦ୍ଧି ପାଇ 6.48 କୋଟିରେ ପହଞ୍ଚିଛି।

**150**. ପ୍ରତ୍ୟକ୍ଷ ଟିକସ ପ୍ରଶାସନରେ, ଆମେ ନିକଟରେ ଫେସଲେସ ଆକଳନ ଓ ଫେସଲେସ ଆବେଦନ ଆରମ୍ଭ କରିଛୁ । ଟିକସ ବ୍ୟବସ୍ଥାର ସରଳୀକରଣ, ସହଜ

ଅନୁପାଳନ ଏବଂ ବିବାଦ ହ୍ରାସ କରିବା ପାଇଁ ମୁଁ ଏବେ ଅଧିକ ପଦକ୍ଷେପ ନେବାକୁ ଚାହୁଁଛି ।

**ବରିଷ୍ଠ ନାଗରିକଙ୍କ ପାଇଁ ରିହାତି**

**151.** ବରିଷ୍ଠ ନାଗରିକମାନଙ୍କୁ ପ୍ରଣାମ ଜଣାଇ ମୁଁ ମୋର ପ୍ରତ୍ୟକ୍ଷ ଟିକସ ପ୍ରସ୍ତାବ ଆଗତ କରୁଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ, ନିଜର ଅନେକ ମୌଳିକ ଆବଶ୍ୟକତାକୁ ପଛରେ ଛାଡିଦେଇ ଆମର ରାଷ୍ଟ୍ର ନିର୍ମାଣ ପାଇଁ ଅଂଟା ଭିଡିଛନ୍ତି।

**152**. ବର୍ତମାନ ଆମ ଦେଶ ସ୍ୱାଧୀନତାର 75ତମ ବର୍ଷରେ, ଯେତେବେଳେ ନୂତନ ଶକ୍ତି, ଶୌର୍ଯ୍ୟ ସହିତ ଆମେ ଆମର ପ୍ରୟାସକୁ ଜାରି ରଖିଛୁ, ସେତେବେଳେ ଆମେ 75 ବର୍ଷ ଓ ତଦୁର୍ଦ୍ଧ ବରିଷ୍ଠ ନାଗରିକଙ୍କ ଉପରୁ ଅନୁପାଳନର ବୋଝ ମଧ୍ୟ ଲାଘବ କରିବାକୁ ପଡିବ । ଯେଉଁ ବରିଷ୍ଠ ନାଗରିକମାନଙ୍କର କେବଳ ପେନସନ୍ ଓ ସୁଧ ଆୟ ରହିଛି, ସେମାନଙ୍କ ପାଇଁ ଆୟକର ରିଟର୍ଣ୍ଣ ଦାଖଲ ଛାଡ କରିବାକୁ ମୁଁ ପ୍ରସ୍ତାବ ଦେଉଛି । ଯେଉଁ ବ୍ୟାଙ୍କରୁ ସେମାନେ ଆୟ ବାବଦ ଅର୍ଥ ପାଉଛନ୍ତି ସେହି ବ୍ୟାଙ୍କଗୁଡିକ ଆବଶ୍ୟକ ଟିକସ କାଟ କରିବେ ।

**ଆୟକର ପ୍ରକ୍ରିୟା ପାଇଁ ସମୟ ହ୍ରାସ**

**153**. ବାଚସ୍ପତି ମହୋଦୟ, ଏବେ ଏକ ଆକଳନକୁ ସାଧାରଣ ଭାବରେ 6 ବର୍ଷ ପାଇଁ ପୁଣିଥରେ ଏବଂ ଗୁରୁତର ଟିକସ ଠକେଇ ମାମଲାରେ 10 ବର୍ଷ ପର୍ଯ୍ୟନ୍ତ ପୁନଃ ଖୋଲାଯାଇପାରିବ । ଫଳସ୍ୱରୂପ, କରଦାତାମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅନିଶ୍ଚିତତା ମଧ୍ୟରେ ରହିବାକୁ ପଡିବ ।

**154**. ତେଣୁ ଆକଳନ ପୁନଃ ବିଚାର କରିବା ସମୟସୀମାକୁ ମୁଁ ବର୍ତମାନର 6 ବର୍ଷରୁ 3 ବର୍ଷକୁ ହ୍ରାସ କରିବା ପାଇଁ ପ୍ରସ୍ତାବ ରଖୁଛି । ଗୁରୁତର ଟିକସ ଫାଙ୍କି ମାମଲାରେ ମଧ୍ୟ, ଯେଉଁଠାରେ ଗୋଟିଏ ବର୍ଷରେ 50 ଲକ୍ଷ କିମ୍ବା ଅଧିକ ଆୟ ଲୁଚାଇବାର ପ୍ରମାଣ ରହିଛି,

ସେଠାରେ ଆକଳନ 10 ବର୍ଷ ପର୍ଯ୍ୟନ୍ତ ପୁନଃ ଖୋଲାଯାଇପାରିବ । ଆୟକର ବିଭାଗର ସର୍ବୋଚ୍ଚ ସ୍ତରରେ ଅର୍ଥାତ୍ ପ୍ରିନସିପାଲ ଚିଫ୍ କମିଶନରଙ୍କ ଅନୁମୋଦନ ପରେ ହିଁ ଏହି ଆକଳନ ପୁନଃ ଖୋଲାଯାଇପାରିବ।

**ବିବାଦ ସମାଧାନ କମିଟି ଗଠନ**

**155**. ବାଚସ୍ପତି ମହୋଦୟ, ବର୍ତମାନ ଟିକସ ବ୍ୟବସ୍ଥାକୁ କ୍ଷତି ପହଂଚାଉଥିବା ବିବାଦଗୁଡିକୁ ହ୍ରାସ କରିବା ଏହି ସରକାରଙ୍କ ସଙ୍କଳ୍ପ ଭାବେ ରହିଆସିଛି ।

**156**. ଦୀର୍ଘ ସମୟଧରି ପଡିରହିଥିବା ବିବାଦୀୟ ମାମଲାଗୁଡିକର ଫଇସଲା ପାଇଁ ଟିକସଦାତାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କ ସମୟ ଓ ସମ୍ବଳ ଉପରେ ଅଧିକ ଚାପରୁ ମୁକ୍ତି ଦେବା ପାଇଁ ସରକାର ପ୍ରତ୍ୟକ୍ଷ କର ଯୋଜନା ବିବାଦ୍ ସେ ବିଶ୍ୱାସ୍ ପ୍ରଚଳନ କରିଛନ୍ତି । ଏହି ଯୋଜନା ପ୍ରତି କରଦାତାମାନେ ସର୍ବୋତମ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହି ଯୋଜନାରେ 1 ଲକ୍ଷ 10 ହଜାରରୁ ଅଧିକ କରଦାତା 85,000 କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଟିକସ ବିବାଦର ସମାଧାନ କରିବା ପାଇଁ ଇଚ୍ଛା ପ୍ରକାଶ କରିସାରିଛନ୍ତି।

**157**. କ୍ଷୁଦ୍ର କରଦାତାମାନଙ୍କ ପାଇଁ ବିବାଦକୁ ଆହୁରି ହ୍ରାସ କରିବା ସକାଶେ ସେମାନଙ୍କ ପାଇଁ ଏକ ବିବାଦ ସମାଧାନ କମିଟି ଗଠନ କରିବାକୁ ମୁଁ ପ୍ରସ୍ତାବ ଦେଇଛି । ଦକ୍ଷତା, ସ୍ୱଚ୍ଛତା ଏବଂ ଉତରଦାୟିତା ସୁନିଶ୍ଚିତ କରିବା ପାଇଁ ଯାହାକୁ ଫେସଲେସ କରାଯିବ। 50 ଲକ୍ଷ ପର୍ଯ୍ୟନ୍ତ ଟିକସଯୋଗ୍ୟ ଆୟ କରୁଥିବା ଏବଂ 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିବାଦୀୟ ଆୟ କରୁଥିବା ଯେକୌଣସି ବ୍ୟକ୍ତି ଏହି କମିଟିର ଦ୍ୱାରସ୍ଥ ହେବାପାଇଁ ଯୋଗ୍ୟ ବିବେଚିତ ହେବ।

**ଫେସଲେସ୍ ଆଇଟିଏଟି**

**158**. ସହଜ ଅନୁପାଳନ ଏବଂ ନିର୍ଣ୍ଣୟ କ୍ଷମତା ହ୍ରାସ କରିବା ପାଇଁ ଆମେ ଟିକସ ପ୍ରକ୍ରିୟାକୁ ଫେସଲେସ୍ କରିବାକୁ ପ୍ରତିଶୃତିବଦ୍ଧ । ସରକାର ଏଇ ବର୍ଷ ପୂର୍ବରୁ ହିଁ ଫେସଲେସ୍ ଆକଳନ ଓ ଆବେଦନ ଆରମ୍ଭ କରିସାରିଛନ୍ତି ।

**159**. ଆୟକର ପୁନର୍ବିଚାର ଟ୍ରିବ୍ୟୁନାଲ୍ ହେଉଛି ଆୟକର ଆବେଦନର ପରବର୍ତୀ ପର୍ଯ୍ୟାୟ । ମୁଁ ଏହି ଟ୍ରିବ୍ୟୁନାଲକୁ ଫେସଲେସ୍ କରିବାକୁ ପ୍ରସ୍ତାବ ଦେଇଛି । ଆମେ ଏକ ନ୍ୟାସନାଲ ଫେସଲେସ ଇନକମ୍ ଟାକ୍ସ ଆପିଲେଟ୍ ଟ୍ରିବ୍ୟୁନାଲ ସେଂଟର ପ୍ରତିଷ୍ଠା କରିବୁ । ଟ୍ରିବ୍ୟୁନାଲ ଓ ଆବେଦନକାରୀଙ୍କ ମଧ୍ୟରେ ସମସ୍ତ ଯୋଗାଯୋଗ ଇଲେକଟ୍ରୋନିକ୍ ମାଧ୍ୟମରେ ହେବ । ଯେଉଁଠାରେ ବ୍ୟକ୍ତିଗତ ଶୁଣାଣି ଆବଶ୍ୟକ ହେବ, ସେଗୁଡିକ ଭିଡିଓ କନଫରେନସିଂ ଜରିଆରେ କରାଯିବ ।

**ପ୍ରବାସୀ ଭାରତୀୟମାନଙ୍କ ପାଇଁ କୋହଳ ବ୍ୟବସ୍ଥା**

**160**. ଯେତେବେଳେ ପ୍ରବାସୀ ଭାରତୀୟମାନେ ଭାରତକୁ ଫେରନ୍ତି, ସେତେବେଳେ ବିଦେଶରେ ଥିବା ତାଙ୍କର ଅବସର ଆକାଉଂଟକୁ ନେଇ ଅନେକ ସମସ୍ୟା ରହିଥାଏ । ଏହା ସାଧାରଣତଃ ଟିକସ ଅବଧିର ଅସଙ୍ଗତି ଯୋଗୁଁ ଘଟିଥାଏ । ସେମାନେ ମଧ୍ୟ ବିଦେଶରେ ଭାରତୀୟ କର ପାଇଁ ଋଣ ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଦ୍ୱୈତ କର ବ୍ୟବସ୍ଥାର ଅସୁବିଧାକୁ ଦୂର କରିବା ପାଇଁ ନୂଆ ନିୟମ ସୂଚୀତ କରିବା ସକାଶେ ମୁଁ ପ୍ରସ୍ତାବ ଦେଇଛି।

**ଅଡିଟରୁ ବାଦ୍**

**161**. ସମ୍ପ୍ରତି ଯଦି ଆପଣଙ୍କ କାରବାର 1 କୋଟି ଅତିକ୍ରମ କରେ ତେବେ ଆପଣଙ୍କୁ ନିଜର ଆକାଉଂଟ ଅଡିଟ୍ କରାଇବାକୁ ପଡିବ। ଫେବୃଆରୀ 2020 ବଜେଟରେ, ଯେଉଁମାନେ ୨5% କାରବାର ଡିଜିଟାଲ ମାଧ୍ୟମରେ କରୁଛନ୍ତି, ମୁଁ ସେମାନଙ୍କ ପାଇଁ ଟିକସ ଅଡିଟ୍ ସୀମାକୁ 5 କୋଟି ଟଙ୍କାକୁ ବୃଦ୍ଧି କରିଛି । ଡିଜିଟାଲ କାରବାରକୁ ଅଧିକ

ପ୍ରୋତ୍ସାହିତ କରିବା ଏବଂ ଅନୁପାଳନ ଭାରକୁ ହ୍ରାସ କରିବା ପାଇଁ ଏଭଳି ବ୍ୟକ୍ତିଙ୍କ ଟିକସ ଅଡିଟ୍ ସୀମାକୁ 5 କୋଟିରୁ 10 କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଁ ପ୍ରସ୍ତାବ ଦେଉଛି ।

**ଡିଭିଡେଣ୍ଡ ପାଇଁ ଆଶ୍ୱସ୍ତି**

**162**. ପୂର୍ବ ବଜେଟରେ, ମୁଁ ନିବେଶକୁ ପ୍ରୋତ୍ସାହନ ଦେବା ପାଇଁ ଡିଭିଡେଣ୍ଡ ଡିସଟ୍ରିବ୍ୟୁସନ୍ ଟାକ୍ସ (ଡିଡିଟି)କୁ ଉଚ୍ଛେଦ କରିଥିଲି । ଅଂଶୀଦାରମାନଙ୍କ ପାଖରେ ଡିଭିଡେଣ୍ଡକୁ କରଯୋଗ୍ୟ କରାଯାଇଛି । ବର୍ତମାନ, ସହଜ ଅନୁପାଳନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ମୁଁ ଆରଇଆଇଟି/ଆଇଏନଭିଆଇଟି ଦେୟକୁ ଟିଡିଏସ୍‌ରୁ ବାଦ୍ ଦେବା ପାଇଁ ପ୍ରସ୍ତାବ ଦେଉଛି। ଏହାଛଡା ଅଗ୍ରୀମ କର ଦେବା ପାଇଁ ଅଂଶୀଦାରମାନେ ସେମାନଙ୍କର ଡିଭିଡେଣ୍ଡ ଆୟର ପରିମାଣକୁ ସଠିକ୍ ଭାବେ ଆକଳନ କରିପାରନ୍ତି ନାହିଁ, ସେଥିପାଇଁ ଘୋଷଣା ଓ ଡିଭିଡେଣ୍ଡ ଦେୟ ପଇଠ ପରେ ଡିଭିଡେଣ୍ଡ ଆୟକୁ ନେଇ ଅଗ୍ରୀମ କର ପ୍ରଦାନ ଦାୟିତ୍ୱ ପାଇଁ ମୁଁ ପ୍ରସ୍ତାବ ଦେଉଛି । ଏହାଛଡା ବିଦେଶୀ ପୁଞ୍ଜି ଲଗାଣକାରୀ ସଂସ୍ଥାଗୁଡିକ ପାଇଁ ମଧ୍ୟ ଡିଭିଡେଣ୍ଡ ଆୟ ଉପରେ ନିମ୍ନ ହାରରେ ଟିକସ ରିହାତି ପାଇଁ ମୁଁ ପ୍ରସ୍ତାବ ରଖୁଛି।

**ଭିତିଭୂମୀ କ୍ଷେତ୍ରକୁ ବିଦେଶୀ ପୁଞ୍ଜିନିବେଶକୁ ଆକର୍ଷିତ କରିବା**

**163**. ଗତ ବଜେଟରେ ଭିତିଭୂମୀ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶକୁ ଆକର୍ଷିତ କରିବା ପାଇଁ ବିଦେଶୀ ସାର୍ବଭୌମ ସମ୍ପତି ପାଣ୍ଠି ଓ ପେନସନ୍ ପାଣ୍ଠି ଯେଉଁମାନେ ଭାରତୀୟ ଭିତିଭୂମୀରେ ପୁଞ୍ଜିନିବେଶ କରି ଆୟ କରିବେ ସେହିଭଳି ବିଦେଶୀ ପୁଞ୍ଜିନିବେଶକାରୀଙ୍କ ପାଇଁ ଆମେ କେତେକ ସର୍ତ ଆଧାରରେ ଶତ ପ୍ରତିଶତ ଟିକସ ଛାଡକୁ ଅନୁମତି ପ୍ରଦାନ କରିଛୁ । ଆମେ ଦେଖିଛୁ ସେଥିମଧ୍ୟରୁ ଅଳ୍ପ କିଛି ପାଣ୍ଠି ଏହିସବୁ ସର୍ତ ପୂରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭାରତରେ ଯେପରି ବହୁ ପରିମାଣର ପୁଞ୍ଜିନିବେଶ ସୁନିଶ୍ଚିତ ହୋଇପାରିବ ତାହା ସୁନିଶ୍ଚିତ କରିବା ସକାଶେ ଘରୋଇ ପୁଞ୍ଜିଲଗାଣ, ବ୍ୟାବସାୟିକ ଗତିବିଧିରେ କଟକଣା ଏବଂ ଭିତିଭୂମୀ ବିକାଶରେ

ପ୍ରତ୍ୟକ୍ଷ ପୁଞ୍ଜିନିବେଶ କ୍ଷେତ୍ର ଉପରେ କଟକଣା ସମ୍ପର୍କିତ କିଛି ସର୍ତ୍ତକୁ କୋହଳ କରିବା ପାଇଁ ମୁଁ ପ୍ରସ୍ତାବ ଦେଉଛି ।

**164**. ଜିରୋ କୁପନ୍ ବଣ୍ଡ ଜାରି ଦ୍ୱାରା ଭିତିଭୂମୀରେ ପୁଞ୍ଜିନିବେଶକୁ ଅନୁମତି ପ୍ରଦାନ ନିମନ୍ତେ ମୁଁ ଭିତିଭୂମୀ ଋଣ ପାଣ୍ଠିକୁ କର ଦକ୍ଷ ଜିରୋ କୁପନ୍ ବଣ୍ଡ ଜାରି ଦ୍ୱାରା ପାଣ୍ଠି ସଂଗ୍ରହ ପାଇଁ ଯୋଗ୍ୟତା ପ୍ରଦାନ କରିବା ସଂକ୍ରାନ୍ତ ପ୍ରସ୍ତାବ ଆଗତ କରୁଛି ।

ସୁଲଭ ଗୃହ/ଭଡାଘର

**165**. ସରକାର 'ସମସ୍ତଙ୍କ ପାଇଁ ବାସଗୃହ' ଏବଂ ସୁଲଭ ଗୃହକୁ ପ୍ରାଥମିକ କ୍ଷେତ୍ର ଭାବେ ବିବେଚନା କରନ୍ତି । ଜୁଲାଇ 2019 ବଜେଟରେ, ଏକ ସୁଲଭ ଘର କିଣିବା ପାଇଁ ନିଆଯାଇଥିବା ଋଣ ସକାଶେ ମୁଁ 1.5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧରେ ଅତିରିକ୍ତ ରିହାତି ପ୍ରଦାନ କରିଛି । ଏହି ରିହାତିର ବୈଧତାକୁ ମୁଁ ଆଉ ଏକ ବର୍ଷ, 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛି। ଏକ ସୁଲଭ ଘର କ୍ରୟ ପାଇଁ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ନିଆଯାଇଥିବା ଋଣ ସକାଶେ 1.5 ଲକ୍ଷ ଅତିରିକ୍ତ ରିହାତି ଉପଲବ୍ଧ ହେବ ।

**166**. ଆଉମଧ୍ୟ, ସୁଲଭ ଗୃହ ଯୋଗାଣ କାର୍ଯ୍ୟକୁ ଜାରି ରଖିବା ପାଇଁ, ସୁଲଭ ଗୃହ ନିର୍ମାଣ ପ୍ରକଳ୍ପଗୁଡିକ ଆଉ ଏକ ବର୍ଷ – 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ଟିକସ ପ୍ରଦାନରୁ ଅବକାଶ ପାଇପାରିବେ ।

**167**. ପ୍ରବାସୀ ଶ୍ରମିକମାନଙ୍କ ପାଇଁ ସୁଲଭ ଭଡା ଘର ଯୋଗାଣକୁ ପ୍ରୋତ୍ସାହିତ କରିବା ସକାଶେ ଆମେ ପ୍ରତିଶୃତିବଦ୍ଧ। ଏଥିପାଇଁ ବିଜ୍ଞପିତ ସୁଲଭ ଭଡା ଗୃହ ପ୍ରକଳ୍ପ ସକାଶେ ଟିକସ ଛାଡପାଇଁ ଅନୁମତି ପ୍ରଦାନ ନିମନ୍ତେ ମୁଁ ପ୍ରସ୍ତାବ ଦେଉଛି ।

**ଆଇଏଫଏସସି ପାଇଁ ଟିକସ ପ୍ରୋତ୍ସାହନ**

**168**. ଏହି ଅଭିଭାଷଣର ପ୍ରଥମ ଭାଗରେ ଯେପରି ମୁଁ ଉଲ୍ଲେଖ କରିଛି, ଜିଆଇଏଫଟି ସହରରେ ଥିବା ଅନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ର (ଆଇଏଫଏସସି) କୁ ଏକ ଆର୍ଥିକ କେନ୍ଦ୍ରସ୍ଥଳୀରେ ପରିଣତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ପୂର୍ବରୁ ପ୍ରଦାନ କରାଯାଇଥିବା ଟିକସ ପ୍ରୋତ୍ସାହନ ସହିତ ଅନ୍ୟସବୁ ମଧ୍ୟରେ ବିମାନ ଲିଜିଂ କମ୍ପାନୀ, ବିଦେଶୀ ସଂସ୍ଥାଗୁଡିକୁ ସେମାନଙ୍କ ବିମାନ ଭଡା ବାବଦ ଅର୍ଥ ପ୍ରଦାନକୁ କରମୁକ୍ତ କରିବା, ବିଦେଶୀ ପାଣ୍ଠିକୁ ଆଇଏଫଏସସି ଅଧିନକୁ ଆଣିବା ଏବଂ ଆଇଏଫଏସସି ପରିସରଭୁକ୍ତ ବିଦେଶୀ ବ୍ୟାଙ୍କଗୁଡିକର ନିବେଶ ବିଭାଗକୁ କରଛାଡ କରିବାକୁ ଅନୁମତି ପ୍ରଦାନ ନିମନ୍ତେ ମୁଁ ପ୍ରସ୍ତାବ ଦେଉଛି ।

**ଆଗୁଆ ରିଟର୍ଣ୍ଣ ଭରିବା**

**169**. ବାଚସ୍ପତି ମହୋଦୟ, ଟିକସଦାତାଙ୍କ ପାଇଁ ସହଜ ଅନୁପାଳନ ନିମନ୍ତେ, ବେତନ ବାବଦ ଆୟର ସମ୍ପୂର୍ଣ୍ଣ ବିବରଣୀ, ଟିକସ ଦେୟ, ଟିଡିଏସ୍ ଆଦି ଆୟକର ରିଟର୍ଣ୍ଣରେ ପୂର୍ବରୁ ପୂରଣ କରାଯାଇ ସାରିଛି । ରିଟର୍ଣ୍ଣ ଦାଖଲକୁ ଆହୁରି ଅଧିକ ସହଜ କରିବା ପାଇଁ ସିକ୍ୟୁରିଟି, ଡିଭିଡେଣ୍ଡ ଆୟ ଏବଂ ବ୍ୟାଙ୍କ ଓ ଡାକଘର ଆଦିରୁ ମିଳୁଥିବା ସୁଧ ବିଷୟରେ ମଧ୍ୟ ପୂର୍ବରୁ ପୂରଣ କରାଯାଇସାରିଛି ।

**କ୍ଷୁଦ୍ର ଟ୍ରଷ୍ଟଗୁଡିକୁ ଆଶ୍ୱସ୍ତି ପ୍ରଦାନ**

**170**. ଶିକ୍ଷାନୁଷ୍ଠାନ ଏବଂ ହସପିଟାଲ ଚଳାଉଥିବା କ୍ଷୁଦ୍ର ଦାତବ୍ୟ ଟ୍ରଷ୍ଟ ଉପରୁ ଅନୁପାଳନ ଭାର ହ୍ରାସ କରିବା ପାଇଁ ଆମେ ଚାହୁଁଛୁ । ଏପର୍ଯ୍ୟନ୍ତ ଏହିଭଳି ସଂସ୍ଥା ଯାହାର ବାର୍ଷିକ ସଂଗୃହିତ ପାଣ୍ଠି ଏକ କୋଟି ମଧ୍ୟରେ ରହିଛି ସେଗୁଡିକ ଉପରୁ ସମ୍ପୁର୍ଣ୍ଣ ଟିକସ ପ୍ରତ୍ୟାହାର କରାଯାଇଛି । ବର୍ତମାନ ଏହି ପରିମାଣକୁ ମୁଁ 5 କୋଟିକୁ ବୃଦ୍ଧି କରିବାକୁ ମୁଁ ପ୍ରସ୍ତାବ ଦେଉଛି।

**ଶ୍ରମିକ କଲ୍ୟାଣ**

**171**. ଆମେ ଦେଖିଛୁ ଯେ କେତେକ ନିଯୁକ୍ତିଦାତା ଭବିଷ୍ୟନିଧି ପାଣ୍ଠି, ଅବସର ଗ୍ରହଣ ପାଣ୍ଠି ଏବଂ ଅନ୍ୟାନ୍ୟ ସାମାଜିକ ନିରାପତା ପାଣ୍ଠିକୁ କର୍ମଚାରୀମାନଙ୍କ ଅବଦାନ ରାଶିକୁ କାଟି ଦେଇଥାଆନ୍ତି । କିନ୍ତୁ ଏହି ଅର୍ଥକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନେ ପଇଠ କରନ୍ତି ନାହିଁ । ଏହାର ଅର୍ଥ ହେଉଛି କର୍ମଚାରୀମାନଙ୍କ ଆୟ ଏବଂ ସୁଧରେ ହାନୀ । ଯଦି ଜଣେ ନିଯୁକ୍ତିଦାତା ପରବର୍ତୀ ସମୟରେ ଆର୍ଥିକ ଦୃଷ୍ଟିରୁ ଦେବାଳିଆ ହୋଇଯାଆନ୍ତି ଏହି ଜମା ନକରିବା କର୍ମଚାରୀମାନଙ୍କ ପାଇଁ ଏକ ସ୍ଥାୟୀ କ୍ଷତିରେ ପରିଣତ ହୋଇଯାଏ।

**172**. କର୍ମଚାରୀମାନଙ୍କ ଅବଦାନ ରାଶି ଯେପରି ସଠିକ୍ ସମୟରେ ଜମା କରାଯାଏ ତାହା ସୁନିଶ୍ଚିତ କରିବା ପାଇଁ ମୁଁ ପୁଣିଥରେ କହୁଛି ଯେ, କର୍ମଚାରୀମାନଙ୍କର ପାଣ୍ଠି ଯଦି ନିଯୁକ୍ତିଦାତାଙ୍କ ଦ୍ୱାରା ବିଳମ୍ବରେ ଜମା କରାଯାଏ ତାହେଲେ ସେହି ଅର୍ଥ ନିଯୁକ୍ତିଦାତା ପକ୍ଷରୁ କାଟି ଦିଆଯାଉଥିବା ଅର୍ଥ ଭାବରେ ଗ୍ରହଣ କରାଯିବ ନାହିଁ ।

**ଷ୍ଟାର୍ଟ ଅପ୍ ପାଇଁ ପ୍ରୋତ୍ସାହନ**

**173**. ଦେଶରେ ଷ୍ଟାର୍ଟ ଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ସକାଶେ ଟିକସ ଛୁଟି ଯୋଗ୍ୟତା ପାଇଁ ସେମାନଙ୍କ ଦାବିର ଅବଧିକୁ ଆଉ ଏକ ବର୍ଷ ଅର୍ଥାତ୍ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ମୁଁ ପ୍ରସ୍ତାବ ରଖୁଛି । ଏହାଚଡା ଷ୍ଟାର୍ଟ ଅପ୍‌ଗୁଡିକରେ ପୁଞ୍ଜିଲଗାଣକୁ ପ୍ରୋତ୍ସାହିତ କରିବା ସକାଶେ ଷ୍ଟାଟ ଅପ୍ ଗୁଡିକରେ ପୁଞ୍ଜିନିବେଶ କ୍ଷେତ୍ରରେ ପୁଞ୍ଜି ଲାଭ ଛାଡର ସମୟସୀମାକୁ ମୁଁ ଆଉ ଏକ ବର୍ଷ ଅର୍ଥାତ୍ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା ପାଇଁ ମୁଁ ପ୍ରସ୍ତାବ ରଖୁଛି ।

**ପରୋକ୍ଷ ଟିକସ ପ୍ରସ୍ତାବ**

**ଜିଏସଟି**

174. ପରୋକ୍ଷ କର ପ୍ରସ୍ତାବ ଆଡକୁ ଆସିବା ପୂର୍ବରୁ ମୁଁ ଗୃହକୁ ଜିଏସଟି ଉପରେ ଅବଗତ କରାଇବାକୁ ଚାହୁଁଛି। ଏବେ ଜିଏସଟିକୁ 4 ବର୍ଷ ହୋଇଥିବାବେଳେ ଆମେ ଏହାକୁ ଆହୁରି ସରଳ କରିବା ନିମନ୍ତେ ଅନେକ ପଦକ୍ଷେପ ନେଇଛୁ । କେତେକ ପଦକ୍ଷେପ ମଧ୍ୟରେ:

- ଏସଏମଏସ୍ ମାଧ୍ୟମରେ ଶୂନ୍ୟ ରିଟର୍ଣ୍ଣ ଦାଖଲ

- କ୍ଷୁଦ୍ର କରଦାତାଙ୍କ ପାଇଁ ମାସିକ ଓ ତ୍ରୈମାସିକ ରିଟର୍ଣ୍ଣ ଦାଖଲ

- ଇଲେକଟ୍ରୋନିକ ବିଲ୍ ବ୍ୟବସ୍ଥା

- ବିଧିବଦ୍ଧ ନିବେଶ ଟିକସ ବିବରଣୀ

- ପ୍ରାକ୍ ପୂରୀତ ସଂଶୋଧନଯୋଗ୍ୟ ଜିଏସଟି ରିଟର୍ଣ୍ଣ , ଏବଂ

- ଅତିମାତ୍ରାରେ ଠୁଳ ହେଉଥିବା ରିଟର୍ଣ୍ଣ ଦାଖଲ

ଜିଏସଟିଏନ୍ ବ୍ୟବସ୍ଥାର କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି । ଟିକସ ଫାଙ୍କୁଥିବା ବ୍ୟକ୍ତି ଏବଂ ନକଲି ବିଲ୍ କରୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଆମେ ଗଭୀର ଆନାଲିଟିକ୍ସ ଏବଂ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ବ୍ୟବହାର କରୁଛୁ ଏବଂ ସେମାନଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛୁ ।

175. ଫଳାଫଳରୁ ଏହାର ସଫଳତା ସ୍ପଷ୍ଟ ବାରି ହୋଇଯାଉଛି। ଗତ ଅଳ୍ପ କିଛି ମାସ ମଧ୍ୟରେ ଆମେ ରେକର୍ଡ ପରିମାଣର ସଂଗ୍ରହ କରିଛୁ।

176. ଜିଏସଟି କାଉନସିଲ୍ ବହୁ କଷ୍ଟରେ ସମସ୍ତ କଂଟକିତ ସମସ୍ୟାକୁ ଦୂର କରିଦେଇପାରିଛି । ପରିଷଦର ଚେୟାରମ୍ୟାନ ଭାବରେ ମୁଁ ଗୃହକୁ ଆଶ୍ୱସ୍ତ କରିବାକୁ ଚାହେଁ ଯେ ଜିଏସଟିକୁ ଆହୁରି ସୁଗମ କରିବା ପାଇଁ ଆମେ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବୁ ଏବଂ ବିପରୀତମୁଖୀ କାର୍ଯ୍ୟ ଢାଂଚା ଭଳି ତ୍ରୁଟି ବିଚ୍ୟୁତିକୁ ଦୂର କରିବୁ।

**ବହିଶୁଳ୍କ ବ୍ୟବସ୍ଥିତ କରିବା**

**177**. ଆମର ବହିଶୁଳ୍କ ନୀତି ଘରୋଇ ନିର୍ମାଣକୁ ପ୍ରୋତ୍ସାହନ ଏବଂ ଭାରତକୁ ବିଶ୍ୱସ୍ତରର ମୂଲ୍ୟ ଶୃଙ୍ଖଳରେ ପ୍ରବେଶ କରାଇବା ପାଇଁ ସହାୟତା ପ୍ରଦାନ ତଥା ଉନ୍ନତ ରପ୍ତାନୀ ଭଳି ଦ୍ୱୈତ ଆଭିମୁଖ୍ୟ ରହିବା ଉଚିତ୍ । ସେଥିପାଇଁ କଂଚାମାଲର ସହଜ ଉପଲବଧତା ଏବଂ ମୂଲ୍ୟଯୁକ୍ତ ଉତ୍ପାଦର ରପ୍ତାନୀ ଉପରେ ଏବେ ଦୃଷ୍ଟିନିକ୍ଷେପ କରିବାକୁ ପଡ଼ିବ ।

**178**. ଗତବର୍ଷ ଏହା ହାସଲ କରିବା ନିମନ୍ତେ ଆମେ 80ଟି ଅଚଳ ଛାଡ ବ୍ୟବସ୍ଥାକୁ ହଟାଇ ବହିଶୁଳ୍କ ଢାଂଚାରେ ପରିବର୍ତନ ଆଣିବା ଆରମ୍ଭ କରିଛୁ । ଏହି ପୁନର୍ବିନ୍ୟାସ ସମ୍ପର୍କରେ ମତାମତ ଦେବାପାଇଁ ଯେଉଁ କ୍ରାଉଡ୍ ସୋର୍ସିଂ ଆହ୍ୱାନ ଦିଆଯାଇଥିଲା ସେଥିପ୍ରତି ବିପୁଳ ଭାବରେ ପ୍ରତିକ୍ରିୟା ଜଣାଇଥିବା ପ୍ରତ୍ୟେକଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ମୁଁ ଏବେ 400 ବର୍ଷ ପୁରୁଣା ଛାଡ ବ୍ୟବସ୍ଥାର ସମୀକ୍ଷା କରିବା ପାଇଁ ମୁଁ ପ୍ରସ୍ତାବ ଦେଉଛି । ଆମେ ବ୍ୟାପକ ପରାମର୍ଶ ଜରିଆରେ ଏହା ଆଗକୁ ବଢାଇବୁ ଏବଂ 2021 ଅକ୍ଟୋବର ପହିଲାରୁ ଆମେ ଏକ ସଂଶୋଧିତ ବହିଶୁଳ୍କ ଢାଂଚା ପ୍ରଚଳନ କରିବ ଯାହା ବିକୃତି ରହିତ ହେବ। ମୁଁ ଆହୁରି ପ୍ରସ୍ତାବ ଦେଉଛି ଯେ ଯେକୌଣସି ନୂଆ ବହିଃଶୁଳ୍କ ଛାଡ ବ୍ୟବସ୍ଥାର ବୈଧତା ଏଣିକି ଏହା ଜାରି ହେବା ତାରିଖର ପରବର୍ତୀ ଦୁଇ ବର୍ଷ ପରର ମାର୍ଚ୍ଚ 31 ତାରିଖ ପର୍ଯ୍ୟନ୍ତ ବୈଧ ରହିବ ।

**ଇଲେକଟ୍ରୋନିକ ଏବଂ ମୋବାଇଲ୍ ଫୋନ୍ ଶିଳ୍ପ**

**179**. ଘରୋଇ ଇଲେକଟ୍ରୋନିକ ଉତ୍ପାଦନ ଦୃତ ଗତିରେ ବୃଦ୍ଧି ପାଇଛି । ଆମେ ଏବେ ମୋବାଇଲ ଏବଂ ଚାର୍ଜର ଭଳି ଉପକରଣଗୁଡିକ ରପ୍ତାନୀ କରୁଛୁ । ବୃହତର ଘରୋଇ ମୂଲ୍ୟ ଯୋଗ ପାଇଁ ଆମେ ଚାର୍ଜରର କିଛି ଯନ୍ତ୍ରାଂଶ ଏବଂ ମୋବାଇଲର କିଛି ଉପ ଯନ୍ତ୍ରାଂଶ ଉପରେ ଛାଡ ପ୍ରତ୍ୟାହାର କରୁଛୁ । ଏହାଛଡା ମୋବାଇଲର କିଛି ଅଂଶ ଶୂନ୍ୟ ମୂଲ୍ୟରୁ 2.5ର ଏକ ସାମାନ୍ୟ ମୂଲ୍ୟକୁ ବୃଦ୍ଧି କରାଯିବ।

**ଲୁହା ଏବଂ ଇସ୍ପାତ**

**180**. ଲୌହ ଏବଂ ଇସ୍ପାତ ମୂଲ୍ୟରେ ସମ୍ପ୍ରତି ଆଶାତୀତ ଭାବେ ବୃଦ୍ଧି ଘଟିଥିବାରୁ ଏମଏସଏମଇ ଏବଂ ଅନ୍ୟାନ୍ୟ ଉପଭୋକ୍ତା ଶିଳ୍ପଗୁଡିକ ଗୁରୁତର ଭାବରେ ପ୍ରଭାବିତ ହୋଇଛି । ସେଥିପାଇଁ ଆମେ ଅଣମିଶ୍ରିତ ଧାତୁ, ମିଶ୍ରିତ ଧାତୁ ଓ ଇସ୍ପାତରୁ ପ୍ରସ୍ତୁତ ମଧ୍ୟମ ଆକାରର, ସମତଳ ଏବଂ ଦୀର୍ଘ ଉତ୍ପାଦଗୁଡିକ ଉପରେ ବହିଶୁଳ୍କକୁ ସମାନଭାବରେ 7.5%ର ହ୍ରାସ କରୁଛୁ । ଧାତବ ପଦାର୍ଥକୁ ପୁନଃ ବ୍ୟବହାରକ୍ଷମ କରାଉଥିବା ସଂସ୍ଥା ମୁଖ୍ୟତଃ ଏମଏସଏମଇଗୁଡିକୁ ଆଶ୍ୱସ୍ତି ପ୍ରଦାନ ନିମନ୍ତେ ମୁଁ ଇସ୍ପାତ ସ୍କ୍ରାପ ଉପରୁ 2022 ମାର୍ଚ୍ଚ 31 ପର୍ଯ୍ୟନ୍ତ ଶୁଳ୍କ ଛାଡ କରୁଛି । ଏହାଛଡା ମୁଁ କେତେକ ଇସ୍ପାତ ଉତ୍ପାଦ ଉପରୁ ଏଡିଡି ଓ ସିଭିଡି ପ୍ରତ୍ୟାହାର କରି ନେଉଛି । ଏହାଛଡା ତମ୍ବା ପୁନଃବ୍ୟବହାରକ୍ଷମକାରୀ ମାନଙ୍କୁ ଆଶ୍ୱସ୍ତି ପ୍ରଦାନ ଉଦ୍ଦେଶ୍ୟରେ ତମ୍ବା ସ୍କ୍ରାପ ଉପରେ ଲାଗୁଥିବା 5% ସୁଧକୁ ମୁଁ 2.5% କୁ ହ୍ରାସ କରୁଛି ।

***ବୟନ***

**181.** ବୟନ ଶିଳ୍ପ କ୍ଷେତ୍ର ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ ଏବଂ ଅର୍ଥବ୍ୟବସ୍ଥାରେ ଗୁରୁତ୍ବପୂର୍ଣ୍ଣ ଯୋଗଦାନ ଦେଇଥାଏ। ହସ୍ତତନ୍ତ ପୋଷାକରେ ବ୍ୟବହୃତ କଞ୍ଚାମାଲ ଉପରେ ଶୁଳ୍କକୁ ଯୁକ୍ତିସଂଗତ କରିବାର ଆବଶ୍ୟକତା ରହିଛି। ଆମେ ଏବେ ପଲିଷ୍ଟର ଏବଂ ଅନ୍ୟ ମାନବ ପ୍ରସ୍ତୁତ ଫାଇବର ସହ ତୁଳନୀୟ ନାଇଲନ ଚେନ୍ ଆଣୁଛୁ। ଆମେ ବ୍ୟବସ୍ଥିତ ଭାବେ କ୍ୟାପ୍ରୋଲାକ୍ଟାମ, ନାଇଲନ ଚିପ୍ସ ଓ ନାଇଲନ ଫାଇବର ଓ ସୂତା ଉପରେ ବିସିଡି ଦରକୁ 5% ପର୍ଯ୍ୟନ୍ତ ହ୍ରାସ କରିଛୁ। ଏହା ବୟନ ଶିଳ୍ପ ଉଦ୍ୟୋଗ, ଏମଏସଏମଇ ଏବଂ ରପ୍ତାନି କ୍ଷେତ୍ରରେ ମଧ୍ୟ ସହାୟକ ହୋଇପାରିବ।

***ରାସାୟନିକ***

**182.** ଘରୋଇ ମୂଲ୍ୟ ସମ୍ବର୍ଦ୍ଧନକୁ ପ୍ରୋତ୍ସାହନ ଦେବା ଏବଂ ବ୍ୟତିକ୍ରମ ଗୁଡ଼ିକୁ ଦୂର କରିବା ଲାଗି ଆମେ ରାସାୟନିକ ଉପରେ ସୀମା ଶୁଳ୍କକୁ ବ୍ୟବସ୍ଥିତ କରିଛୁ। ଅନ୍ୟ ସାମଗ୍ରୀଗୁଡ଼ିକ ବ୍ୟତୀତ, ଆମେ ବ୍ୟତିକ୍ରମ ଦୂର କରିବା ଲାଗି ନାପଥା ଉପରେ ସୀମା ଶୁଳ୍କକୁ 2.5%କୁ ହ୍ରାସ କରିଛୁ।

**ସୁନା ଓ ରୂପା**

**183.** ବର୍ତ୍ତମାନ ସୁନା ଓ ରୂପା ଉପରେ 12.5% ମୂଳ ସୀମା ଶୁଳ୍କ ଆଦାୟ ହେଉଛି। ଜୁଲାଇ 2019ରେ ଏହି ମୂଲ୍ୟବାନ ଧାତୁ ଉପରେ ସୀମା ଶୁଳ୍କ 10%ରୁ ବୃଦ୍ଧି କରାଯିବା ପରେ ଏଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇଥିଲା। ଏହାକୁ ପୂର୍ବ ସ୍ତର ସହିତ ସମାନ ସ୍ତରକୁ ଆଣିବା ଲାଗି, ଆମେ ସୁନା ଓ ରୂପା ଉପରେ ସୀମା ଶୁଳ୍କକୁ ଯୁକ୍ତିସଂଗତ କରୁଛୁ।

***ଅକ୍ଷୟ ଶକ୍ତି***

**184.** ପ୍ରଥମ ଭାଗରେ, ଆମେ ପୂର୍ବରୁ ଉଲ୍ଲେଖ କରିସାରିଛୁ ଯେ ଭାରତରେ ସୌର ଶକ୍ତି କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଛି। ଘରୋଇ କ୍ଷମତା ବୃଦ୍ଧି କରିବା ନିମନ୍ତେ ଆମେ ଦେଶରେ ସୌର ସେଲ୍ ଏବଂ ପ୍ୟାନେଲ୍ ଗୁଡ଼ିକର ଉତ୍ପାଦନକୁ ପର୍ଯ୍ୟାୟ କ୍ରମେ ବିଜ୍ଞପିତ କରିବୁ। ବର୍ତ୍ତମାନ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଲାଗି ଆମେ ସୌର ଇନଭର୍ଟର ଗୁଡ଼ିକ ଉପରେ ଶୁଳ୍କକୁ 5% ରୁ 20%କୁ ଏବଂ ସୌର ଲଣ୍ଠନ ଉପରେ 5%ରୁ 15%କୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛୁ।

***କ୍ୟାପିଟାଲ ଉପକରଣ ଏବଂ ଅଟୋ ପାର୍ଟ୍ସ***

**185.** ଘରୋଇ ଭାବେ ଭାରୀ କ୍ୟାପିଟାଲ ଉପକରଣ ନିର୍ମାଣ ପାଇଁ ବ୍ୟାପକ ସମ୍ଭାବନା ରହିଛି। ସମୟକ୍ରମେ ଆମେ ଏହି କ୍ଷେତ୍ରରେ ରହିଥିବା ଦର ଢାଞ୍ଚାକୁ ବିସ୍ତୃତ ଭାବେ ସମୀକ୍ଷା କରିବୁ। ତେବେ, ଆମେ କେତେକ ସାମଗ୍ରୀ ଉପରେ ତୁରନ୍ତ ଶୁଳ୍କ ଦରକୁ ସଂଶୋଧନ କରିଛୁ। ସୁଡ଼ଙ୍ଗ ଖନନ ମେସିନ ଉପରେ ମିଳୁଥିବା ଛାଡ଼କୁ ପ୍ରତ୍ୟାହାର କରିବା ଲାଗି ଆମେ ପ୍ରସ୍ତାବ ଦେଉଛୁ। ଏହା ଉପରେ 7.5 ପ୍ରତିଶତ ଏବଂ ଏହାର ସରଞ୍ଜାମ ଉପରେ 2.5 ପ୍ରତିଶତ ସୀମାଶୁଳ୍କ ଲାଗୁ ହେବ। ଅଟୋ ଉପକରଣ ଉପରେ ଲାଗୁ ହେଉଥିବା ସାଧାରଣ ଦର ସହିତ ସମାନ କରିବା ଲାଗି ଆମେ କେତେକ ଅଟୋ ଉପକରଣ ଉପରେ 15% ସୀମା ଶୁଳ୍କ ବୃଦ୍ଧି କରୁଛୁ।

***ଏମଏସଏମଇ ଉତ୍ପାଦ***

**186.**ଏମଏସଏମଇଗୁଡ଼ିକୁ ଲାଭ ପ୍ରଦାନ କରିବା ଲାଗି ଆମେ କେତେକ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଉଛୁ। ଆମେ ଇସ୍ପାତ ସ୍କ୍ରୁ ଏବଂ ପ୍ଲାଷ୍ଟିକ ବିଲ୍ଡର ତାର ଉପରେ ଶୁଳ୍କକୁ 10ରୁ 15 ପ୍ରତିଶତ ବୃଦ୍ଧି କରୁଛୁ। ପୋଷାକ, ଚମଡ଼ା ଏବଂ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନିକାରୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆମେ ଶୁଳ୍କମୁକ୍ତ ସାମଗ୍ରୀ

ଆମଦାନୀ ଉପରେ ଲାଗୁ ହେଉଥିବା ରିହାତିକୁ ଯୁକ୍ତିସଂଗତ କରିବା ଲାଗି ପଦକ୍ଷେପ ନେଉଛୁ। ଏ ସମସ୍ତ ସାମଗ୍ରୀ ଆମର ଏମଏସଏମଇ ଦ୍ବାରା ଘରୋଇ ଭାବେ ନିର୍ମାଣ କରାଯାଇଥାଏ। ଆମେ କେତେ ପ୍ରକାରର ଚମଡ଼ା ଉପରେ ଲାଗୁ ହେଉଥିବା ରିହାତିକୁ ଉଚ୍ଛେଦ କରୁଛୁ କାରଣ ଏଗୁଡ଼ିକ ଉନ୍ନତ ଗୁଣବତ୍ତା ଓ ଅଧିକ ପରିମାଣରେ ଘରୋଇ ଭାବେ ପ୍ରସ୍ତୁତ ହୋଇଥାଏ। ଘରୋଇ ପ୍ରକ୍ରିୟାକରଣକୁ ପ୍ରୋତ୍ସାହିତ କରିବା ଲାଗି ଆମେ ଚିକ୍କଣ ସିନ୍ଥେଟିକ ରତ୍ନ ପଥର ଉପରେ ସୀମାଶୁଳ୍କ ବୃଦ୍ଧି କରୁଛୁ।

**କୃଷି ଉତ୍ପାଦ**

**187.** ଚାଷୀଙ୍କୁ ଲାଭ ଦେବା ଲାଗି, ଆମେ କପା ଉପରେ ସୀମାଶୁଳ୍କକୁ ଶୂନ୍ୟରୁ 10%କୁ ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦେଉଛୁ। ସେହିପରି କଞ୍ଚା ରେଶମ ଏବଂ ରେଶମ ସୂତା ଉପରେ ଏହାକୁ 10%ରୁ 15%କୁ ବୃଦ୍ଧି କରାଯିବ। ପ୍ରକ୍ରିୟାକୃତ ଇଥାଇଲ ଆଲକୋହଲ ଉପରେ ଆମେ ଏଣ୍ଡ-ୟୁଜ୍ ଆଧାରିତ ରିହାତି ମଧ୍ୟ ପ୍ରତ୍ୟାହାର କରୁଛୁ। ବର୍ତ୍ତମାନ ମକା କୁଣ୍ଡା, ଚାଉଳ କୁଣ୍ଡା ତେଲ ପିଡ଼ିଆ, ଏବଂ ପଶୁ ଖାଦ୍ୟ ସୁଗନ୍ଧ ଉପରେ ଆମେ 15% ର ବ୍ୟବସ୍ଥିତ ଦର ଲାଗୁ କରିଛୁ।

**188.** କୃଷି ଭିତ୍ତିଭୂମି ବିକାଶ ଏକ ଜରୁରି ଆବଶ୍ୟକତା ଯାହା ଫଳରେ ଆମେ ଅଧିକ ଉତ୍ପାଦିତ କରିପାରିବା ଏବଂ କୃଷିଜାତ ଉତ୍ପାଦକୁ ଦକ୍ଷତାପୂର୍ବକ ସଂରକ୍ଷିତ ଓ ପ୍ରକ୍ରିୟାକରଣ କରିପାରିବା। ଏହା ଆମର ଚାଷୀମାନଙ୍କ ପାଇଁ ଅଧିକ ଆୟ ସୁନିଶ୍ଚିତ କରିବ। ଏହି ଉଦ୍ଦେଶ୍ୟ ଲାଗି ସମ୍ବଳ ଯୋଗାଡ଼ କରିବା ଉଦ୍ଦେଶ୍ୟରେ, ମୁଁ ଅଳ୍ପ କେତେକ ସାମଗ୍ରୀ ଉପରେ କୃଷି ଭିତ୍ତିଭୂମି ଓ ବିକାଶ ସେସ୍ (ଏଆଇଡିସି) ଲାଗୁ କରିବା ନିମନ୍ତେ ପ୍ରସ୍ତାବ ଦେଉଛି। ତେବେ ଏହି ସେସ୍ ଲାଗୁ କରିବା ସମୟରେ ଅଧିକାଂଶ ସାମଗ୍ରୀ ଉପରେ ଉପଭୋକ୍ତାଙ୍କ ଉପରେ ଅତିରିକ୍ତ ଚାପ ଯେପରି ନପଡ଼ିବ ସେଥିପ୍ରତି ଆମେ ଧ୍ୟାନ ଦେଇଛୁ।

*ପ୍ରକ୍ରିୟାଗୁଡ଼ିକୁ ଯୁକ୍ତିସଂଗତ କରିବା ଓ ଅନୁପାଳନ ସହଜ କରିବା*

**189.** ନ୍ୟାୟୋଚିତ ଆବେଦନ ଲାଗି, ଆମେ ଏଡିଡି ଏବଂ ସିଭିଡି ଲେଭି ସଂକ୍ରାନ୍ତରେ କେତେକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଉଛୁ। ସୀମାଶୁଳ୍କ ଯାଞ୍ଚକୁ ସମ୍ପୂର୍ଣ୍ଣ କରିବା ଲାଗି, ଆମେ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରୁଛୁ। 2020ରେ ଆମେ 'ତୁରନ୍ତ' କଷ୍ଟମ ଯୋଜନା ଆରମ୍ଭ କରିଥିଲୁ, ଏହା ମାଧ୍ୟମରେ ଫେସଲେସ, ପେପରଲେସ ଏବଂ

କଣ୍ଟାକ୍ଟଲେସ୍ ସୀମାଶୁଳ୍କ ପଦକ୍ଷେପ ନିଆଯାଇଥିଲା। ଉତ୍ପତ୍ତିର ନିୟମ ପରିଚାଳନା ଲାଗି ଆମେ ନୂଆ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିଥିଲୁ ଯାହାକି ସେପ୍ଟେମ୍ବର 2020 ଠାରୁ ଲାଗୁ ହୋଇଥିଲା। ଏହା ଏଫଟିଏର ଅପବ୍ୟବହାରକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ସହାୟକ ହୋଇଥିଲା।

**190.** ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସରେ ପରିବର୍ତ୍ତନର ନିର୍ଦ୍ଦିଷ୍ଟ ବିବରଣୀ ମୋ ଅଭିଭାଷଣର ସଂଲଗ୍ନକରେ ତାଲିକାଭୁକ୍ତ କରାଯାଇଛି।

**191.** ଅଧ୍ୟକ୍ଷ ମହୋଦୟ, ଏହି ଉକ୍ତି ସହିତ ମୁଁ ବଜେଟକୁ ଏହି ସମ୍ମାନନୀୟ ଗୃହରେ ଉପସ୍ଥାପନ କରୁଛି।

ବଜେଟ୍ ଭାଷଣର ଭାଗ କ'ର ସଂଲଗ୍ନକ

ସଂଲଗ୍ନକ-1

**ସ୍ୱାସ୍ଥ୍ୟ ଏବଂ କଲ୍ୟାଣ – ବ୍ୟୟ**

*(କୋଟିରେ)*

| ମନ୍ତ୍ରଣାଳୟ/ବିଭାଗ | ବାସ୍ତବ ବ୍ୟୟ 2019-20 | ବଜେଟ୍ ଅଟକଳ 2020-21 | ବଜେଟ୍ ଅଟକଳ 2021-22 |
|---|---|---|---|
| **ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ** | 62,397 | 65,012 | 71,269 |
| **ସ୍ୱାସ୍ଥ୍ୟ ଗବେଷଣା ବିଭାଗ** | 1,934 | 2,100 | 2,663 |
| **ଆୟୁଷ ମନ୍ତ୍ରଣାଳୟ** | 1,784 | 2,122 | 2,970 |
| **କୋଭିଡ ସଂକ୍ରାନ୍ତ ସ୍ବତନ୍ତ୍ର ବ୍ୟବସ୍ଥା** | | | |
| *ଟିକାକରଣ* | | | 35,000 |
| **ପାନୀୟ ଜଳ ଏବଂ ସ୍ବଚ୍ଛତା ବିଭାଗ** | 18,264 | 21,518 | 60,030 |
| ପୁଷ୍ଟିସାଧନ | 1,880 | 3,700 | 2,700 |
| ପାନୀୟ ଜଳ ଏବଂ ସ୍ୱଚ୍ଛତା ପାଇଁ ଅର୍ଥ କମିଶନଙ୍କ ଅନୁଦାନ | | | 36,022 |
| ସ୍ୱାସ୍ଥ୍ୟ ପାଇଁ ଅର୍ଥ କମିଶନଙ୍କ ଅନୁଦାନ | | | 13,192 |
| **ମୋଟ୍** | **86,25** | **94,452** | **2,23,846** |

| | | | |
|---|---|---|---|
| | 9 | | |

**ସଂଲଗ୍ନକ-II**

***ପ୍ରମୁଖ ପ୍ରକଳ୍ପ : ସଡ଼କ ଓ ରାଜପଥ***

ପ୍ରମୁଖ ଏକ୍ସପ୍ରେସ୍ ରାଜପଥ/କରିଡରଗୁଡ଼ିକ

- ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ୱେ : 31.3.2021 ସୁଦ୍ଧା ଅବଶିଷ୍ଟ 260 କିମିର କାମ ଦିଆଯିବ।
- ବେଙ୍ଗାଲୁରୁ-ଚେନ୍ନାଇ ଏକ୍ସପ୍ରେସ୍ ୱେ : ଚଳିତ ଆର୍ଥିକ ବର୍ଷରେ 278 କିମି କାର୍ଯ୍ୟ ଆରମ୍ଭ କରାଯିବ। ନିର୍ମାଣ କାମ 2021-22ରେ ଆରମ୍ଭ ହେବ।
- ଦିଲ୍ଲୀ-ଡେରାଡୁନ ଅର୍ଥନୈତିକ କରିଡର : 210 କିମି କରିଡର କାମ ଚଳିତ ଆର୍ଥିକ ବର୍ଷରେ ଆରମ୍ଭ ହେବ। ନିର୍ମାଣ କାମ 2021-22ରେ ଆରମ୍ଭ ହେବ।
- କାନପୁର-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେ : ଏନ୍ଏଚ୍ 27 ପାଇଁ ବିକଳ୍ପ ମାର୍ଗ ଯୋଗାଇବା ଲାଗି 63 କିମି ଏକ୍ସପ୍ରେସ୍ ୱେ କାମ 2021-22ରେ ଆରମ୍ଭ କରାଯିବ।
- ଚେନ୍ନାଇ-ସାଲେମ କରିଡର : 2021-22ରେ 277 କିମି ଏକ୍ସପ୍ରେସ୍ ୱେ କାମ ଦିଆଯିବ ଏବଂ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।
- ରାୟପୁର-ବିଶାଖାପାଟଣା : ଛତିଶଗଡ଼, ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଦେଇ ଯିବାକୁ ଥିବା 464 କିମି ଲମ୍ବ ଏହି ରାଜପଥ କାମ ଦିଆଯିବ। ନିର୍ମାଣ କାମ 2021-22ରେ ଆରମ୍ଭ ହେବ।
- ଅମୃତସର-ଜାମନଗର : ନିର୍ମାଣ କାମ 2021-22ରେ ଆରମ୍ଭ ହେବ।
- ଦିଲ୍ଲୀ-କାଟ୍ରା : ନିର୍ମାଣ କାମ 2021-22ରେ ଆରମ୍ଭ ହେବ।

*ସମସ୍ତ ଚାରିଲେନ୍ ଓ ଛଅ ଲେନ୍ ବିଶିଷ୍ଟ ରାଜପଥରେ ବେଗ ନିରୂପଣ ରାଡାର, ବିଭିନ୍ନ ବାର୍ତ୍ତା ବହନ କରୁଥିବା ସାଇନବୋର୍ଡ, ଜିପିଏସ୍ ଆଧାରିତ ରିକଭରୀ ଭ୍ୟାନ ସହିତ ଆଧୁନିକ ଟ୍ରାଫିକ ପରିଚାଳନା ବ୍ୟବସ୍ଥା କରାଯିବ।*

**ସଂଲଗ୍ନକ -III**

## ପୁଞ୍ଜି ପ୍ରତ୍ୟାହାର/ରଣନୈତିକ ପୁଞ୍ଜି ପ୍ରତ୍ୟାହାର ନୀତିର ପ୍ରମୁଖ ଦିଗ

**ଲକ୍ଷ୍ୟ**

କ) ଆର୍ଥିକ ସଂସ୍ଥାନ ସମେତ ରାଷ୍ଟ୍ରାୟତ୍ତ କ୍ଷେତ୍ର ଉଦ୍ୟୋଗ ଗୁଡ଼ିକରେ କେନ୍ଦ୍ର ସରକାରଙ୍କ ଉପସ୍ଥିତିକୁ ହ୍ରାସ କରିବା ଏବଂ ଘରୋଇ କ୍ଷେତ୍ର ପାଇଁ ଏକ ନୂତନ ନିବେଶ କ୍ଷେତ୍ର ସୃଷ୍ଟି କରିବା।

ଖ) ପୁଞ୍ଜି ପ୍ରତ୍ୟାହାର ପରେ, ଘରୋଇ ପୁଞ୍ଜି ପ୍ରବାହ, ପ୍ରଯୁକ୍ତି ଏବଂ ଶ୍ରେଷ୍ଠ ପରିଚାଳନା ବ୍ୟବସ୍ଥା ଜରିଆରେ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ କ୍ଷେତ୍ର ଉଦ୍ୟୋଗ (ସିପିଏସଇ)/ଆର୍ଥିକ ସଂସ୍ଥାନଗୁଡ଼ିକରେ ଆର୍ଥିକ ଅଭିବୃଦ୍ଧି ଆଣିବା।

ଗ)ପୁଞ୍ଜି ପ୍ରତ୍ୟାହାର ଫଳରେ ସରକାରଙ୍କ ବିଭିନ୍ନ ସାମାଜିକ କ୍ଷେତ୍ର ଏବଂ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ପୁଞ୍ଜି ଉପଲବ୍ଧ ହୋଇପାରିବ।

**ନୀତିର ବୈଶିଷ୍ଟ୍ୟ**

କ) ଏହି ନୀତିରେ ସିପିଏସଇ, ସରକାରୀ ବ୍ୟାଙ୍କ ଏବଂ ସରକାରୀ ବୀମା କମ୍ପାନୀଗୁଡ଼ିକୁ ସାମିଲ କରାଯାଇଛି

ଖ) ବିଭିନ୍ନ କ୍ଷେତ୍ରକୁ ରଣନୈତିକ ଏବଂ ଅଣ-ରଣନୈତିକ କ୍ଷେତ୍ର ଭାବେ ବର୍ଗୀକରଣ କରାଯିବ।

ଗ) ରଣନୈତିକ କ୍ଷେତ୍ରଗୁଡ଼ିକ ହେଲେ:

i) ଆଣବିକ ଶକ୍ତି, ମହାକାଶ ଏବଂ ପ୍ରତିରକ୍ଷା
ii) ପରିବହନ ଏବଂ ଟେଲି ଯୋଗାଯୋଗ
iii) ଶକ୍ତି, ପେଟ୍ରୋଲିୟମ, କୋଇଲା ଓ ଅନ୍ୟାନ୍ୟ ଖଣିଜ
iv) ବ୍ୟାଙ୍କିଙ୍ଗ, ବୀମା ଏବଂ ଅନ୍ୟ ଆର୍ଥିକ ସେବା

କ) ରଣନୈତିକ କ୍ଷେତ୍ରରେ, ରାଷ୍ଟ୍ରାୟତ୍ତ କ୍ଷେତ୍ର ଉଦ୍ୟୋଗୁଡ଼ିକର କେବଳ ସର୍ବନିମ୍ନ ଉପସ୍ଥିତି ରହିବ। ରଣନୈତିକ କ୍ଷେତ୍ରର ଅବଶିଷ୍ଟ ସିପିଏସଇ ଗୁଡ଼ିକର ଘରୋଇକରଣ କରାଯିବ କିମ୍ବା ମିଶ୍ରଣ କରାଯିବ କିମ୍ବା ଅନ୍ୟ ସିପିଏସଇର ସହଯୋଗୀ ଭାବେ ବ୍ୟବସ୍ଥିତ କରାଯିବ କିମ୍ବା ବନ୍ଦ କରି ଦିଆଯିବ।

ଖ) ଅଣ-ରଣନୈତିକ କ୍ଷେତ୍ରରେ, ସିପିଏସଇ ଗୁଡ଼ିକର ଘରୋଇକରଣ କରାଯିବ, ଅନ୍ୟଥା ଏହାକୁ ବନ୍ଦ କରି ଦିଆଯିବ।

**ସଂଲଗ୍ନକ-IV**

## କୃଷିଜାତ ଉତ୍ପାଦଗୁଡ଼ିକର ଏମଏସଏପିରେ କ୍ରୟ

| ବର୍ଷ | ଗହମ | | ଧାନ | | ତୁଳା | | ଝୋଟ | | ଡାଲି | ତୈଳ ବୀଜ ଏବଂ କୋପ୍ରା |
|---|---|---|---|---|---|---|---|---|---|---|
| | ଏମଏସପି ମୂଲ୍ୟ (କୋଟିରେ) | ଲାଭାନ୍ୱିତ ହୋଇଥିବା ଚାଷୀଙ୍କ ସଂଖ୍ୟା (ଲକ୍ଷରେ) | ଏମଏସପି ମୂଲ୍ୟ (କୋଟିରେ) | ଲାଭାନ୍ୱିତ ହୋଇଥିବା ଚାଷୀଙ୍କ ସଂଖ୍ୟା (ଲକ୍ଷରେ) | ଏମଏସପି ମୂଲ୍ୟ (କୋଟିରେ) | ଲାଭାନ୍ୱିତ ହୋଇଥିବା ଚାଷୀଙ୍କ ସଂଖ୍ୟା (ଲକ୍ଷରେ) | ଏମଏସପି ମୂଲ୍ୟ (କୋଟିରେ) | ଲାଭାନ୍ୱିତ ହୋଇଥିବା ଚାଷୀଙ୍କ ସଂଖ୍ୟା (ଲକ୍ଷରେ) | ଏମଏସପି ମୂଲ୍ୟ (କୋଟିରେ) | ଏମଏସପି ମୂଲ୍ୟ (କୋଟିରେ) |
| 2010-11 | 24764.3 | NA | 52573.04 | NA | - | - | - | - | 1.75 | 149.03 |
| 201 | 331 | NA | 580 | NA | 14 | 0.0 | 47. | 0.4 | 0.00 | 1.5 |

| | | | | | | | | | | |
|---|---|---|---|---|---|---|---|---|---|---|
| 1-12 | 52 | | 84.48 | | | 2 | 7 | 6 | 5 | 2 |
| 2012-13 | 49020.18 | NA | 65039.28 | NA | 4797 | 7.3 | 140.19 | 1.15 | 407.22 | 394.06 |
| 2013-14 | 33874.20 | NA | 63927.65 | NA | 90 | 0.14 | 53.98. | 0.5 | 235.86 | 1626.39 |
| 2014-15 | 39232.20 | NA | 66948.00 | NA | 18506 | 29.5 | 6.56 | 0.06 | 1128.93 | 45.52 |
| 2015-16 | 40727.60 | NA | 73981.90 | 73.08 | 1825 | 1.91 | - | - | - | 15.90 |
| 2016-17 | 35015.53 | 20.47 | 85802.73 | 76.85 | - | - | 28.79 | 0.17 | 1039.39. | 946.71 |
| 2017-18 | 50089.00 | 31.87 | 90397.86 | 72.31 | 898 | 0.88 | 172.16 | 1.22 | 8566.13 | 5072.73 |
| 2018- | 6204.33 | 38.77 | 116839. | 96.94 | 2976 | 2.38 | 66.79 | 0.26 | 20145.60 | 7091.1 |

| | | | | | | | | | | |
|---|---|---|---|---|---|---|---|---|---|---|
| 19 | | | 47 | | | | | | | 1 |
| 2019-20 | 62802.88 | 35.57 | 141928.08 | 124.59 | 28500 | 21.5 | 56.24 | 0.55 | 8284.45 | 8305.06 |
| 2020-21 | 75059.60 | 43.36 | 172752** | 154** | 25974* | 18.26* | 2.99 | 0.01 | 10530.20 | 3647.11 |
| * 27.01.21 ସୁଦ୍ଧା; **ଆକଳିତ ମୂଲ୍ୟ | | | | | | | | | | |

*NA= ଉପଲବ୍ଧ ନାହିଁ*

**ସଂଲଗ୍ନକ-V**

*ଏନଇପିର ଅଂଶବିଶେଷ ଭାବେ ଶିକ୍ଷା କ୍ଷେତ୍ରରେ ପଦକ୍ଷେପ*

- ଶିକ୍ଷକମାନଙ୍କ ପାଇଁ ଜାତୀୟ ପେସାଦାର ମାନକ-ଏନପିଏସଟି ଆକାରରେ ସମସ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କ ଲାଗି ସାଧାରଣ ମାନକ ବିକଶିତ କରାଯିବ। ଏହା ଶିକ୍ଷକମାନଙ୍କର ସାମର୍ଥ୍ୟ ବୃଦ୍ଧି କରିବ ଏବଂ ଏହାକୁ ଦେଶର ସରକାରୀ ଓ ଘରୋଇ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ସମସ୍ତ ୨୨ ଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ପାଳନ କରିବେ।
- ଖେଳନା ହେଉଛି ଉଭୟ ମନୋରଞ୍ଜନ ଏବଂ ଅଧ୍ୟୟନର ଏକ ଅଭିବ୍ୟକ୍ତି। ଏକ ଅନନ୍ୟ ସ୍ୱଦେଶୀ ଖେଳନା ଭିତ୍ତିକ ଶିକ୍ଷା – ଶିକ୍ଷାବ୍ୟବସ୍ଥା ସମସ୍ତ ସ୍ତରର ବିଦ୍ୟାଳୟ ଶିକ୍ଷା ପାଇଁ ବିକଶିତ କରାଯିବ। ଏହା ଫଳରେ ଶ୍ରେଣୀଗୃହ ଶିକ୍ଷାଦାନ ଢାଞ୍ଚାରେ ପରିବର୍ତ୍ତନ ଆସିବ। ଚିରାଚରିତ ଓ ଘୋଷାପାଠ ପରିବର୍ତ୍ତେ ପିଲାମାନଙ୍କୁ ସମ୍ପୃକ୍ତିଭିତ୍ତିକ ତଥା ଆନନ୍ଦଦାୟକ ଅଧ୍ୟୟନର ଅନୁଭୂତି ପ୍ରାପ୍ତ ହେବ।
- ଏକ ଜାତୀୟ ଡିଜିଟାଲ ଶିକ୍ଷା ଢାଞ୍ଚା (ଏନଡିଇଏଆର) ପ୍ରତିଷ୍ଠା କରାଯିବ। ଏଥିରେ ଡିଜିଟାଲ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯିବ। କେବଳ ଶିକ୍ଷାଦାନ ଏବଂ ଅଧ୍ୟୟନ ସଂକ୍ରାନ୍ତ କାର୍ଯ୍ୟକଳାପରେ ଡିଜିଟାଲ ଢାଞ୍ଚାକୁ ଗ୍ରହଣ କରାଯିବ ନାହିଁ ବରଂ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ଶିକ୍ଷାଗତ ଯୋଜନା, ପ୍ରଶାସନ ଏବଂ ପରିଚାଳନା ଗତିବିଧିରେ ଡିଜିଟାଲ ବ୍ୟବସ୍ଥାକୁ ଗ୍ରହଣ କରାଯିବ। ଏହା ଡିଜିଟାଲ ଭିତ୍ତିଭୂମିର ବିକାଶ ପାଇଁ ଏକ ବିବିଧ ଶିକ୍ଷାଗତ ପରିବେଶ ଯୋଗାଇ ଦେବ, ଯାହାକି ସଂଘୀୟ ହୋଇଥିବ କିନ୍ତୁ ଏକ ଆନ୍ତଃପରିଚାଳନା ବ୍ୟବସ୍ଥା ଦ୍ବାରା ପରିଚାଳିତ ହେବ। ଏହା ବିଶେଷ କରି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ସମେତ ସମସ୍ତ ଅଂଶୀଦାରମାନଙ୍କର କର୍ତ୍ତୃତ୍ବକୁ ସୁନିଶ୍ଚିତ କରିବ।
- ବଧିର ସମସ୍ୟା ଥିବା ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ସରକାର ସାରା ଦେଶରେ ଭାରତୀୟ ସାଙ୍କେତିକ ଭାଷାର ମାନକୀକରଣ ଉପରେ କାର୍ଯ୍ୟ କରିବେ ଏବଂ ସେମାନଙ୍କ ବ୍ୟବହାର ପାଇଁ ଏକ ଅନୁକୂଳ ଜାତୀୟ ଓ ରାଜ୍ୟ ପାଠ୍ୟଖସଡ଼ା ଉପକରଣ ପ୍ରସ୍ତୁତ କରାଯିବ।

- ଦେଶରେ ସଂଖ୍ୟାଧିକ ବରିଷ୍ଠ ଏବଂ ଅବସରପ୍ରାପ୍ତ ଶିକ୍ଷକ ରହିଛନ୍ତି। ସେମାନଙ୍କ ଠାରୁ ବିଷୟ, ବିଷୟବସ୍ତୁ ଏବଂ ଶିକ୍ଷାଶାସ୍ତ୍ର ଉପରେ ନିୟମିତ ଅନଲାଇନ/ଅଫଲାଇନ ସହାୟତା ନିଆଯାଇ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବ୍ୟକ୍ତିଗତ ପ୍ରଶିକ୍ଷଣ କ୍ଷେତ୍ରରେ ବିନିଯୋଗ କରାଯିବ।
- ବର୍ତ୍ତମାନ ସୁଦ୍ଧା ଛାତ୍ରଛାତ୍ରୀଙ୍କୁ ଗୋଟିଏ ପରିମାପରେ ମୂଲ୍ୟାୟନ କରାଯାଇ ଆସୁଛି । ଏପରି ମାନଦଣ୍ଡରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଅଣାଯାଇ ଛାତ୍ରଛାତ୍ରୀଙ୍କୁ କେବଳ ସେମାନଙ୍କ ଜ୍ଞାନର ସ୍ତର ଆଧାରରେ ମୂଲ୍ୟାଙ୍କନ କରାଯିବ ନାହିଁ ବରଂ ପ୍ରତ୍ୟେକ ଶିଶୁର ଅଭିନବ ସାମର୍ଥ୍ୟ ଓ ସମ୍ଭାବନାକୁ ଚିହ୍ନଟ କରିବା ଲାଗି ଏକ ସୁଯୋଗ ଭାବେ ଏହାକୁ ଉପଯୋଗ କରାଯିବ।  ଏହାକୁ ପ୍ରଭାବୀ ଢଙ୍ଗରେ ଲାଗୁ କରିବା ପାଇଁ, ଛାତ୍ରଛାତ୍ରୀଙ୍କ ପାଇଁ ଏକ ସାମଗ୍ରିକ ପ୍ରଗତି କାର୍ଡ ଯୋଗାଇ ଦିଆଯିବ ଯେଉଁଥିରେ ସେମାନେ ନିଜର କ୍ଷମତା, ଆଗ୍ରହର କ୍ଷେତ୍ର, କେଉଁ ବିଷୟ ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି ସେ ସମ୍ପର୍କରେ ସୂଚନା ଦେବେ। ଯାହାଫଳରେ ସେମାନଙ୍କୁ ଉପଯୁକ୍ତ କ୍ୟାରିଅର ବିକଳ୍ପ ଚୟନ କରିବାରେ ସହୟତା ମିଳିପାରିବ।
- ଅଧିକ ସମ୍ବଳ ଉପଲବ୍ଧତା ସୁନିଶ୍ଚିତ କରିବା ଲାଗି, ସାବାଳକ ଶିକ୍ଷାଦାନର ସମ୍ପୂର୍ଣ୍ଣ କ୍ଷେତ୍ର ପାଇଁ ଅନଲାଇନ ମଡ୍ୟୁଲ ପ୍ରଚଳନ କରାଯିବ।
- ଚଳିତ ବର୍ଷ, କୋଭିଡ-19 ମହାମାରୀ ସତ୍ତ୍ୱେ ଆମେ ଡିଜିଟାଲ ମାଧ୍ୟମରେ 30 ଲକ୍ଷ ଏଲିମେଣ୍ଟାରୀ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଛୁ, ଏମାନଙ୍କ ମଧ୍ୟରେ ସମସ୍ତ ବର୍ଗର ଶିକ୍ଷକ ରହିଛନ୍ତି। ଏହାକୁ ଆହୁରି ଆଗକୁ ନେଇ, 2021-22ରେ, ଆମେ ନ୍ୟାସନାଲ ଇନିସିଏଟିଭ ଫର ସ୍କୁଲ ହେଡ୍ସ ଆଣ୍ଡ ଟିଚର୍ସ ଫର ହୋଲିଷ୍ଟିକ ଆଡଭାନ୍ସମେଣ୍ଟ (ନିଷ୍ଠା) ଅଧୀନରେ 56 ଲକ୍ଷ ସ୍କୁଲ ଶିକ୍ଷକଙ୍କୁ ତାଲିମ ଦେବା ଲାଗି ଲକ୍ଷ୍ୟ ରଖିଛୁ।
- ପ୍ରତିବର୍ଷ ଆମର ପ୍ରଧାନମନ୍ତ୍ରୀ ବୋର୍ଡ ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀଙ୍କ ଭୟ ଏବଂ ଚାପ ଦୂର କରିବା ଲାଗି ସେମାନଙ୍କ ସହିତ ଆଲୋଚନା କରୁଛନ୍ତି। ଏହି ଦିଗରେ ଏକ ପ୍ରୟାସ ସ୍ୱରୂପ, ଆମେ ସିବିଏସଇ ବୋର୍ଡ ପରୀକ୍ଷାରେ ପର୍ଯ୍ୟାୟକ୍ରମେ ସଂସ୍କାର ଲାଗୁ କରିବୁ, ଯାହାକି 2022-23 ଶିକ୍ଷାବର୍ଷ ଠାରୁ କାର୍ଯ୍ୟକାରୀ ହେବ। ଘୋଷାପାଠକୁ ନେଇ ପରୀକ୍ଷା କରାଯିବା ପରିବର୍ତ୍ତେ ଛାତ୍ରଛାତ୍ରୀଙ୍କୁ ବିଷୟଗତ

ସ୍ୱଷ୍ଟତା, ବିଶ୍ଳେଷଣ ଦକ୍ଷତା ଏବଂ ବାସ୍ତବ ଜୀବନର ପରିସ୍ଥିତିର ପ୍ରୟୋଗ ସମ୍ପର୍କରେ ଜ୍ଞାନ ଉପରେ ପରୀକ୍ଷା କରାଯିବ।

- ବିଦେଶୀ ଉଚ୍ଚ ଶିକ୍ଷା ସଂସ୍ଥାନ ସହିତ ଶିକ୍ଷାଗତ ସହଭାଗିତା ବୃଦ୍ଧିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏଥିରେ ଦ୍ୱୈତ ଡିଗ୍ରୀ, ଯୁଗ୍ମ ଡିଗ୍ରୀ, ଦ୍ୱୈତ ବ୍ୟବସ୍ଥା ଏବଂ ଏପରି ଅନ୍ୟ ବ୍ୟବସ୍ଥାକୁ ଅନୁମତି ଦେବା ଲାଗି ଏକ ନିୟାମକ ମେକାନିଜମ କାର୍ଯ୍ୟକାରୀ କରାଯିବ।

**ସଂଲଗ୍ନକ VI**

| ଅତିରିକ୍ତ ବଜେଟ ସମ୍ବଳର ବିବରଣୀ (ଇବିଆର) (ସରକାରଙ୍କ ସମ୍ପୂର୍ଣ୍ଣ ସେବାପ୍ରାପ୍ତ ବଣ୍ଡ, ଏନଏସଏସଏଫ ଋଣ ଏବଂ ଅନ୍ୟ ସମ୍ବଳ | | | | | | | | |
|---|---|---|---|---|---|---|---|---|
| | | | | | | *(କୋଟିରେ)* | | |
| ଭାଗ କ-ସମ୍ପୂର୍ଣ୍ଣ ସରକାରଙ୍କ ସେବିତ ବଣ୍ଡ ଜାରି କରିବା ଜରିଆରେ ଇବିଆର ସୃଷ୍ଟି | | | | | | | | |
| ଡିମାଣ୍ଡ ସଂଖ୍ୟା | ମନ୍ତ୍ରଣାଳୟ /ବିଭାଗର ନାମ ଏବଂ ଯୋଜନାର ନାମ | 2016-17 | 2017-18 | 2018-19 | 2019-20 | 2020-21 | 2020-21 | 2021-22 |
| | | ବାସ୍ତବ ବ୍ୟୟ | ବାସ୍ତବ ବ୍ୟୟ | ବାସ୍ତବ ବ୍ୟୟ | ବାସ୍ତବ ବ୍ୟୟ | ବ୍ୟୟ ଅଟକଳ | ସଂଶୋଧିତ ଅଟକଳ | ବ୍ୟୟ ଅଟକଳ |
| 24 | ଉଚ୍ଚ ଶିକ୍ଷା ବିଭାଗ | | | | | | | |
| | ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି ଏବଂ ବ୍ୟବସ୍ଥାର ପୁନରୁଦ୍ଧାର (ରାଇଜ୍) | --- | --- | --- | --- | 3000.00 | --- | |
| 44 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | | | | | | | |

| | | | | | | | | |
|---|---|---|---|---|---|---|---|---|
| | ବିଭାଗ | | | | | | | |
| | ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା | --- | --- | --- | --- | 3000 .00 | --- | |
| 59 | ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ | | | | | | | |
| | ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏ ୱାଇ)- ସହରାଞ୍ଚଳ | --- | --- | 2000 0.00 | --- | 1000 0.00 | --- | NI L |
| 61 | ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ | | | | | | | |
| | ପୋଲାଭରମ ଜଳସେଚନ ପ୍ରକଳ୍ପ | --- | --- | 1400 .00 | 1850 .00 | --- | 2234 .29 | |
| | (ii)ପ୍ରଧାନ ମନ୍ତ୍ରୀ କୃଷି | 218 | 3105 | 5493 | 1963 | 5000 | 4225 .00 | |

| | | | | | | | | |
|---|---|---|---|---|---|---|---|---|
| | ସିଞ୍ଚାଇ ଯୋଜନା (ତ୍ୱରାନ୍ୱିତ ଜଳସେଚନ ଲାଭ କାର୍ଯ୍ୟକ୍ରମ ଏବଂ ଅନ୍ୟ ପ୍ରକଳ୍ପ | 7.00 | .00 | .40 | .30 | .00 | | |
| 62 | ପାନୀୟ ଜଳ ଏବଂ ସ୍ବଚ୍ଛତା ବିଭାଗ | | | | | | | |
| | ସ୍ବଚ୍ଛ ଭାରତ ମିଶନ (ଗ୍ରାମାଞ୍ଚଳ) ଜଳ ଜୀବନ ମିଶନ/ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ | ---<br>--- | ---<br>--- | 8698<br>.20<br>--- | 3600<br>.00<br>--- | ----<br>1200<br>0.00 | ---<br>--- | |
| 70 | ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ | | | | | | | |
| | ଗ୍ରୀଡ୍ ଇଣ୍ଟରାକ୍ଟିଭ୍ ରିନ୍ୟୁଆଲ୍ ପାୱାର୍, | 164<br>0.00 | --- | --- | --- | --- | --- | |

| | | | | | | | | |
|---|---|---|---|---|---|---|---|---|
| | ଅଫ୍ ଗ୍ରୀଡ୍ / ଆବଣ୍ଟିତ ଏବଂ ବିକେନ୍ଦ୍ରୀକୃତ ଅକ୍ଷୟ ଶକ୍ତି | | | | | | | |
| | ପ୍ରଧାନମନ୍ତ୍ରୀ କିଷାନ ଉର୍ଜା ସଂରକ୍ଷଣ ଏବଂ ଉତ୍ଥାନ ମହାଭିଯାନ (ପିଏମ-କୁସୁମ) | --- | --- | --- | --- | 1000.00 | --- | |
| 77 | ବନ୍ଦର, ଜାହାଜ ଚଳାଚଳ ଏବଂ ଜଳମାର୍ଗ ମନ୍ତ୍ରଣାଳୟ | | | | | | | |
| | ଭାରତୀୟ ଆଭ୍ୟନ୍ତରୀଣ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲୁଏଆଇ) ପ୍ରକଳ୍ପ | 340.00 | 660.00 | --- | ---- | --- | --- | |
| 78 | ଶକ୍ତି | | | | | | | |

| | | | | | | | | |
|---|---|---|---|---|---|---|---|---|
| | ମନ୍ତ୍ରଣାଳୟ | | | | | | | |
| | ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା/ ସୌଭାଗ୍ୟ | 5000.00 | 4000.00 | 13827.00 | 3782.00 | 5500.00 | 5000.00 | |
| | (ii) ଶକ୍ତି ବ୍ୟବସ୍ଥା ବିକାଶ ପାଣ୍ଠି ପ୍ରକଳ୍ପ | --- | | 5504.70 | --- | --- | --- | |
| ୪୬ | ଗ୍ରାମୀଣ ବିକାଶ ବିଭାଗ | | | | | | | |
| | ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏ ୱାଇ)-ଗ୍ରାମୀଣ | --- | 7330.00 | 10678.80 | 10811.00 | 10000.00 | 20000.00 | |
| | *ମୋଟ୍* | *9167.00* | *15095.00* | *65602.10* | *22006.30* | *49500.00* | *31459.29* | |

**ଭାଗ-ବି ଏନଏସଏସଏଫରୁ ଋଣ ଜରିଆରେ ଯୋଗାଇ ଦିଆଯାଇଥିବା ଆର୍ଥିକ ସହାୟତା**

*(କୋଟିରେ)*

| କ୍ରଂସଂ | ମନ୍ତ୍ରଣାଳୟ/ବିଭାଗର ନାମ ଏବଂ ଯୋଜନାର ନାମ | 2016-17 ବାସ୍ତବ ବ୍ୟୟ | 2017-18 ବାସ୍ତବ ବ୍ୟୟ | 2018-19 ବାସ୍ତବ ବ୍ୟୟ | 2019-20 ବାସ୍ତବ ବ୍ୟୟ | 2020-21 ବ୍ୟୟ ଅଟକଳ | 2020-21 ସଂଶୋଧିତ ଅଟକଳ | 2021-22 ବ୍ୟୟ ଅଟକଳ |
|---|---|---|---|---|---|---|---|---|
| 1 | **ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ** ଭାରତୀୟ ଖାଦ୍ୟ ନିଗମ | | | | | | | |

| | | | | | | | | |
|---|---|---|---|---|---|---|---|---|
| | # | **70000.00** | 65000.00 | 97000.00 | 110000.00 | 136600.00 | 34636.00 | --- |
| 2 | **ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ** ଅଟ୍ଟାଳିକା ଉପକରଣ ଏବଂ ପ୍ରଯୁକ୍ତି ପ୍ରୋତ୍ସାହନ ପରିଷଦ | --- | 8000.00 | --- | 15000.00 | --- | 10000.00 | |
| 3 | **ରସାୟନ ବିଭାଗ** ଧାତବ ଏବଂ ଖଣିଜ ବାଣିଜ୍ୟ ନିଗମ | --- | --- | --- | 1310.00 | --- | --- | --- |
| 4 | **ଅନ୍ୟ ସରକାରୀ ଏଜେନ୍ସିଗୁଡ଼ିକୁ ସହାୟତା** (ଯଦି କିଛି ଅତିରିକ୍ତ | | | | | | | 30000.00 |

| | | | | | | | | |
|---|---|---|---|---|---|---|---|---|
| | ସମ୍ବଳର ଆବଶ୍ୟକତା ଥାଏ, କେତେକ ନିର୍ଦ୍ଦିଷ୍ଟ ଯୋଜନା/ **ପ୍ରକଳ୍ପ** ଅନ୍ତର୍ଗତ) | | | | | | | |
| | ମୋଟ | 7000<br>0.00 | 7300[illegible]<br>.00 | 9700<br>0.00 | 1263<br>10.00 | 1366<br>00.00 | 9463<br>6.00 | 3000<br>0.00 |
| | *ସର୍ବମୋଟ(A+B)* | *7916[illegible]<br>7.00* | *8809[illegible]<br>.00* | *1626<br>02.10* | *1483<br>16.13* | *1861<br>00.00* | *1260<br>95.29* | *3000<br>0.00* |

*# 31.03.2020 ସୁଦ୍ଧା ଏନଏସଏସଏଫର ବକେୟା ଋଣ ପରିବାର ଥିଲା ` 2,54,600 କୋଟି ଟଙ୍କା*

***ଦ୍ରଷ୍ଟବ୍ୟ :***

***(i)*** *ଏଆଇଏଏଚଏଲକୁ ହସ୍ତାନ୍ତରିତ ହୋଇଥିବା ଏଆଇର ଋଣ ନିମନ୍ତେ ପୁନଃ ପାଣ୍ଠିଯୋଗାଣ ଉଦ୍ଦେଶ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନ ଏୟାର ଇଣ୍ଡିଆ ଆସେଟ ହୋଲ୍ଡିଂ ଲିମିଟେଡ (ଏଆଇଏଏଚଏଲ)କୁ 7ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସରକାରୀ ସର୍ଭିସ ବଣ୍ଡ ଜାରି କରିବା ଜରିଆରେ ଇବିଆର ସଂଗ୍ରହ ନିମନ୍ତେ 2019-20 ଆର୍ଥିକ ବର୍ଷରେ ଅନୁମତି ଦିଆଯାଇଥିଲା।*

***(ii)*** *ରେଳ ମନ୍ତ୍ରଣାଳୟକୁ ଏହାର ଜାତୀୟ ପ୍ରକଳ୍ପଗୁଡ଼ିକ ନିମନ୍ତେ ଅର୍ଥଯୋଗାଡ଼ ଉଦ୍ଦେଶ୍ୟରେ ଋଣଉଠାଣ ଜରିଆରେ 10,200 କୋଟି (5200 କୋଟି ଟଙ୍କା 2018-19 ଆର୍ଥିକ ବର୍ଷରେ ଏବଂ 2019-20 ଆର୍ଥିକ ର୍ବରେ 500 କୋଟି ଟଙ୍କା) ଟଙ୍କାର ପାଣ୍ଠି ଆବଶ୍ୟକତା ପୂରଣ କରିବା ଲାଗି ମଞ୍ଜୁରି ଦିଆଯାଇଥିଲା।*

***(iii)*** *ସରକାରୀ ବ୍ୟାଙ୍କରେ ପୁଞ୍ଜିବିନିଯୋଗ : ସରକାରୀ ବ୍ୟାଙ୍କ (ପିଏସବି)ଗୁଡ଼ିକର ପୁନଃ ପୁଞ୍ଜିକରଣ ନିମନ୍ତେ 2017-18 ଆର୍ଥିକ ବର୍ଷରେ 80,000 କୋଟି ଟଙ୍କା,*

*2018-19 ଆର୍ଥିକ ବର୍ଷରେ 1,06,000 ଟଙ୍କା ଏବଂ 2019-20ରେ 65,443 କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯାଇଥିଲା। ଏହି ଉଦ୍ଦେଶ୍ୟ ଲାଗି 2020-21 ଆର୍ଥିକ ବର୍ଷରେ 20,000 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା। 2020-21 ଆର୍ଥିକ ବର୍ଷରେ ସୁଧମୁକ୍ତ ସ୍ୱତନ୍ତ୍ର ସିକ୍ୟୁରିଟି ଆକାରରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ 5500 କୋଟି ଟଙ୍କାର ପୁଞ୍ଜି ନିବେଶ କରିଛନ୍ତି। ଅନ୍ୟ ତିନୋଟି ବ୍ୟାଙ୍କ ଆଇଡିବିଆଇ(4557କୋଟି), ଏକ୍ସିମ ବ୍ୟାଙ୍କ (5050କୋଟି) ଏବଂ ଆଇଆଇଏଫସିଏଲ (5297.60 କୋଟି) ବ୍ୟାଙ୍କରେ ବଣ୍ଡ ଜାରି କରିବା ଜରିଆରେ ପୁଞ୍ଜି ବିନିଯୋଗ କରିଛନ୍ତି।*

***(iv)*** *ବାର୍ଷିକ ପରିଯୋଜନା ଉପରେ ଦେୟତା ବିବରଣୀ ରିସିପ୍ଟ ବଜେଟ 2021-22ର ଭାଗ-ଖରେ ଦିଆଯାଇଛି। 2019-20 ଆର୍ଥିକ ବର୍ଷର ଶେଷରେ ପଇଠ ହୋଇନଥିବା ବାର୍ଷିକ ଦେୟ ପରିମାଣ 41,822.04 କୋଟି ଟଙ୍କା ଥିଲା।*

**ବଜେଟ ଅଭିଭାଷଣର ଭାଗ ଖ'ର ସଂଲଗ୍ନକ**

**ପ୍ରତ୍ୟକ୍ଷ ଟିକସ ପ୍ରସ୍ତାବ:**

| କ୍ରଂସଂ. | ପ୍ରସ୍ତାବ | ପ୍ରସ୍ତାବିତ ସଂଶୋଧନର ବିବରଣୀ |
|---|---|---|
| 1. | **ବରିଷ୍ଠ ନାଗରିକମାନଙ୍କୁ ରିହାତି** | ଯଦି ଅର୍ଥ ପଇଠ କରୁଥିବା ବ୍ୟାଙ୍କ ସମ୍ପୂର୍ଣ୍ଣ ଟିକସଯୋଗ୍ୟ ଅର୍ଥ କାଟି ରଖୁଥାଏ ତା'ହେଲେ 75 ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକ ପେନସନଭୋଗୀଙ୍କୁ ଆୟକର ଦାଖଲ କରିବାକୁ ପଡ଼ିବ ନାହିଁ। ଏହି ନିୟମରୁ ସେମାନଙ୍କୁ ରିହାତି ମିଳିବା ଫଳରେ ସେମାନଙ୍କ ଉପରେ ଅନୁପାଳନର ବୋଝ ହ୍ରାସ ପାଇବ। ଏହି ଛାଡ଼ ସେହି ବରିଷ୍ଠ ନାଗରିକମାନେ ପାଇବେ ଯେଉଁମାନେ ପେନସନ ଆୟ ବାଦ୍ ସୁଧ ଆୟ କରୁଛନ୍ତି। |
| 2. | **ସମୟସୀମାରେ ହ୍ରାସ** | ଅନୁପାଳନର ବୋଝ ହ୍ରାସ କରିବା ଉଦ୍ଦେଶ୍ୟରେ, ଆସେସମେଣ୍ଟ ପୁନଃଖୋଲିବାର ସମୟସୀମାକୁ ପ୍ରଯୁଜ୍ୟ ଆସେସମେଣ୍ଟ ବର୍ଷ ଶେଷ ଠାରୁ ବର୍ତ୍ତମାନର 6 ବର୍ଷରୁ 3 ବର୍ଷକୁ ହ୍ରାସ କରାଯାଉଛି। ଗୋଟିଏ ବର୍ଷରେ 50 ଲକ୍ଷ କିମ୍ବା ତତୋଧିକ ଅଘୋଷିତ ଆୟର ପ୍ରମାଣ ମିଳିବା କ୍ଷେତ୍ରରେ 10 ବର୍ଷ ପର୍ଯ୍ୟନ୍ତ ଅବଧି ମଧ୍ୟରେ ପୁନଃଖୋଲିବା ଅନୁମତି ଦେବା ନିମନ୍ତେ ପ୍ରସ୍ତାବ ରଖାଯାଇଛି। ଆହୁରି, ପୁନଃଖୋଲିବା କ୍ଷେତ୍ରରେ ଇଚ୍ଛାଧୀନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯିବ ଏବଂ କେବଳ ଡାଟା ଆନାଲିଟିକ୍ସ, |

| | | |
|---|---|---|
| | | ସିଏଜିଙ୍କ ଆପତ୍ତି ଏବଂ ଅନୁସନ୍ଧାନ/ସର୍ବେକ୍ଷଣ ମାମଲାରେ ସିଷ୍ଟମ ଦ୍ବାରା ନିର୍ଦ୍ଦେଶିତ ମାମଲାରେ ପୁନଃଖୋଲିବାକୁ ଅନୁମତି ଦିଆଯିବ। ଆହୁରି, ଯଥାଶୀଘ୍ର ଆୟକର କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ସୁନିଶ୍ଚିତତା ଆଣିବା ସକାଶେ, ସାଧାରଣ ଆସେସମେଣ୍ଟ ବା ଆୟକର ରିଟର୍ଣ୍ଣ ପ୍ରକ୍ରିୟାକରଣ ବା ରିଟର୍ଣ୍ଣ ଦାଖଲ କରିବାର ସମୟସୀମାକୁ ତିନି ମାସ ପାଇଁ ହ୍ରାସ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି । |
| 3. | **ଲାଭାଂଶ ପାଇଁ ରିହାତି** | ଟିକସଦାତାମାନଙ୍କୁ ରିହାତି ଦେବା ଉଦ୍ଦେଶ୍ୟରେ, ଲାଭାଂଶର ଘୋଷଣା/ପଇଠ ପରେ ଯାଇ ଲାଭାଂଶ ଆୟ ଉପରେ ଅଗ୍ରୀମ ଟିକସ ଦେୟତା ଲାଗୁ ହେବ। ରିଅଲ ଇଷ୍ଟେଟ ଭିତ୍ତିଭୂମି ଟ୍ରଷ୍ଟ କିମ୍ବା ଭିତ୍ତିଭୂମି ନିବେଶ ଟ୍ରଷ୍ଟ (ଆରଇଆଇଟି/ଇନଭିଟ)କୁ ପ୍ରଦାନ କରାଯାଉଥିବା ଡିଭିଡେଣ୍ଡରୁ ଟିଡିଏସ୍ ଛାଡ଼ କରାଯିବ। ଏହା ମଧ୍ୟ ସ୍ପଷ୍ଟ କରିବାକୁ ପ୍ରସ୍ତାବ ଦିଆଯାଉଛି ଯେ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ଲାଭାଂଶ ଆୟ ସମେତ ଆୟ ଉପରେ ଲାଗୁ ହେଉଥିବା ଆୟକର ଚୁକ୍ତିର ଦର ଅନୁଯାୟୀ ଲାଗୁ ହୋଇପାରେ। ବିଦେଶୀ କମ୍ପାନୀ ପାଇଁ ସର୍ବନିମ୍ନ ବିକଳ୍ପ ଟିକସ (ମ୍ୟାଟ୍)ର ଲେଭିରୁ ଲାଭାଂଶ ପଇଠକୁ ଛାଡ଼ କରାଯାଇଛି । ଯଦି ପ୍ରଯୁଜ୍ୟ ଟିକସ ଦର ମ୍ୟାଟ ଦର ଠାରୁ କମ ହୋଇଥିବ ତା'ହେଲେ ଏହି ଛାଡ଼ ଲାଗୁ ହେବ। |
| 4. | **ବିବାଦ ସମାଧାନ ସମିତି (ଡିଆରସି) ପ୍ରତିଷ୍ଠା** | ମାମଲା ସଂଖ୍ୟା ହ୍ରାସ କରିବା ଏବଂ କ୍ଷୁଦ୍ର ଟିକସଦାତାମାନଙ୍କର ବିବାଦ ସମାଧାନକୁ ତ୍ବରାନ୍ବିତ କରିବା ଉଦ୍ଦେଶ୍ୟରେ ଏକ ବିବାଦ |

| | | |
|---|---|---|
| | | ସମାଧାନ ସମିତି ଗଠନ କରିବାକୁ ପ୍ରସ୍ତାବ ଦିଆଯାଉଛି। 50 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସଯୋଗ୍ୟ ଆୟ ଏବଂ 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିବାଦୀୟ ଆୟ ଥିବା ଟିକସଦାତା ଏହି ସମିତି ନିକଟରେ ଆବେଦନ କରିପାରିବେ। ଦକ୍ଷତା, ପାରଦର୍ଶିତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ସମିତିର ପ୍ରକ୍ରିୟା ଫେସଲେସ୍ ମାଧ୍ୟମରେ କରାଯିବ।<br>ଘଟଣାକ୍ରମେ, ସମାଧାନ ଆୟୋଗର କାର୍ଯ୍ୟକାଳ 01.02.2021ରୁ ଶେଷ ହୋଇଯିବ। ଯଦି ଆବେଦନକାରୀ ଚାହାନ୍ତି ତା'ହେଲେ ଏକ ଅନ୍ତରୀଣ ବୋର୍ଡ ଦ୍ୱାରା ପଡ଼ି ରହିଥିବା ମାମଲା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। |
| 5. | **ଫେସଲେସ ଆୟକର ଅପିଲ ଟ୍ରିବ୍ୟୁନାଲ (ଆଇଟିଏଟି)** | ସ୍ୱଚ୍ଛ ଟିକସ ଆବେଦନ ବ୍ୟବସ୍ଥା ଯୋଗାଇ ଦେବା ଲାଗି, ଆୟକର ଅପିଲ ଟ୍ରିବ୍ୟୁନାଲକୁ ଫେସଲେସ ଏବଂ ନ୍ୟାୟାଧିକାର କ୍ଷେତ୍ର ମୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏକ ଜାତୀୟ ଫେସଲେସ ଆୟକର ଅପିଲ ଟ୍ରିବ୍ୟୁଟାଲ କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଟ୍ରିବ୍ୟୁନାଲ ଓ ଆବେଦନକାରୀଙ୍କ ମଧ୍ୟରେ ହେଉଥିବା ସମସ୍ତ ଯୋଗାଯୋଗ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ହେବ। ଯେଉଁଠି ବ୍ୟକ୍ତିଗତ ଶୁଣାଣିର ଆବଶ୍ୟକତା ରହିବ, ଏହା ଭିଡିଓ କନଫରେନ୍ସିଂ ମାଧ୍ୟମରେ ହେବ। |
| 6. | **ସହରୀ ସମବାୟ** ବ୍ୟାଙ୍କ **(ୟୁସିବି)କୁ** ସ୍ମଲ **ଫାଇନାନ୍ସ ବ୍ୟାଙ୍କ (ଏସଏଫବି)ରେ ପରିଣତ କରିବାର ଟିକସ ନିରପେକ୍ଷତା** | ୟୁସିବିଗୁଡ଼ିକୁ ଏସଏଫବିରେ ପରିଣତ କରିବା ଲାଗି ସୁବିଧା ଦେବା ସକାଶେ, ୟୁସିବିକୁ ଏସଏଫବିରେ ପରିଣତ କରିବା ନିମନ୍ତେ ଟିକସ ନିରପେକ୍ଷତା ପ୍ରଦାନ କରିବା ଲାଗି ପ୍ରସ୍ତାବ ଦିଆଯାଉଛି। ତେଣୁ ଏସଏଫବିକୁ ହସ୍ତାନ୍ତରିତ |

| | | |
|---|---|---|
| | | ହେଉଥିବା ସମ୍ପତି ଉପରେ ୟୁସିବିଗୁଡ଼ିକୁ ପୁଞ୍ଜିଲାଭ ପଇଠ କରିବାକୁ ପଡ଼ିବ ନାହିଁ। |
| 7. | **ଶସ୍ତା ଆବାସ ଏବଂ ଶସ୍ତା ଭଡ଼ା ଗୃହ ପ୍ରକଳ୍ପ ପାଇଁ ଟିକସ ପ୍ରୋତ୍ସାହନ** | ଶସ୍ତା ଆବାସ କ୍ରୟ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ, ଶସ୍ତା ଆବାସ କ୍ରୟ ନିମନ୍ତେ ନିଆଯାଇଥିବା ଋଣ ପାଇଁ ପଇଠ କରାଯାଇଥିବା ଦେଢ଼ଲକ୍ଷ ଟଙ୍କାର ଅତିରିକ୍ତ ସୁଧ ଛାଡ଼ ପାଇଁ ଯୋଗ୍ୟତା ଅବଧିକୁ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି।<br>ଶସ୍ତା ଆବାସ ଯୋଗାଣକୁ ବଢ଼ାଇବା ଉଦ୍ଦେଶ୍ୟରେ ଶସ୍ତା ଆବାସ ପ୍ରକଳ୍ପ ପାଇଁ ଟିକସ ଛାଡ଼ ସୁବିଧା ଦାବି କରିବାର ଯୋଗ୍ୟତା ଅବଧିକୁ ଅତିରିକ୍ତ ଗୋଟିଏ ବର୍ଷ ପର୍ଯ୍ୟନ୍ତ ଅର୍ଥାତ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ବୃଦ୍ଧି କରିଦିଆଯାଇଛି।<br>ପ୍ରବାସୀ ଶ୍ରମିକମାନଙ୍କୁ ଶସ୍ତା ଆବାସ ଯୋଗାଣକୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଜ୍ଞପିତ ଶସ୍ତା ଭଡ଼ା ଆବାସ ପ୍ରକଳ୍ପ ପାଇଁ ନୂତନ ଟିକସ ଛାଡ଼କୁ ଅନୁମତି ଦେବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି। |
| 8. | **ଷ୍ଟାର୍ଟଅପ୍ସଗୁଡ଼ିକ ପାଇଁ ଟିକସ ଲାଭ** | ଦେଶରେ ଅଧିକ ଷ୍ଟାର୍ଟଅପ୍ସ ପ୍ରତିଷ୍ଠାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଷ୍ଟାର୍ଟଅପ୍ସଗୁଡ଼ିକ ପାଇଁ ଟିକସ ଛାଡ଼ ସୁବିଧା ଦାବି କରିବା ନିମନ୍ତେ ଯୋଗ୍ୟତା ଅବଧିକୁ ଆହୁରି ଗୋଟିଏ ବର୍ଷ 31 ମାର୍ଚ୍ଚ, 2022 ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି।<br>ଷ୍ଟାର୍ଟଅପ୍ସରେ ନିବେଶକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ, ଷ୍ଟାର୍ଟଅପ୍ସଗୁଡ଼ିକରେ ହେଉଥିବା ନିବେଶ ଉପରେ ପୁଞ୍ଜି ଲାଭ ଛାଡ଼ ଦାବିର ଯୋଗ୍ୟତାକୁ ଆହୁରି ଗୋଟିଏ ବର୍ଷ 31 ମାର୍ଚ୍ଚ, |

| | | |
|---|---|---|
| | | 2022 ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି। |
| 9. | **ଅବସର ପରେ ଲାଭ ମିଳୁଥିବା ଆକାଉଣ୍ଟରୁ ଆୟ ପାଇଁ ଏନଆରଆଇ ମାନଙ୍କୁ ରିହାତି** | ଟିକସ ବ୍ୟବସ୍ଥା ମେଳ ଖାଉନଥିବା କାରଣରୁ ବିଦେଶରୁ ଅବସର ଲାଭ ପାଉଥିବା ଏନଆରଆଇ ମାନେ ସେମାନଙ୍କର ଆୟ ଉପରେ ଟିକସ ଦେବା କ୍ଷେତ୍ରରେ ସମସ୍ୟା ଭୋଗିଥାନ୍ତି। ଏହାକୁ ଦୂର କରିବା ଲାଗି କେତେକ ନିୟମ ବିଜ୍ଞପିତ କରିବା ଲାଗି ପ୍ରସ୍ତାବ ଦିଆଯାଉଛି ଯାହାଦ୍ବାରା ଅବସର ପରେ ଆକାଉଣ୍ଟରୁ ହେଉଥିବା ଆୟ ଉପରେ ଲାଗୁ ଟିକସକୁ ବ୍ୟବସ୍ଥିତ କରାଯାଇପାରିବ। |
| 10. | **ଅଡିଟରୁ ଛାଡ଼** | ଯେଉଁ ବ୍ୟକ୍ତିମାନେ ସେମାନଙ୍କର ଅଧିକାଂଶ କାରବାର ଡିଜିଟାଲ ମାଧ୍ୟମରେ କରୁଛନ୍ତି, ସେମାନଙ୍କ ଉପରେ ଅନୁପାଳନ ବୋଝ ହ୍ରାସ କରିବା ଏବଂ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ, ନିଜ କାରବାରର 95% ଡିଜିଟାଲ କାରବାର କରୁଥିବା ଲୋକମାନଙ୍କ ପାଇଁ ଟିକସ ଅଡିଟର ସୀମାକୁ 5 କୋଟିରୁ 10 କୋଟି ଟଙ୍କାକୁ ବୃଦ୍ଧି କରିଦିଆଯାଇଛି। |
| 11. | **ପୁଞ୍ଜିପ୍ରତ୍ୟାହାର ପାଇଁ ହେଉଥିବା କ୍ଷତିକୁ ଭରଣା କରିବା ଲାଗି ନିୟମ କୋହଳ** | ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ରଣନୈତିକ ପୁଞ୍ଜି ପ୍ରତ୍ୟାହାରକୁ ପ୍ରୋତ୍ସାହନ ଦେବା ଲାଗି ସମ୍ମିଶ୍ରଣରେ ପୁଞ୍ଜି ପ୍ରତ୍ୟାହୃତ ପିଏସୟୁଗୁଡ଼ିକର କ୍ଷତିଭରଣା ଲାଗି ନିୟମ କୋହଳ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି। |
| 12. | **ପୁଞ୍ଜି ପ୍ରତ୍ୟାହାର ସକାଶେ ଟିକସ ନିରପେକ୍ଷ ହସ୍ତାନ୍ତର ପାଇଁ ନିୟମ କୋହଳ** | ରଣନୈତିକ ପୁଞ୍ଜି ପ୍ରତ୍ୟାହାରକୁ ପ୍ରୋତ୍ସାହନ ଦେବା ସକାଶେ, ଟିକସ ନିରପେକ୍ଷ ହସ୍ତାନ୍ତର ଆକାରରେ ପିଏସୟୁ ଦ୍ବାରା ଅନ୍ୟ କମ୍ପାନୀକୁ ସମ୍ପତ୍ତି ହସ୍ତାନ୍ତରକୁ ବିବେଚନା କରିବା ଲାଗି ପ୍ରସ୍ତାବ ଦିଆଯାଉଛି। |

| | | |
|---|---|---|
| 13. | **ଭିତ୍ତିଭୂମି ଋଣ ପାଣ୍ଠି ଦ୍ବାରା ଜିରୋ କୁପନ ବଣ୍ଡ** | ଭିତ୍ତିଭୂମିର ପାଣ୍ଠି ଯୋଗାଣକୁ ଅନୁମତି ଦେବା ସକାଶେ, ଟିକସ ଲାଭ ପାଇବା ପାଇଁ ଯୋଗ୍ୟ ବିଜ୍ଞପିତ ଆଇଡିଏଫ ଦ୍ବାରା ଜାରି କରାଯାଉଥିବା ଜିରୋ କୁପନ ବଣ୍ଡକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି। |
| 14. | **ୟୁନିଟ ଲିଙ୍କଡ ବୀମା ଯୋଜନା (ୟୁଏଲଆଇପି)ର ଟିକସ ବ୍ୟବସ୍ଥାକୁ ଯୁକ୍ତିସଙ୍ଗତ କରିବା** | ୟୁଏଲଆଇପିର ଟିକସ ବ୍ୟବସ୍ଥାକୁ ଯୁକ୍ତିସଙ୍ଗତ କରିବା ଲାଗି, ବାର୍ଷିକ 2.5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରିମିୟମ ଥିବା ୟୁଏଲଆଇପିର ମ୍ୟାଚ୍ୟୁରିଟି ପ୍ରକ୍ରିୟା ପାଇଁ ଟିକସ ଛାଡ଼କୁ ଅନୁମତି ଦେବା ଲାଗି ପ୍ରସ୍ତାବ ଦିଆଯାଉଛି। ତେବେ, ମୃତ୍ୟୁ କ୍ଷେତ୍ରରେ ମିଳୁଥିବା କ୍ଷତିପୂରଣରେ ବାର୍ଷିକ ପ୍ରିମିୟମ ଉପରେ କୌଣସି ସୀମା ବିନା ଛାଡ଼ ସୁବିଧା ମିଳିବ। 01.02.2021ରେ କିମ୍ବା ଏହାପରେ ନିଆଯାଇଥିବା ପଲିସି ପାଇଁ ୟୁଏଲଆଇପିର ବାର୍ଷିକ ପ୍ରିମିୟମ ଉପରେ ଅଢ଼େଇ ଲକ୍ଷର ସୀମା ଲାଗୁ ହେବ। ଆହୁରି, ସମାନତା ଆଣିବା ଉଦ୍ଦେଶ୍ୟରେ, ଛାଡ଼ ପାଇନଥିବା ୟୁଏଲଆଇପିଗୁଡ଼ିକୁ ମ୍ୟୁଚୁଆଲ ଫଣ୍ଡକୁ ମିଳୁଥିବା ସମାନ ପୁଞ୍ଜି ଲାଭ ରିହାତି ଯୋଗାଇ ଦିଆଯିବ। |
| 15. | **ପ୍ରୋଭିଡେଣ୍ଟ ଫଣ୍ଡ ଉପରେ ଟିକସମୁକ୍ତ ଆୟକୁ ଯୁକ୍ତିସଙ୍ଗତ କରିବା** | ଅଧିକ ଆୟ କରୁଥିବା କର୍ମଚାରୀଙ୍କ ଆୟ ପାଇଁ ଟିକସ ଛାଡ଼କୁ ଯୁକ୍ତିସଙ୍ଗତ କରିବା ଉଦ୍ଦେଶ୍ୟରେ, ବିଭିନ୍ନ ପ୍ରୋଭିଡେଣ୍ଟ ଫଣ୍ଡରେ କର୍ମଚାରୀଙ୍କର ଅଢ଼େଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଯୋଗଦାନ ପାଇଁ ହେଉଥିବା ସୁଧ ଆୟ ଉପରେ ଟିକସ ଛାଡ଼କୁ ସୀମିତ କରିବା ନିମନ୍ତେ ପ୍ରସ୍ତାବିତ କରାଯାଉଛି । ଏହି କଟକଣା 01.04.2021ରେ କିମ୍ବା ଏହା ପରେ ହେଉଥିବା ଯୋଗଦାନ ଉପରେ ଲାଗୁ ହେବ। |
| 16. | **ପାର୍ଟନର୍ସମାନେ ପାଉଥିବା** | ସ୍ଥିରତା ପ୍ରଦାନ ଉଦ୍ଦେଶ୍ୟରେ, ମୂଳ ଯୋଗଦାନ |

| | | |
|---|---|---|
| | **ବଳକା ଅର୍ଥ ଉପରେ ଟିକସ ଦେୟତା** | ଅଧିକ ହେବା କ୍ଷେତ୍ରରେ ପାର୍ଟନର୍ସିପ ଫାର୍ମରୁ ପାର୍ଟନର୍ସମାନେ ପାଉଥିବା ସମ୍ପତ୍ତି ଏବଂ ଅର୍ଥ ଉପରେ ଟିକସ ଲାଗୁ ସଂକ୍ରାନ୍ତ ବ୍ୟବସ୍ଥାକୁ ଯୁକ୍ତିସଙ୍ଗତ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି। |
| 17. | **ଗୁଡ୍‌ୱିଲ୍ ଉପରେ ଦରହ୍ରାସ ସଂକ୍ରାନ୍ତରେ ସ୍ପଷ୍ଟିକରଣ** | ସୁନିଶ୍ଚିତତା ଯୋଗାଣ ଉଦ୍ଦେଶ୍ୟରେ, ଗୁଡଓ୍ୱିଲ ଉପରେ କୌଣସି ଦରହ୍ରାସ କରାଯିବ ନାହିଁ ବୋଲି ସ୍ପଷ୍ଟ ଭାବେ ପ୍ରସ୍ତାବିତ କରାଯାଉଛି। ତେବେ, ଗୁଡଓ୍ୱିଲ ହାସଲ କରିବା ଲାଗି ପଇଠ କରାଯାଉଥିବା ପରିମାଣ ଉପରେ ହ୍ରାସ କେବଳ ଗୁଡ୍‌ୱିଲ ବିକ୍ରି କ୍ଷେତ୍ରରେ ଅନୁମତି ଲାଭ କରିବ। |
| 18. | **ସ୍ଲମ୍ପ ସେଲ ସମ୍ପର୍କରେ ସ୍ପଷ୍ଟୀକରଣ** | ସୁନିଶ୍ଚିତତା ପ୍ରଦାନ କରିବା ଉଦ୍ଦେଶ୍ୟରେ, ସ୍ପଷ୍ଟୀକରଣ ଲାଗି ଏହା ପ୍ରସ୍ତାବିତ କରାଯାଉଛି ଯେ ସ୍ଲମ୍ପ ସେଲରେ ସମସ୍ତ ପ୍ରକାରର ହସ୍ତାନ୍ତର ସାମିଲ ହେବ। |
| 19. | **ନକଲି ଇନଭଏସ/ଶାମ ଟ୍ରାଞ୍ଜାକ୍ସନ** | ରାଜସ୍ବ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ, 2 କୋଟି ଟଙ୍କାରୁ ଅଧିକ ନକଲି ଇନଭଏସ/ଶାମ ଟ୍ରାଞ୍ଜାକ୍ସନ ପାଇଁ ଲାଗୁ ହେଉଥିବା ଜୋରିମାନା କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ସମ୍ପତ୍ତିର ଅସ୍ଥାୟୀ ବାଜ୍ୟାପ୍ତିକୁ ମଧ୍ୟ ସାମିଲ କରାଯିବ। |
| 20. | **କ୍ଷୁଦ୍ର ଟ୍ରଷ୍ଟଗୁଡ଼ିକ ପାଇଁ ରିହାତି** | ଶିକ୍ଷାନୁଷ୍ଠାନ ଏବଂ ହସ୍ପିଟାଲ ଚଳାଉଥିବା ଦାତବ୍ୟ ସଂସ୍ଥାଗୁଡ଼ିକ ଉପରେ ଅନୁପାଳନ ବୋଝ ହ୍ରାସ କରିବା ଉଦ୍ଦେଶ୍ୟରେ, ଅନୁମୋଦନ ଆଦି ବିଭିନ୍ନ ଅନୁପାଳନର ପ୍ରୟୋଗ କରାନଯିବା ପାଇଁ ଏହିସବୁ ଟ୍ରଷ୍ଟର ବାର୍ଷିକ ରିସିପ୍ଟ ସୀମା ବର୍ତ୍ତମାନର 1 କୋଟିରୁ 5 କୋଟି ଟଙ୍କାକୁ ବୃଦ୍ଧି କରିବା ଲାଗି ନିଷ୍ପତ୍ତି ନିଆଯାଇଛି। |
| 21 | **ଦାତବ୍ୟ ସଂଗଠନ ଦ୍ବାରା ହେଉଥିବା କ୍ଷତିର ଭରଣା** | ସ୍ପଷ୍ଟୀକରଣ ଦେବା ଉଦ୍ଦେଶ୍ୟରେ, ଏହି ପ୍ରସ୍ତାବ ଦିଆଯାଉଛି ଯେ ଦାତବ୍ୟ ଟ୍ରଷ୍ଟଗୁଡ଼ିକ କ୍ଷତିଭରଣା ସଂକ୍ରାନ୍ତ ଦାବି କରିପାରିବେ ନାହିଁ। |

| | | |
|---|---|---|
| | | ତେବେ ଋଣ ପୁନଃପରିଶୋଧ ଏବଂ କର୍ପସ ପୁନଃଜମାକୁ ଆବେଦନ ଭାବେ ଅନୁମତି ଦିଆଯିବ। |
| 22. | **ଲେଭି ସମୀକରଣ ପାଇଁ ସ୍ପଷ୍ଟୀକରଣ \|** | ସୁନିଶ୍ଚିତତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହା ସ୍ପଷ୍ଟ କରାଯାଉଛି ଯେ ଆୟକର ଅଧୀନରେ ଟିକସଯୋଗ୍ୟ କାରବାରଗୁଡ଼ିକ ଲେଭି ସମୀକରଣ ପାଇଁ ଯୋଗ୍ୟ ନୁହନ୍ତି। ଆହୁରି, ଏହା ମଧ୍ୟ ସ୍ପଷ୍ଟ କରିବା ଲାଗି ପ୍ରସ୍ତାବ ଦିଆଯାଉଛି ଯେ ସାମଗ୍ରୀଗୁଡ଼ିକର ଭୌତିକ ଏବଂ ଅଫଲାଇନ ଯୋଗାଣ ଉପରେ ସମାନ ଲେଭି ପ୍ରଯୁଜ୍ୟ ହେବ। |
| 23 | **ବିଭିନ୍ନ ଶ୍ରମ କଲ୍ୟାଣ ପାଣ୍ଠିରେ ନିର୍ଦ୍ଧାରିତ ତାରିଖ ସୁଦ୍ଧା କର୍ମଚାରୀଙ୍କର ଯୋଗଦାନକୁ ଠିକ ସମୟରେ ଜମା କରିବା** | ନିଯୁକ୍ତିଦାତା ବିଭିନ୍ନ ଶ୍ରମିକ କଲ୍ୟାଣ ପାଣ୍ଠିରେ ଠିକ ସମୟରେ ଶ୍ରମିକମାନଙ୍କର ଯୋଗଦାନ ଜମା କରୁନଥିବା କାରଣରୁ କର୍ମଚାରୀଙ୍କର ସୁଧ/ଆୟ ହ୍ରାସ ଘଟିଥାଏ। କର୍ମଚାରୀଙ୍କର ଆର୍ଥିକ ଯୋଗଦାନକୁ ଏହିସବୁ ଶ୍ରମିକ କଲ୍ୟାଣ ପାଣ୍ଠିରେ ଠିକ ସମୟରେ ଯୋଗଦାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ପ୍ରସ୍ତାବ ଦିଆଯାଉଛି ଯେ କର୍ମଚାରୀଙ୍କର ଯୋଗଦାନ ନିଯୁକ୍ତିଦାତା ବିଳମ୍ବରେ ପଇଠ କଲେ ଏହା ନିଯୁକ୍ତିଦାତାଙ୍କର ଡିଡକ୍ସନ ଭାବେ ଆଦୌ ଗ୍ରହଣ କରାଯିବ ନାହିଁ। |
| 24 | **ସୋଭରେନ ସମ୍ପତ୍ତି ପାଣ୍ଠି ଏବଂ ପେନସନ ପାଣ୍ଠି (ଏସଡବ୍ଲୁଏଫ/ପିଏଫ)କୁ ମିଳୁଥିବା ଛାଡ଼ ପାଇଁ ନିୟମ କୋହଳ** | ଭାରତୀୟ ଭିତ୍ତିଭୂମିରେ ଅଧିକ ସଂଖ୍ୟକ ଏସଡବ୍ଲୁଏଫ/ପିଏଫର ନିବେଶକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବିଗତ ବଜେଟରେ ଶତପ୍ରତିଶତ ଟିକସ ଛାଡ଼ ସୁବିଧା ପାଇଁ କେତେକ ନିୟମ କୋହଳ କରିବା ସକାଶେ ପ୍ରସ୍ତାବ ଦିଆଯାଇଥିଲା। ଯେଉଁ ନିୟମଗୁଡ଼ିକୁ କୋହଳ କରାଯିବ ସେଗୁଡ଼ିକ ମଧ୍ୟରେ ରହିଛି ଋଣ ଏବଂ ଉଧାର ଉପରେ ପ୍ରତିବନ୍ଧକ, |

| | | |
|---|---|---|
| | | ବାଣିଜ୍ୟିକ ଗତିବିଧି ଉପରେ କଟକଣା ଭିତ୍ତିଭୂମି ମାଲିକାନା ଥିବା ସଂସ୍ଥାରେ ପ୍ରତ୍ୟକ୍ଷ ନିବେଶ ଆଦି। |
| 25. | **ଆଇଏଫଏସସି ପାଇଁ ଟିକସ ପ୍ରୋତ୍ସାହନ** | ଆଇଏପଏସସିଗୁଡ଼ିକୁ ପ୍ରୋତ୍ସାହନ ଦେବା ସକାଶେ ଅଧିକ ଟିକସ ରିହାତି ପ୍ରଦାନ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି ଏଥିମଧ୍ୟରେ ସାମିଲ ରହିଛି, ଏୟାରକ୍ରାଫ୍ଟ ଲିଜ ଦେଉଥିବା କମ୍ପାନୀର ଆୟ ଉପରେ ପୁଞ୍ଜି ଲାଭ ପାଇଁ ଟିକସ ରିହାତି, ବିଦେଶୀ ଲେସରଙ୍କୁ ପ୍ରଦାନ କରାଯାଉଥିବା ବିମାନ ଲିଜ ଭଡ଼ା ପାଇଁ ଟିକସ ଛାଡ଼, ଆଇଏପଏସସିରେ ବିଦେଶୀ ପାଣ୍ଠି ସ୍ଥାନାନ୍ତର ପାଇଁ ଟିକସ ପ୍ରୋତ୍ସାହନ ଏବଂ ଆଇଏଫଏସିରେ ଥିବା ବିଦେଶୀ ବ୍ୟାଙ୍କର ନିବେଶ ଡିଭିଜନରେ ନିବେଶ ଲାଗି ଟିକସ ଛାଡ଼ ଆଦି । |
| 26 | **ଡିଡକ୍ଟି/କଲେକ୍ଟିଙ୍କ ଦ୍ବାରା ରିଟର୍ଣ୍ଣ ଦାଖଲ କରାନଯିବା** | ଯେଉଁ ବ୍ୟକ୍ତିଙ୍କ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପରିମାଣର ଟିକସ ଡିଡକ୍ଟ କରାଯାଇଛି/ସଂଗୃହିତ କରି ରଖାଯାଇଛି ସେମାନେ ରିଟର୍ଣ୍ଣ ଦାଖଲ ନକରିବା ଏକ ଉତ୍ତମ ଅଭ୍ୟାସ ନୁହେଁ। ଏହାକୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପ୍ରସ୍ତାବ ଦିଆଯାଉଛି ଯେ  ବିଗତ ଦୁଇ ବର୍ଷ ମଧ୍ୟରେ ଜଣେ ବ୍ୟକ୍ତିଙ୍କର 50,000 ଟଙ୍କାର ଟିଡିଏସ/ଟିସିଏସ ହୋଇଛି ଏବଂ ସେ ନିଜ ଆୟର ରିଟର୍ଣ୍ଣ ଦାଖଲ କରିନାହାନ୍ତି, ସେମାନଙ୍କ ପାଇଁ ଟିଡିଏସ/ଟିସିଏସ ଦର ନିର୍ଦ୍ଦିଷ୍ଟ ଦରର ଦୁଇଗୁଣା କିମ୍ବା 5%, ଯାହା ଅଧିକ ହୋଇଥିବା ତାହା ହିଁ ଲାଗୁ ହେବ। ଏହି ବ୍ୟବସ୍ଥା ସେହି କାରବାର କ୍ଷେତ୍ରରେ ଲାଗୁ ହେବ ଯେଉଁଠି ଟିକସର ସମ୍ପୂର୍ଣ୍ଣ ପରିମାଣ କଟାଯିବାକୁ ଅଛି ଯେପରିକି ଦରମା ଆୟ, ଅପ୍ରବାସୀଙ୍କୁ ଅର୍ଥ ପଇଠ, ଲଟେରୀ ଆଦି |

| | | |
|---|---|---|
| | | କ୍ଷେତ୍ରରେ। |
| 27 | **ସାମଗ୍ରୀ କ୍ରୟ ଉପରେ ଟିଡିଏସର ଲେଭି** | ଟିଡିଏସର ପରିସର ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗୋଟିଏ ବର୍ଷରେ 50 ଲକ୍ଷ ଟଙ୍କାରୁ ଅଧିକ କିଣାକିଣି କରିବା ଉପରେ 0.1% ଟିଡିଏସ ଲେଭି ଲାଗୁ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି। ଅନୁପାଳନ ଚାପ ହ୍ରାସ କରିବା ଲାଗି, ଡିଡକ୍ସନର ଦାୟିତ୍ୱ କେବଳ ସେହି ବ୍ୟକ୍ତିଙ୍କ ଉପରେ ଲାଗୁ ହେବ ଯାହାଙ୍କ ବାର୍ଷିକ କାରବାର 10 କୋଟି ଟଙ୍କାରୁ ଅଧିକ ହେବ। |
| 28 | **ଆଡଭାନ୍ସ ରୁଲିଂ ଅଥରିଟି ସ୍ଥାନରେ ବୋର୍ଡ ଫର ଆଡଭାନ୍ସ ରୁଲିଂ** | ମାମଲାଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା ଲାଗି, ଅଥରିଟି ଫର ଆଡଭାନ୍ସ ରୁଲିଂ ସ୍ଥାନରେ ଏକ ବୋର୍ଡ ଫର ଆଡଭାନ୍ସ ରୁଲିଂ କାର୍ଯ୍ୟ କରିବ। ଏହିସବୁ ବୋର୍ଡର ଆଦେଶ ବିରୋଧରେ ହାଇକୋର୍ଟରେ ଆବେଦନ କରାଯାଇପାରିବ ବୋଲି ପ୍ରସ୍ତାବ ଦିଆଯାଉଛି। |
| 29. | **ଅଗ୍ରୀମ ମୂଲ୍ୟ ନିର୍ଦ୍ଧାରଣ ଚୁକ୍ତି(ଏପିଏ) ଏବଂ ସେକେଣ୍ଡାରୀ ଆଡଜଷ୍ଟମେଣ୍ଟ ପାଇଁ ସର୍ବନିମ୍ନ ବିକଳ୍ପ ଟିକସ (ମ୍ୟାଟ)କୁ ବ୍ୟବସ୍ଥିତ କରିବା** | ଯେଉଁ ଟିକସଦାତାଙ୍କ କ୍ଷେତ୍ରରେ ମ୍ୟାଟର ଦେୟତା ଆକାଉଣ୍ଟ ଏପିଏ ଉପରେ ରିପ୍ୟାଟ୍ରିଏସନର ବର୍ଷ କିମ୍ବା ସେକେଣ୍ଡାରୀ ଆଡଜଷ୍ଟମେଣ୍ଟ ବର୍ଷରେ ଦେଖାଦେଇଛି ସେମାନଙ୍କୁ ରିହାତି ଦେବା ସକାଶେ ଏପରି ଆୟର ଟିକସଦେୟତାର ବର୍ଷ ସହିତ ମ୍ୟାଟ ବ୍ୟବସ୍ଥାକୁ ମିଶାଇ ରିହାତି ଦେବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି। |
| 30. | **ଲିଭ ଟ୍ରାଭେଲ କନସେସନ କ୍ୟାଶ ସ୍କିମ ପାଇଁ ଛାଡ଼** | କର୍ମଚାରୀମାନଙ୍କୁ ରିହାତି ଦେବା ଉଦ୍ଦେଶ୍ୟରେ, ନିର୍ଦ୍ଦିଷ୍ଟ ବ୍ୟୟ କରାଯିବା ସର୍ତ୍ତରେ ଏଲଟିସି ଆକାରରେ ଜଣେ କର୍ମଚାରୀଙ୍କୁ ଦିଆଯାଉଥିବା ପରିମାଣ ଉପରେ ଟିକସ ଛାଡ଼ ନିମନ୍ତେ ପ୍ରସ୍ତାବ ଦିଆଯାଉଛି। |
| 31 | **ଆବାସିକ ୟୁନିଟଗୁଡ଼ିକର** | ଗୃହ କ୍ରେତା ଏବଂ ରିଅଲ ଇଷ୍ଟେଟ ଡେଭଲପର୍ସ |

| | | |
|---|---|---|
| | **ପ୍ରାଥମିକ ବିକ୍ରି ପାଇଁ ନିରାପଦ ହାର୍ବର ସୀମା ବୃଦ୍ଧି** | ମାନଙ୍କୁ ରିହାତି ଦେବା ଉଦ୍ଦେଶ୍ୟରେ, ଆବାସିକ ୟୁନିଟଗୁଡ଼ିକର ନିର୍ଦ୍ଧାରିତ ପ୍ରାଥମିକ ବିକ୍ରି ଉପରେ ନିରାପଦ ହାର୍ବର ସୀମାକୁ 10ରୁ 20 ପ୍ରତିଶତକୁ ବୃଦ୍ଧି କରାଯିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି। |
| 32 | **ଅନ୍ୟାନ୍ୟ** | • କେତେକ ଡିଡକ୍ସନକୁ ଅନୁମତି ଦେବା ଏବଂ ଅଡିଟ ରିପୋର୍ଟରେ ଥିବା ଆୟର ଆଡଜଷ୍ଟମେଣ୍ଟ ପାଇଁ ସ୍ପଷ୍ଟୀକରଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ରିଟର୍ଣ୍ଣ ପ୍ରୋସେସିଂ ସଂକ୍ରାନ୍ତରେ ଥିବା କିଛି ବ୍ୟବସ୍ଥାରେ ପରିଣାମୀ ସଂଶୋଧନ କରାଯିବାକୁ ପ୍ରସ୍ତାବ ଦିଆଯାଉଛି।<br>• ଅଧିକାର ପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ବାରା ରିଟର୍ଣ୍ଣ ପାଇଁ ଆହ୍ବାନ ସକାଶେ ନୋଟିସ ଜାରି କରିବାର କ୍ଷମତା ଦେବା ଲାଗି ପ୍ରସ୍ତାବ ଦିଆଯାଉଛି।<br>• ଏକ ବର୍ଗର ଟିକସଦାତାଙ୍କ ପାଇଁ ତ୍ରୁଟିପୂର୍ଣ୍ଣ ରିଟର୍ଣ୍ଣ ଏବଂ କେତେକ ଟିକସଦାତାଙ୍କ ପାଇଁ ରିଟର୍ଣ୍ଣ ଦାଖଲ କରିବାର ନିର୍ଦ୍ଧାରିତ ତାରିଖକୁ ବ୍ୟବସ୍ଥିତ କରିବା ଲାଗି ନିୟମକୁ କୋହଳ କରିବା ନିମନ୍ତେ ବୋର୍ଡକୁ କ୍ଷମତା ଦେବାକୁ ପ୍ରସ୍ତାବ ଦିଆଯାଉଛି।<br>• ଏହା ସ୍ପଷ୍ଟ କରାଯାଉଛି ଯେ ସୀମିତ ଲାଏବିଲିଟି ପାର୍ଟନରସିପ ପେସାଦାରମାନଙ୍କର ଆନୁମାନିକ ଟିକସ ଲାଗି ଯୋଗ୍ୟ ନୁହେଁ। |

| | | |
|---|---|---|
| | | • ସୁନିଶ୍ଚିତତା ପ୍ରଦାନ କରିବା ଉଦ୍ଦେଶ୍ୟରେ "ଲାଏବଲ ଟୁ ଟ୍ୟାକ୍ସ" ପରିଭାଷାକୁ ବ୍ୟାଖ୍ୟା କରାଯିବା ଲାଗି ପ୍ରସ୍ତାବ ଦିଆଯାଉଛି। |

## ବଜେଟ ଅଭିଭାଷଣର ସଂଲଗ୍ନକ

### କ.	ସୀମା ଶୁଳ୍କ ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କରେ ବୈଧାନିକ ପରିବର୍ତ୍ତନ:

### 1. ସୀମା ଶୁଳ୍କ ଆଇନ, 1962ରେ ବୃହତ ପରିବର୍ତ୍ତନ:

| କ୍ରଂସଂ | ସଂଶୋଧନ |
|---|---|
| **କ.** | **ଡ୍ୱେଲ ଟାଇମ ଓ ଇଓଡିବି ହ୍ରାସ (ବାଣିଜ୍ୟ ସୁବିଧା ପ୍ରଦାନ)** |
| 1. | ବସ୍ତୁ ପହଞ୍ଚିବା ଦିନର ପରଦିନ ଶେଷ ହେବା ପୂର୍ବରୁ ବିଲ୍ସ ଅଫ ଏଣ୍ଟ୍ରି ଦାଖଲ କରିବା ଲାଗି ଅଧିକୃତ କରିବା ଲାଗି ପ୍ରସ୍ତାବ ଦିଆଯାଇଛି (ଧାରା 46) |
| 2. | ସେଲ୍ଫ-ଆମେଣ୍ଡମେଣ୍ଟ ଆଧାରରେ ରପ୍ତାନିକାରୀ/ଆମଦାନୀକାରୀ ମାନଙ୍କୁ ନିର୍ଦ୍ଦିଷ୍ଟ ଆମେଣ୍ଡମେଣ୍ଟ କରିବା ଲାଗି ଅନୁମତି। ବର୍ତ୍ତମାନ ସୁଦ୍ଧା ସମସ୍ତ ଆମେଣ୍ଡମେଣ୍ଟ ଅଧିକାରୀମାନଙ୍କ ଦ୍ବାରା ଅନୁମୋଦନ କରାଯାଉଥିଲା (ଧାରା 149)। |
| 3. | କାଗଜମୁକ୍ତ ପ୍ରକ୍ରିୟାକରଣକୁ ପ୍ରୋତ୍ସାହିତ କରିବା ଲାଗି, ନୋଟିସ, ଆଦେଶ ଆଦି ଜାରି କରିବା ପାଇଁ ସାଧାରଣ ପୋର୍ଟାଲ ଉପଯୋଗ କରିବା ନିମନ୍ତେ ବିଚାର କରାଯିବାକୁ ପ୍ରସ୍ତାବ ଦିଆଯାଉଛି। ଏହି ପୋର୍ଟାଲ ସୀମାଶୁଳ୍କ ସହିତ ବାଣିଜ୍ୟର ଯୋଗାଯୋଗ ନିମନ୍ତେ ଏକମାର୍ଗ ବିଶିଷ୍ଟ ଡିଜିଟାଲ ଇଣ୍ଟରଫେସ ଯୋଗାଇ ଦେବ। |
| **ଖ.** | **ଦକ୍ଷତା ଏବଂ ଉତ୍ତରଦାୟିତ୍ବ** |
| 1 | ସୀମାଶୁଳ୍କ ଆଇନ ଅଧୀନରେ ଦିଆଯାଇଥିବା ସମସ୍ତ ସର୍ତ୍ତମୂଳକ ରିହାତି ଯେପର୍ଯ୍ୟନ୍ତ ନିର୍ଦ୍ଧାରିତ କିମ୍ବା ପରବର୍ତ୍ତିତ କିମ୍ବା ବିଖଣ୍ଡିତ ନହୋଇଛି ସେଗୁଡ଼ିକୁ ଏପରି ଅନୁମୋଦନ କିମ୍ବା ପରିବର୍ତ୍ତନ କରାଯିବା ତାରିଖ ଠାରୁ ଦୁଇ ବର୍ଷ ପରେ ପଡୁଥିବା 31 ମାର୍ଚ୍ଚରେ ସମାପ୍ତ କରି ଦିଆଯିବ। ଏଥିପାଇଁ ଆଇନରେ ନୂତନ ବ୍ୟବସ୍ଥା କରିବା ନିମନ୍ତେ ସୁପାରିସ କରାଯିବା ଲାଗି ପ୍ରସ୍ତାବ ଦିଆଯାଉଛି। |
| 2. | କେତେକ ବ୍ୟତିକ୍ରମଗୁଡ଼ିକୁ ବାଦ ଦେଲେ ଯାଞ୍ଚ ସମାପ୍ତ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଦୁଇ ବର୍ଷର ଅବଧି ରଖାଯିବା ନିମନ୍ତେ ସୁପାରିସ କରାଯିବା ଲାଗି |

| | |
|---|---|
| | ଏକ ନୂଆ ଧାରା 28BB ଯୋଗ କରିବା ସକାଶେ ପ୍ରସ୍ତାବ ଦିଆଯାଉଛି। |
| **ଗ.** | **ଟିକସ ଅନୁପାଳନରେ ସୁଧାର** |
| 1. | ମନ୍ଦ ଉଦ୍ଦେଶ୍ୟ ରଖି ଛାଡ଼ କିମ୍ବା ରିଫଣ୍ଡ ଦାବି କରିବା ଉଦ୍ଦେଶ୍ୟରେ ରପ୍ତାନି ପାଇଁ କୌଣସି ବସ୍ତୁର ପ୍ରବେଶ କରାଗଲେ ଏହାକୁ ଜବତ କରିବା ପାଇଁ ଏକ ନୂତନ ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ ଦିଆଯାଉଛି (ସୀମାଶୁଳ୍କ ଆଇନର ଧାରା 113ରେ ଉପଧାରା (ଜେଏ) ଯୋଡ଼ାଯାଉଛି) |
| 2. | ବସ୍ତୁ ରପ୍ତାନି ଉପରେ ନକଲି ଇନଭଏସ ବ୍ୟବହାର କରି କୌଣସି ବ୍ୟକ୍ତି ଟିକସ ରିଫଣ୍ଡ କିମ୍ବା ଶୁଳ୍କ ଡିସଚାର୍ଜ ଦାବି କରିବା ଭଳି ନିର୍ଦ୍ଦିଷ୍ଟ ମାମଲାରେ ଦଣ୍ଡାଦେଶ ପାଇଁ ସୁପାରିସ କରିବା ଉଦ୍ଦେଶ୍ୟରେ ସୀମା ଶୁଳ୍କ ଆଇନ (ଧାରା 114ଏସି)ରେ ଏକ ନୂଆ ବ୍ୟବସ୍ଥା ସଂଯୋଗ କରାଯାଉଛି। |
| **ଘ.** | **ଜବତ ସୁନାର ବ୍ୟବସ୍ଥାପନ** |
| 1. | ଜବତ ହୋଇଥିବା ସୁନାକୁ ମାମଲା ପରିଚାଳନା ପୂର୍ବରୁ ବ୍ୟବସ୍ଥାପନ କରିବା ପ୍ରକ୍ରିୟାରେ ସଂଶୋଧନ ଆଣିବା ପାଇଁ ସୀମାଶୁଳ୍କ ଆଇନର ଧାରା 110ରେ କେତେକ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦିଆଯାଉଛି ଯାହା ଏପରି ବ୍ୟବସ୍ଥାପନକୁ ତ୍ୱରାନ୍ୱିତ କରିବ। |

## 2. ସୀମା ଶୁଳ୍କ ଆଇନ, 1975ରେ ସଂଶୋଧନ:

| କ୍ରଂସଂ | ସଂଶୋଧନ |
|---|---|
| **କ** | **ସୀମା ଶୁଳ୍କ ଅଧିନିୟମ, 1975 ର ପ୍ରଥମ ସୂଚୀରେ ସଂଶୋଧନ \|** |
| 1. | ଏଚଏସଏନ 2022 ସଂଶୋଧନ ଅନୁରୂପ ସୀମା ଶୁଳ୍କ ଆଇନର ପ୍ରଥମ ଅନୁଚ୍ଛେଦରେ ସଂଶୋଧନ ଆଣିବା ଲାଗି ପ୍ରସ୍ତାବ ଦିଆଯାଉଛି। ଏହି ପରିବର୍ତ୍ତନଗୁଡ଼ିକ 01.01.2022 ଠାରୁ ଲାଗୁ ହେବ।<br>ଏହାଛଡ଼ା କେତେକ ନୂଆ ଟାରିଫ ଲାଇନ ସୃଷ୍ଟି କରାଯାଉଛି। |

| ଖ | **ଆଣ୍ଟି-ଡମ୍ପିଂ ଶୁଳ୍କ (ଏଡିଡି), କାଉଣ୍ଟର ଭେଲିଂ ଡ୍ୟୁଟି (ସିଭିଡି) ଏବଂ ସୁରକ୍ଷା ପଦକ୍ଷେପ ସହ ଜଡ଼ିତ ବ୍ୟବସ୍ଥାରେ ସଂଶୋଧନ** |
|---|---|
| 1. | ଏଡିଡି, ସିଭିଡ (ସୀମା ଶୁଳ୍କ ଆଇନର ଧାରା ୨, ୨ ଏ ଏବଂ ତତସଂକ୍ରାନ୍ତ ନିୟମ) ସହ ଜଡ଼ିତ ବ୍ୟବସ୍ଥାରେ ନିମ୍ନୋକ୍ତ ସଂଶୋଧନ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି : ସର୍କମଭେନ୍ସନ<br>**(i)** ଜାଲିଆତି ନିରୋଧୀ ତଦନ୍ତ ଆରମ୍ଭ ହେବା ତାରିଖ ଠାରୁ ଶୁଳ୍କ ଲାଗୁ;<br>**(ii)** ଅବଶୋଷଧ ନିରୋଧୀ ବ୍ୟବସ୍ଥା;<br>**(iii)** ଏକକାଳୀନ 5 ବର୍ଷ ପର୍ଯ୍ୟନ୍ତ ଅବଧି ଲାଗି ସମୀକ୍ଷା କରିବା ଉଦ୍ଦେଶ୍ୟରେ ଏପରି ଶୁଳ୍କଗୁଡ଼ିକୁ ଲାଗୁ କରିବା;<br>**(iv)** ସାମଗ୍ରୀ ଉତ୍ପାଦନ କରିବା ପାଇଁ ଘରୋଇ ଶୁଳ୍କ କ୍ଷେତ୍ରରେ ମଞ୍ଜୁରି ଲାଭ କରିସାରିଥିବା ଇଓୟୁ ଏବଂ ଏସଇଜେଡଗୁଡ଼ିକ ଦ୍ବାରା ବ୍ୟବହୃତ ଇନପୁଟର ଆକାଉଣ୍ଟ (ଏଡିଡି କିମ୍ବା ସିଭିଡି ଆକୃଷ୍ଟ କରୁଥିବା) ଉପରେ ଏଡିଡି/ସିଭିଡି ଲାଗୁ କରିବା ନିମନ୍ତେ ଏକପ୍ରକାରର ବ୍ୟବସ୍ଥା<br>**(v)** ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ଏଡିଡି କିମ୍ବ ସିଭିଡି ଅସ୍ଥାୟୀ ଭାବେ ଉଚ୍ଛେଦ କରାଯିବ, ଏପରି ଅସ୍ଥାୟୀ ଉଚ୍ଛେଦ ଏକକାଳୀନ ଏକ ବର୍ଷ ଠାରୁ ଅଧିକ ହେବା ଅନୁଚିତ;<br>**(vi)** ସମୀକ୍ଷା ପର୍ଯ୍ୟାୟରେ ଥିବା ଏଡିଡିର ଅବଧି ଶେଷ ହେବାର ତିନି ମାସ ପୂର୍ବରୁ ଅଧିକୃତ କର୍ତ୍ତୃପକ୍ଷଙ୍କ ଦ୍ବାରା ସମୀକ୍ଷା କାର୍ଯ୍ୟାନୁଷ୍ଠାନର ତଦନ୍ତରେ ଚୂଡ଼ାନ୍ତ ଫଳାଫଳ ଏଡିଡି/ସିଭିଡିରେ ଜାରି କରାଯିବ।<br>କ୍ରଂସଂ (vi)ର ସମ୍ପୃକ୍ତ ନିୟମରେ ସଂଶୋଧନ ଏବଂ ସୀମା ଶୁଳ୍କ ଆଇନରେ ଅନ୍ୟାନ୍ୟ ପରିବର୍ତ୍ତନ ମଧ୍ୟ କରାଯାଉଛି। |
| 2. | ସେଫଗାର୍ଡ ଟିଆରକ୍ୟୁ ଲାଗୁ କରିବା ପାଇଁ ଘରୋଇ ଉଦ୍ୟୋଗକୁ କ୍ଷତି ପହଞ୍ଚାଉଥିବା ବର୍ଦ୍ଧିତ ପରିମାଣର ଆମଦାନୀ ମାମଲାର ତଦନ୍ତ ସକାଶେ ପ୍ରକ୍ରିୟା ଏବଂ ପଦ୍ଧତି ଯୋଗାଇ ଦେବା ଲାଗି ସେଫଗାର୍ଡ ନିୟମରେ ସଂଶୋଧନ କରାଯାଉଛି। |

**3. କେନ୍ଦ୍ରୀୟ ଉତ୍ପାଦ ଆଇନ, 1944ରେ ସଂଶୋଧନ**

| | |
|---|---|
| 1. | ● ବିଶ୍ୱ ସୀମାଶୁଳ୍କ ସଂଗଠନ ଦ୍ୱାରା ହାର୍ମୋନାଇଜଡ୍ ସିଷ୍ଟମ ଅଫ ନୋମେନକ୍ଲଚର (ଏଚଏସଏନ)ର ସୀମା ପାଇଁ ଅନୁରୂପ ନୂଆ ଟାରିଫ ଲାଇନ ଯୋଗ କରାଯିବ<br>● ସ୍ୱଷ୍ଟୀକରଣ ସଂକ୍ରାନ୍ତରେ କେତେକ ସାଧାରଣ ପରିବର୍ତ୍ତନ କରାଯାଉଛି। |

**4. ସୀମାଶୁଳ୍କ ନିୟମରେ ସଂଶୋଧନ:**

ସୀମା ଶୁଳ୍କ (ରିହାତି ଶୁଳ୍କ ଦରରେ ବସ୍ତୁ ଆମଦାନୀ) ନିୟମ, 2017 (ଆଇଜିସିଆର)କୁ ଏପରି ଭାବେ ପ୍ରସ୍ତୁତ କରାଯାଉଛି ଯାହାଫଳରେ ଏହା ବାଣିଜ୍ୟ ପ୍ରୋତ୍ସାହନ ପଦକ୍ଷେପକୁ ଅନୁମତି ପ୍ରଦାନ କରିବ :

- ଆଇଜିସିଆର ଅଧୀନରେ ଆମଦାନୀ କରାଯାଉଥିବା ଉପକରଣ (ମୂଲ୍ୟବାନ ଧାତୁକୁ ବାଦ୍ ଦେଇ)ଉପରେ ଜବ-ୱର୍କ ।
- ମୂଲ୍ୟହ୍ରାସ ଦରରେ ସୀମା ଶୁଳ୍କ ପଇଠ ଉପରେ ଆଇଜିସିଆର ଅନ୍ତର୍ଗତ ରପ୍ତାନି ହେଉଥିବା କ୍ୟାପିଟାଲ ଗୁଡ୍ସ କ୍ଲିୟରାନ୍ସ

**ଖ. ସୀମା ଶୁଳ୍କ ଦରରେ ପରିବର୍ତ୍ତନ**

**1. ଚାଷୀ, ଏମଏସଏମଇ ଏବଂ ଅନ୍ୟ ଘରୋଇ ଉତ୍ପାଦନକାରୀଙ୍କ ଲାଭ ପାଇଁ ଅନୁକୂଳ ପରିବେଶ ସୃଷ୍ଟ କରିବା ଉଦ୍ଦେଶ୍ୟରେ ସାଧାରଣ ସୀମା ଶୁଳ୍କରେ ପରିବର୍ତ୍ତନ**

| କ୍ରଂ ସଂ. | ବର୍ଗ | ନିର୍ଦ୍ଧାରିତ ସାମଗ୍ରୀ | ଶୁଳ୍କର ଦର | |
|---|---|---|---|---|
| | | | ଥିଲା | ହେଲା |
| 1. | **କୃଷି ଉତ୍ପାଦ** | କପା | 0 | 5%* |
| | | କପା ବର୍ଜ୍ୟ | ଶୂନ୍ୟ | 10% |

| | | | | |
|---|---|---|---|---|
| | **ଏବଂ ମତ୍ସ୍ୟଚାଷ କ୍ଷେତ୍ର** | କଞ୍ଚା ରେଶମ (ଥ୍ରୋନ୍ ନୁହେଁ) ଏବଂ ରେଶମ ସୂତା/ରେଶମ ବର୍ଜ୍ୟରୁ ପ୍ରସ୍ତୁତ ସୂତା ସ୍ୱନ | 10% | 15% |
| | | ଅବକାରୀ ଉତ୍ପାଦ ପ୍ରସ୍ତୁତ କରିବା ପାଇଁ ଡିନ୍ୟାଚୁରେଟେଡ ଇଥାଇଲ ଆଲକହଲ(ଇଥାନଲ) | 2.5% | 5% |
| | | ଚିଙ୍ଗୁଡ଼ି ଖାଦ୍ୟ | 5% | 15% |
| | | ପେଲେଟ୍ ଭାବେ ଥିବା ମାଛ ଖାଦ୍ୟ | 5% | 15% |
| | | ମାଛ, କ୍ରଷ୍ଟାସିନ୍ସ, ମୋଲ୍ୟୁସ୍କସ କିମ୍ବା ଅନ୍ୟ ଜଳଜ ପ୍ରାଣୀଙ୍କ ଫ୍ଲୋର୍ସ, ମିଲ୍ସ ଏବଂ ପେଲେଟ | 5% | 15% |
| | | ମକା ଗୁଣ୍ଡ | ଶୂନ୍ୟ | 15% |
| | | ଚାଉଳ କୁଣ୍ଡା ତେଲରେ ପ୍ରସ୍ତୁତ ପିଡ଼ିଆ | ଶୂନ୍ୟ | 15% |
| 2. | **ରସାୟନ** | କାର୍ବନ ବ୍ଲାକ | 5% | 7.5% |
| | | ବିସ ଫେନଲ ଏ | ଶୂନ୍ୟ | 7.5% |
| | | ଏପିକ୍ଲୋରୋହାଇଡ୍ରିନ | 2.5% | 7.5% |
| 3. | **ପ୍ଲାଷ୍ଟିକ୍ସ** | କୌଣସି ସ୍ଥାନରେ ନିର୍ଦ୍ଧାରିତ ଓ ସାମିଲ ହୋଇନଥିବା ପ୍ଲାଷ୍ଟିକ ବିଲ୍ଡର୍ସ ତାର | 10% | 15% |
| | | ପଲିକାର୍ବୋନେଟ୍ସ | 5% | 7.5% |
| 4. | **ଚମଡ଼ା** | ଓଦା ନୀଳ କ୍ରୋମ ଟାନ୍ ହୋଇଥିବା ଚମଡ଼ା, କ୍ରଷ୍ଟ ଲେଦର, ସମସ୍ତ ପ୍ରକାରର ଚିକ୍କଣ ଚମଡ଼ା, ସେଗୁଡ଼ିକର ସ୍ପ୍ଲିଟ୍ସ ଓ ସ୍ଲାଇଡ୍ସ | ଶୂନ୍ୟ | 10% |
| 5. | **ରତ୍ନ ଏବଂ ଅଳଙ୍କାର** | କଟ୍ ଏବଂ ପଲିସ୍ କ୍ୟୁବିକ୍ ଜିର୍କୋନିଆ | 7.5% | 15% |
| | | ସିନ୍ଥେଟିକ୍ କଟ୍ ଏବଂ ପଲିସ୍ ପଥର | 7.5% | 15% |

| | | | | |
|---|---|---|---|---|
| 6. | **କ୍ୟାପିଟାଲ ଗୁଡ୍ସ ଓ ମେସିନାରୀ** | ସୁଡ଼ଙ୍ଗ ଖନନ ମେସିନ | ଶୂନ୍ୟ | 7.5% |
| | | ସୁଡ଼ଙ୍ଗ ଖନନ ମେସିନର ନିର୍ମାଣ ପାଇଁ ଉପକରଣ ଓ ସରଞ୍ଜାମ | ଶୂନ୍ୟ | 2.5% |
| 7. | **ଅଟୋ କ୍ଷେତ୍ର** | ଇଗ୍ନିସନ ୱାରିଂ ସେଟ୍ସ, ସେଫ୍ଟି ଗ୍ଲାସ୍, ସିଗ୍ନାଲ ଦେବା ସାମଗ୍ରୀର ସରଞ୍ଜାମ ଆଦି ନିର୍ଦ୍ଦିଷ୍ଟ ଅଟୋ ପାର୍ଟ୍ସ | 7.5%/ 10% | 15% |
| 8. | **ମେଟାଲ ଉତ୍ପାଦ** | ସ୍କ୍ରୁ, ନଟ୍ସ ଆଦି | 10% | 15% |

** ଏଥିରେ ଆହୁରି କୃଷି ଭିତ୍ତିଭୂମି ଏବଂ ବିକାଶ ସେସ 5 % ଦରରେ ଲାଗୁ ହେବ।*

**2.** ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ମୂଲ୍ୟ ସମ୍ବର୍ଦ୍ଧନକୁ ପ୍ରୋତ୍ସାହନ ଦେବା ଲାଗି ସୀମା ଶୁଳ୍କରେ ପରିବର୍ତ୍ତନ (2.2.2021 ଠାରୁ ଲାଗୁ, ଅନ୍ୟଥା ନିର୍ଦ୍ଧାରିତ ନହେଲେ)

| **କ୍ରଂ ସଂ** | **ବିବରଣୀ** | **ଥିଲା** | **ହେଲା** |
|---|---|---|---|
| 1. | ମୋବାଇଲ୍ ଫୋନର ନିର୍ଦ୍ଦିଷ୍ଟ ସରଞ୍ଜାମ ଉତ୍ପାଦନ ପାଇଁ ଇନପୁଟ୍, ସରଞ୍ଜାମ କିମ୍ବା ଉପ-ସରଞ୍ଜାମ, ଏଥିରେ ସାମିଲ :<br>(1) ପ୍ରିଣ୍ଟେଡ ସର୍କିଟ ବୋର୍ଡ ଆସେମ୍ବ୍ଲି (ପିସିବିଏ)<br>(2) କ୍ୟାମେରା ମଡ୍ୟୁଲ<br>(3) କନେକ୍ଟର୍ସ<br>(01.04.2021ରୁ ଲାଗୁ) | 0<br>0<br>0 | 2.5%<br>2.5%<br>2.5% |

| | | | |
|---|---|---|---|
| 2. | ଚାର୍ଜର କିମ୍ବା ଆଡାପ୍ଟର ପ୍ରସ୍ତୁତ କରିବା ପାଇଁ ପ୍ରିଣ୍ଟେଡ ସର୍କିଟ ବୋର୍ଡ ଆସେମ୍ବ୍ଲି (ପିସିବିଏ) ଏବଂ ମୋଲ୍ଡେଡ ପ୍ଲାଷ୍ଟିକ | 10% | 15% |
| 3. | ମୋବାଇଲ ଚାର୍ଜରର ଇନପୁଟ୍ସ ଏବଂ ପାର୍ଟସ (ପିସିବିଏ ଏବଂ ମୋଲ୍ଡେଡ ପ୍ଲାଷ୍ଟିକ୍କୁ ବାଦ ଦେଇ) | ଶୂନ୍ୟ | 10% |
| 4. | ଲିଥିଅମ-ଆୟନ ବ୍ୟାଟେରୀ ଏବଂ ବ୍ୟାଟେରୀ ପ୍ୟାକର ଉତ୍ପାଦନ ପାଇଁ ଇନପୁଟ୍ସ, ପାର୍ଟ୍ସ ଓ ସବ-ପାର୍ଟ୍ସ (ପିସିବିଏ ଏବଂ ଲିଥନ ସେଲ୍କୁ ଛାଡ଼ି) (01.04.2021 ଠାରୁ ଲାଗୁ) | 0 | 2.5% |
| 5. | ରେଫ୍ରିଜରେଟର/ଏୟାରକଣ୍ଡିସନରର କମ୍ପ୍ରେସର | 12.5 % | 15% |
| 6. | ନିର୍ଦ୍ଦିଷ୍ଟ ଇନସୁଲେଟେଡ୍ ତାର ଏବଂ କେବୁଲ୍ | 7.5% | 10% |
| 7. | ଟ୍ରାନ୍ସଫର୍ମରର ନିର୍ଦ୍ଦିଷ୍ଟ ଅଂଶ ଯେପରିକି ବବିନ୍ସ, ବ୍ରାକେଟ୍, ତାର ଇତ୍ୟାଦି | ଶୂନ୍ୟ | ପ୍ରଯୁଜ୍ୟ ଦର |
| 8. | ଏଲଇଡି ଲ୍ୟାମ୍ପ ସହିତ ଇନପୁଟ୍ ଏବଂ ଏଲଇଡି ଲାଇଟ୍ କିମ୍ବା ଫିକ୍ଚର୍ସର ଅଂଶ \| | 5% | 10% |
| 9. | ସୌର ଇନଭର୍ଟର | 5% | 20% |
| 10. | ସୌର ଇନଭର୍ଟର ଓ ସୌର ଲ୍ୟାମ୍ପ | 5% | 15% |

**3.** ଇନପୁଟ ମୂଲ୍ୟ ହ୍ରାସ କରିବା ଏବଂ ବିପରୀତ ଶୁଳ୍କ ଢାଞ୍ଚାରେ ସଂଶୋଧନ ପାଇଁ ଘରୋଇ ଉତ୍ପାଦନକାରୀ ମାନଙ୍କ ଦ୍ବାରା ବ୍ୟବହୃତ କଞ୍ଚାମାଲ ଓ ଇନପୁଟ ଉପରେ ସୀମା ଶୁଳ୍କରେ ପରିବର୍ତ୍ତନ:

| କ୍ରଂ ସଂ | ଇନପୁଟ/କଞ୍ଚାମାଲ(କ୍ଷେତ୍ର ପାଇଁ) | ନିର୍ଦ୍ଦିଷ୍ଟ ସାମଗ୍ରୀ | ଶୁଳ୍କ ଦର | |
|---|---|---|---|---|
| | | | ଥିଲା | ହେଲା |

| | | | | |
|---|---|---|---|---|
| 1. | **ପେଟ୍ରୋକେମିକାଲ୍ ଶିଳ୍ପ** | ନାଫଥା | 4% | 2.5 % |
| 2. | **ବୟନ ଶିଳ୍ପ** | କାପ୍ରୋଲାକ୍ଟମ୍ | 7.5% | 5% |
| | | ନାଇଲନ୍ ଚିପ୍ସ | 7.5% | 5% |
| | | ନାଇଲନ୍ ଫାଇବର ଏବଂ ସୂତା | 7.5% | 5% |
| 3. | **ଲୌହ ଏବଂ ଅଣଲୌହ ଧାତୁ** | ଷ୍ଟେନଲେସ୍ ଷ୍ଟିଲ୍ ସ୍କ୍ରାପ୍ ସହିତ ଲୌହ ଏବଂ ଇସ୍ପାତ ତରଳିବା ସ୍କ୍ରାପ୍ [31.3.2022 ସୁଦ୍ଧା] | 2.5% | ଶୂନ୍ୟ |
| | | ଅଣ-ଆଲଏ ଇସ୍ପାତର ପ୍ରାଇମେରୀ/ସେମି-ଫିନିସ୍ଡ ଉତ୍ପାଦ | 10% | 7.5 % |
| | | ଅଣ-ଆଲଏ ଏବଂ ଆଲଏ ଷ୍ଟିଲର ଫ୍ଲାଟ୍ ଉତ୍ପାଦ | 10%/ 12.5 % | 7.5 % |
| | | ଅଣ-ଆଲଏ, ଷ୍ଟେନଲେସ ଏବଂ ଆଲଏ ଷ୍ଟିଲର ଲମ୍ବା ଉତ୍ପାଦ | 10% | 7.5 % |
| | | ସିଆରଜିଓ ଷ୍ଟିଲର ଉତ୍ପାଦନରେ କଞ୍ଚା ମାଲ | 2.5% | ଶୂନ୍ୟ |
| | | କପର ସ୍କ୍ରାପ | 5% | 2.5 % |
| 6. | **ବିମାନ ଚଳାଚଳ କ୍ଷେତ୍ର** | ପ୍ରତିରକ୍ଷା ମନ୍ତ୍ରଣାଳୟର ରାଷ୍ଟ୍ରାୟତ୍ତ କ୍ଷେତ୍ର ସଂସ୍ଥା ଦ୍ୱାରା ଏୟାରକ୍ରାଫ୍ଟ ଉତ୍ପାଦନ ପାଇଁ ଇଞ୍ଜିନ ସହିତ ଉପାଦାନ କିମ୍ବା ସରଞ୍ଜାମ | 2.5% | 0% |
| 7. | **ମୂଲ୍ୟବାନ ଧାତୁ** | ସୁନା ଓ ରୂପା * | 12.5 % | 7.5 %* |
| | | ସୁନା ଡୋର ବାର୍ * | 11.85 % | 6.9 %* |
| | | ରୂପା ଡୋର ବାର୍ * | 11% | 6.1 |

| | | | | |
|---|---|---|---|---|
| | | | | %* |
| | | ପ୍ଲାଟିନମ୍, ପଲିଡିମ୍, ଇତ୍ୟାଦି | 12.5 % | 10 % |
| | | ସୁନା / ରୂପା ଫାଇଣ୍ଡିଂସ୍ | 20% | 10 % |
| | | ମୂଲ୍ୟବାନ ଧାତୁର ଅପଶିଷ୍ଟ ଓ ସ୍କ୍ରାପ | 12.5 % | 10 % |
| | | ସ୍ପେଣ୍ଟ କାଟାଲିଷ୍ଟ କିମ୍ବା ମୂଲ୍ୟବାନ ଧାତୁ ଥିବା ଆଶ୍ | 11.85 % | 9.2 % |
| | | ମୂଲ୍ୟବାନ ଧାତୁ ମୁଦ୍ରା | 12.5 % | 10 % |
| ୪ | **ପଶୁପାଳନ** | ଫିଡ ଆଡିଟିଭ୍ସ କିମ୍ବା ପ୍ରିମିକ୍ସେସ | 20% | 15 % |

** ଏଥିରେ ଆହୁରି କୃଷି ଭିତ୍ତିଭୂମି ଏବଂ ବିକାଶ ସେସ 5 % ଦରରେ ଲାଗୁ ହେବ।*

4. ନିମ୍ନୋକ୍ତ ସାମଗ୍ରୀ ଉପରେ ବିସିଡି ଦର ହ୍ରାସ କରାଯିବା ସହିତ ଏସବୁ ସାମଗ୍ରୀ ଉପରେ କୃଷି ଭିତ୍ତିଭୂମି ଏବଂ ବିକାଶ ସେସ ଲାଗୁ କରାଯାଇଛି ଯାହାଫଳରେ ଅଧିକାଂଶ ସାମଗ୍ରୀର ଦର ବୋଝ ଉପଭୋକ୍ତାଙ୍କ ଉପରେ ପଡ଼ିବ ନାହିଁ। ଏପରି ଉତ୍ପାଦ ଉପରେ ମୂଳ ସୀମା ଶୁଳ୍କର ସଂଶୋଧିତ ଦର ନିମ୍ନାନୁସାରେ ହେବ।

| **ସାମଗ୍ରୀ** | **ସଂଶୋଧିତ ସାଧାରଣ ସୀମା ମୂଳ ସୀମା ଶୁଳ୍କ ଦର *** |
|---|---|
| ସେଓ | 15% |
| ଚାପ୍ଟର 22 ରେ ପଡୁଥିବା ମଦ୍ୟପାନୀୟ | 50% |
| ଅଶୋଧିତ ଖାଇବା ତେଲ (ତାଳତେଲ, ସୋୟାବିନ, ସୂର୍ଯ୍ୟମୁଖୀ) | 15% |
| କୋଇଲା, ଲିଗ୍ନାଇଟ୍ ଏବଂ ପାଇଟ୍ | 1% |
| ନିର୍ଦ୍ଦିଷ୍ଟ ସାର (ୟୁରିଆ, ମୋପି, ଡିଏପି) | 0% |
| ଆମୋନିୟମ୍ ନାଇଟ୍ରେଟ୍ | 2.5% |

| | |
|---|---|
| ମଟର, କାବୁଲି ଚାନା, ବଙ୍ଗଳା ଗ୍ରାମ, ମସୁର ଡାଲି | 10% |

**ଏସବୁ ସାମଗ୍ରୀ ଉପରେ କୃଷି ଭିତ୍ତିଭୂମି ଏବଂ ବିକାଶ ସେସ ଦର ପାଇଁ ଭାଗ 'ଗ' ଦେଖନ୍ତୁ*

5. ପେଟ୍ରୋଲ ଏବଂ ଡିଜେଲ ଉପରେ କୃଷି ଭିତ୍ତିଭୂମି ଏବଂ ବିକାଶ ସେସ (ଏଆଇଡିସି) ଲାଗୁ କରାଯିବା ସହିତ ଏସବୁ ସାମଗ୍ରୀ ଉପରେ ମୂଳ ଉତ୍ପାଦ ଶୁଳ୍କ (ବିଇଡି) ଏବଂ ସ୍ବତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ (ଏସଏଇଡି) ଦର ହ୍ରାସ କରାଯାଇଛି ଯାହାଫଳରେ ଏଗୁଡ଼ିକ ପାଇଁ ଉପଭୋକ୍ତାଙ୍କ ଉପରେ ଅତିରିକ୍ତ ବୋଝ ପଡ଼ିବ ନାହିଁ। ପ୍ରତି ଲିଟର ଅଣବ୍ରାଣ୍ଡେଡ ପେଟ୍ରୋଲ ଓ ଡିଜେଲ ଉପରେ ମୂଳ ଉତ୍ପାଦ ଶୁଳ୍କକୁ ଯଥାକ୍ରମେ 1.4 ଟଙ୍କା ଏବଂ 1.8 ଟଙ୍କା ଲାଗୁ ହୋଇଛି। ଅଣବ୍ରାଣ୍ଡେଡ ପେଟ୍ରୋଲ ଓ ଡିଜେଲ ଉପରେ ଏସଏଇଡି ଦର ଯଥାକ୍ରମେ ଲିଟର ପ୍ରତି 11 ଓ 8 ଟଙ୍କା ଲାଗୁ ହେବ। ବ୍ରାଣ୍ଡେଡ ପେଟ୍ରୋଲ ଏବଂ ଡିଜେଲ ଉପରେ ଏପରି ଦର ଲାଗୁ କରାଯାଇଛି। ଏସବୁ ସାମଗ୍ରୀ ଉପରେ କୃଷି ଭିତ୍ତିଭୂମି ଓ ବିକାଶ ସେସ୍ ଦରପାଇଁ ଭାଗ ସି ଦେଖନ୍ତୁ।

**6. ରିହାତିକୁ ଯୁକ୍ତିସଙ୍ଗତ କରିବା**

| କ୍ରଂସଂ | ସାମଗ୍ରୀର ବର୍ଗ | ନିର୍ଦ୍ଦିଷ୍ଟ ସାମଗ୍ରୀ | ଥିଲା | ହେଲା |
|---|---|---|---|---|
| 1. | **ଖଣିଜ ପଦାର୍ଥ** | ପ୍ରାକୃତିକ ବୋରେଟ୍ ଏବଂ ଏହାର କନସନଟ୍ରେଟ୍ସ | ଶୂନ୍ୟ/ 5% | 2.5% |
| 2. | **ରସାୟନ** | ସ୍ପାଣ୍ଡେକ୍ସ ସୂତା ଉତ୍ପାଦନ ପାଇଁ ମିଥାଇଲ୍ ଡିଫେନିଲ୍ ଇସୋକିଆନେଟ୍ (ଏମଡିଆଇ) | ଶୂନ୍ୟ | 7.5% |
| 3. | **ହସ୍ତଶିଳ୍ପ, ପୋଷାକ ଏବଂ ଚମଡ଼ାରେ ରପ୍ତାନି ପ୍ରଦର୍ଶନ ଉପରେ ଆମଦାନୀକୁ ଶୁଳ୍କ ମୁକ୍ତ** | ବିଗତ ଆର୍ଥିକ ବର୍ଷରେ କରାଯାଇଥିବା ରପ୍ତାନି ଆଧାରରେ ହସ୍ତଶିଳ୍ପ, ପୋଷାକ ଏବଂ ଚମଡ଼ା ରପ୍ତାନିକାରୀଙ୍କୁ ଟିପ୍, ଗ୍ଲୁ ଭେନିର୍, ପଲିସ୍, ହୁକ୍, ରିଭେଟ୍ସ, ବଟନ୍, ଭେଲକ୍ରୋ, ଚାଟନ୍, ବ୍ୟାଜ୍, ବିଡି, | ଶୂନ୍ୟ | ପ୍ରଯୁଜ୍ୟ ଦର |

| | | | | |
|---|---|---|---|---|
| | **କରାଯିବାକୁ ଅନୁମତି ଦିଆଯିବ** | ସିଲେଇ ସୂତା ଇତ୍ୟାଦି ସାମଗ୍ରୀର ନିର୍ଦ୍ଦିଷ୍ଟ ଶୁଳ୍କମୁକ୍ତ ଆମଦାନୀ ନିମନ୍ତେ ମଞ୍ଜୁରି ମିଳିବ।<br>ଏହି ରିହାତି ପାଇଁ 31.3.2021 ର ଏକ ଶେଷ ତାରିଖ ପ୍ରଦାନ କରାଯାଉଛି | | |

**7.ଆଣ୍ଟି ଡମ୍ପିଂ ଶୁଳ୍କ ଏବଂ କାଉଣ୍ଟରଭେଲିଂ ଶୁଳ୍କର ଉଚ୍ଛେଦ/ଅସ୍ଥାୟୀ ଉଚ୍ଛେଦ/ବନ୍ଦ**

| କ୍ରଂସଂ | ନିର୍ଦ୍ଦିଷ୍ଟ ସାମଗ୍ରୀ |
|---|---|
| 1. | ନିମ୍ନୋକ୍ତ ସାମଗ୍ରୀ ଆମଦାନୀ ଉପରେ 2.2.2021ରୁ 30.09.2021 ପର୍ଯ୍ୟନ୍ତ ଅବଧି ଲାଗି ଅସ୍ଥାୟୀ ଭାବେ ଆଣ୍ଟି-ଡମ୍ପିଂ ଶୁଳ୍କ ଉଚ୍ଛେଦ କରାଯାଉଛି-<br>(କ) ଆଲଏ ଷ୍ଟିଲର ସିଧା ଲମ୍ବ ବାର ଓ ରଡ, ଚୀନରେ ତିଆରି କିମ୍ବା ସେଠାରୁ ଆମଦାନୀ କରାଯାଉଥିବ, 10.10.2018 ତାରିଖରେ ବିଜ୍ଞପ୍ତି ସଂଖ୍ୟା 54/2018-Cus (ADD)ରେ ଲାଗୁ<br>(ଖ), ବ୍ରାଜିଲ, ଚୀନ ଏବଂ ଜର୍ମାନୀରେ ପ୍ରସ୍ତୁତ କିମ୍ବା ସେଠାରୁ ଆମଦାନୀ ହେଉଥିବା, ନନ-କୋବାଲ୍ଟ ଗ୍ରେଡର ହାଇସ୍ପିଡ ଷ୍ଟିଲ, 25.09.2019ରେ ବିଜ୍ଞପ୍ତି ସଂଖ୍ୟା 38/2019-Cus (ADD)ରେ ଲାଗୁ<br>(ଗ) ଚୀନ, ଭିଏତନାମ ଏବଂ କୋରିଆରେ ପ୍ରସ୍ତୁତ କିମ୍ବା ସେଠାରୁ ଆମଦାନୀ ହେଉଥିବା ଇସ୍ପାତର ଫ୍ଲାଟ ରୋଲ୍ଡ ଉତ୍ପାଦ, ଯେଉଁଥିରେ ଆଲୁମିନିୟମ କିମ୍ବା ଜିଙ୍କର ଆଲଏ ପ୍ଲେଟ୍ କିମ୍ବା କୋଟ ଦିଆଯାଇଥିବ, 23.06.2020ରେ ବିଜ୍ଞପ୍ତି ସଂଖ୍ୟା. 16/2020-Cus (ADD)ରେ ଲାଗୁ। |
| 2. | ଚୀନରେ ତିଆରି କିମ୍ବା ସେଠାରୁ ଆମଦାନୀ ହେଉଥିବା କେତେକ ହଟ୍ ରୋଲ୍ଡ ଏବଂ କୋଲ୍ଡ ରୋଲ୍ଡ ଷ୍ଟେନଲେସ ଷ୍ଟିଲର ରପ୍ତାନି ଉପରେ |

| | |
|---|---|
| | 2.2.2021 ଠାରୁ 30.09.2021 ପର୍ଯ୍ୟନ୍ତ ଅବଧି ଲାଗି କାଉଣ୍ଟରଭିଲିଂ ଶୁଳ୍କ ଅସ୍ଥାୟୀ ଭାବେ ପ୍ରତ୍ୟାହାର କରାଯାଉଛି, 07.09.2017ରେ ବିଜ୍ଞପ୍ତି ସଂଖ୍ୟା 1/2017-Cus (CVD)ରେ ଲାଗୁ ହୋଇଥିଲା। |
| 3. | ଇଣ୍ଡୋନେସିଆରେ ତିଆରି ଏବଂ ସେଠାରୁ ଆମାଦନୀ କରାଯାଉଥିବା ଷ୍ଟେନଲେସ ଷ୍ଟିଲ ଉତ୍ପାଦ ଉପରେ ଅସ୍ଥାୟୀ କାଉଣ୍ଟରଭେଲିଂ ଶୁଳ୍କ ପ୍ରତ୍ୟାହାର କରାଯାଉଛି, 9.10.2020ରେ ବିଜ୍ଞାପ୍ତି ସଂଖ୍ୟା. 2/2020 Customs (CVD) ଅନୁଯାୟୀ ଲାଗୁ ହୋଇଥିଲା। |
| 4. | ସନସେଟ ସମୀକ୍ଷାରେ, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, କୋରିଆ, ୟୁରୋପୀୟ ୟୁନିଅନ, ଦକ୍ଷିଣ ଆଫ୍ରିକା, ତାଇୱାନ, ଥାଇଲାଣ୍ଡରେ ପ୍ରସ୍ତୁତ ଏବଂ ସେଠାରୁ ଆମଦାନୀ କରାଯାଉଥିବା ଅଣଲାଭକାରୀ ଉପଯୋଗ ନିମନ୍ତେ ଉଦ୍ଦିଷ୍ଟ 600 ଏମଏମରୁ 1250 ଏମଏମ ଏବଂ 1250 ଏମଏମଠାରୁ ଅଧିକ ଚଉଡ଼ାର ଷ୍ଟେନଲେସ ଷ୍ଟିଲର କୋଲ୍ଡ-ରୋଲ୍ଡ ଫ୍ଲାଟ ଉତ୍ପାଦ ଉପରେ ଆଣ୍ଟି-ଡମ୍ପିଂ ଶୁଳ୍କ ବନ୍ଦ ହୋଇସାରିଛି। 11 ଡିସେମ୍ବର, 2015ରେ ଜାରି ବିଜ୍ଞପ୍ତି ସଂଖ୍ୟା 61/2015-Customs (ADD) ଏବଂ 24 ଅକ୍ଟୋବର 2017ରେ ଜାରି ବିଜ୍ଞାପ୍ତି ସଂଖ୍ୟା 52/2017-Customs (ADD) ଅନୁଯାୟୀ ଲାଗୁ ଆଣ୍ଟି ଡମ୍ପିଂ ଶୁଳ୍କର ଅବଧି ଶେଷ ହେବା ପରେ ଏହା ସମାପ୍ତ ହୋଇସାରିଛି। |

## 8. ଅନ୍ୟାନ୍ୟ ବିବିଧ ପରିବର୍ତ୍ତନ

| କ୍ରଂସଂ | ସାମଗ୍ରୀର ବର୍ଗ | ନିର୍ଦ୍ଦିଷ୍ଟ ସାମଗ୍ରୀ |
|---|---|---|
| 1. | **ମିଶ୍ରିତ** | ଚଳଚ୍ଚିତ୍ର ନିର୍ମାତାମାନଙ୍କ ଦ୍ବାରା ବେଶଭୂଷା ଏବଂ ରଙ୍ଗମଞ୍ଚ ସାମଗ୍ରୀର ଆମଦାନୀ ଉପରେ ଅସ୍ଥାୟୀ ରିହାତି |
| | | ସୌର ଶକ୍ତି ଉତ୍ପାଦନ ପ୍ରକଳ୍ପର ସ୍ଥାପନା ପାଇଁ ଯନ୍ତ୍ରପାତି, ଯନ୍ତ୍ରପାତି, ଉପକରଣ, ଉପାଦାନ କିମ୍ବା ସହାୟକ ଉପକରଣର ସମସ୍ତ ବସ୍ତୁ ଉପରେ ଛାଡ଼ ସୁବିଧା [ Notif No. 1/2011-Cus] |

| | | |
|---|---|---|
| 2. | ପ୍ରକଳ୍ପ ଆମଦାନୀ | ସମସ୍ତ ହାଇ ସ୍ପିଡ୍ ରେଳ ପ୍ରକଳ୍ପ ପାଇଁ ଲାଭକୁ ସମ୍ପ୍ରସାରିତ କରାଯାଇଛି |
| 3. | ଆଇଟି / ଇଲେକ୍ଟ୍ରୋନିକ୍ସ | କମ୍ପ୍ୟୁଟର ପ୍ରିଣ୍ଟରରେ ଉପଯୋଗ ହେବାକୁ ଥିବା ଇଙ୍କ କ୍ୟାଟ୍ରିଜ, ରିବନ ଆସେମ୍ବ୍ଲି, ରିବନ ଗିଅର ଆସେମ୍ବ୍ଲି, ରିବନ ଗିଅର କ୍ୟାରେଜ ଉପରେ ବିସିଡି ରିହାତି ଉଚ୍ଛେଦ କରାଯାଉଛି। |
| 4. | ଖେଳନା | ଇଲେକ୍ଟ୍ରୋନିକ୍ ଖେଳନା  ବିଭିନ୍ନ ଅଂଶରେ ବିସିଡି ହାରରେ ରିହାତି ପ୍ରଦାନ କରୁଥିବା ରିହାତି ବିଜ୍ଞପ୍ତି ଗୁଡ଼ିକ ଗୋଟିଏ ଏଣ୍ଟ୍ରିରେ ଏକତ୍ରୀତ ହୋଇଛି ଏବଂ ନୂତନ ଏଣ୍ଟ୍ରି ପାଇଁ 15% ସଂଶୋଧିତ ବିସିଡି ହାର ନିର୍ଦ୍ଦେଶିତ କରାଯାଇଛି |
| 3. | ବର୍ତ୍ତମାନର ମିଶ୍ରିତ ସର୍ତ୍ତାବଳୀ ପରିବର୍ତ୍ତେ ଆଇଜିସିଆର ସର୍ତ୍ତ ରଖିବା ଲାଗି ଏଣ୍ଡ ୟୁଜ୍ ଆଧାରିତ ଛାଡ଼ | ସୀମା ଶୁଳ୍କ ଛାଡ଼ କ୍ଷେତ୍ରରେ ରହିଥିବା କେତେକ ଜଟିଳ ସର୍ତ୍ତାବଳୀ ସ୍ଥାନରେ ରିହାତି ଦରରେ ସାମଗ୍ରୀ ଆମଦାନୀ (ଆଇଜିସିଆର) ପାଳନ କରିବାର ଆବଶ୍ୟକତା। ଏହା ଏଣ୍ଡ ୟୁଜ ଆଧାରିତ ଛାଡ଼ ଅନୁପାଳନ ଆବଶ୍ୟକତାକୁ ସରଳ ଓ ମାନକୀକରଣ କରିବ। |

**ଗ. ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ କୃଷି ଭିତ୍ତିଭୂମି ଓ ବିକାଶ ସେସ୍ ଲାଗୁ (2.2.2021 ଠାରୁ କାର୍ଯ୍ୟକାରୀ)**

**ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ଏକ କୃଷି ଭିତ୍ତିଭୂମି ଓ ବିକାଶ ସେସ୍ ଲାଗୁ ପାଇଁ ପ୍ରସ୍ତାବ ଦିଆଯାଇଛି; ନିମ୍ନମତେ**

**(କ) ସୀମା ଶୁଳ୍କ କ୍ଷେତ୍ରରେ**

| **ସାମଗ୍ରୀ** | **ପ୍ରସ୍ତାବିତ ସେସ (ସୀମାଶୁଳ୍କ)** |
|---|---|
| ସୁନା, ରୂପା ଏବଂ ଡୋର ବାର୍ | 2.5% |
| ଆଲକହଲ ଥିବା ପାନୀୟ (ଅଧ୍ୟାୟ 22 ଅଧୀନରେ) | 100% |
| ଅଶୋଧିତ ତାଳ ତେଲ | 17.5% |
| ଅଶୋଧିତ ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲ | 20% |
| ସେଓ | 35% |
| କୋଇଲା, ଲିଗ୍ନାଇଟ୍ ଏବଂ ପିଟ୍ | 1.5% |
| ନିର୍ଦ୍ଦିଷ୍ଟ ସାର (ୟୁରିଆ ଆଦି) | 5% |
| ମଟର | 40% |
| କାବୁଲି ଚଣା | 30% |
| ଚଣା ଡାଲି/ଚିକ ମଟର | 50% |
| ମସୁର | 20% |
| କପା (କାର୍ଡ କିମ୍ବା କମ୍ବ ହୋଇନଥିବା | 5% |

ଏହିସବୁ ସାମଗ୍ରୀ ଉପରେ ମୂଳ ସୀମା ଶୁଳ୍କ ଦର ଜାଣିବା ଲାଗି ଭାଗ ବି ଦେଖନ୍ତୁ। ଏହିସବୁ ସାମଗ୍ରୀ ଉପରେ ଉପଭୋକ୍ତାଙ୍କ ଉପରେ କୌଣସି ଅତିରିକ୍ତ ଚାପ ପଡ଼ିବ ନାହିଁ।

**(କ) ଉତ୍ପାଦ ଶୁଳ୍କ କ୍ଷେତ୍ରରେ :**

ପେଟ୍ରୋଲ ଏବଂ ଡିଜେଲ୍ ଉପରେ ଯଥାକ୍ରମେ 2.5 ଟଙ୍କା ଏବଂ 4 ଟଙ୍କାର କୃଷି ଭିତ୍ତିଭୂମି ଏବଂ ବିକାଶ ସେସ (ଏଆଇଡିସି) ଲାଗୁ କରାଯାଇଛି।

ଏହି ସବୁ ସାମଗ୍ରୀ ଉପରେ ସଂଶୋଧିତ ଅନୁସାରେ ଅନ୍ୟ ଶୁଳ୍କ ଏବଂ ସେସ ପାଇଁ (ଏଆଇଡିସି ସହିତ ଲାଗୁ) ଭାଗ ବି ଦେଖନ୍ତୁ। ମୋଟାମୋଟି ଉପଭୋକ୍ତାଙ୍କ ଉପରେ କୌଣସି ଅତିରିକ୍ତ ବୋଝ ପଡ଼ିବ ନାହିଁ।

**ଙ. ସାମାଜିକ କଲ୍ୟାଣ ସର୍ଚ୍ଚାର୍ଜ (ଏସଡବ୍ଲୁଏସ)**

| | |
|---|---|
| 1. | କ. ସମସ୍ତ ସାମଗ୍ରୀ ଉପରେ ଗୋଟିଏ ଏସଡବ୍ଲୁଏସ ଦର ବଜାୟ ରଖିବା ଲାଗି 2.2.2018 ତାରିଖରେ ଜାରି ବିଜ୍ଞପ୍ତି ସଂ. 12/2018-Customsକୁ ରଦ୍ଦ କରାଯାଉଛି<br>ଖ. ସୁନା ଏବଂ ରୂପା ପାଇଁ କୃଷି ଭିତ୍ତିଭୂମି ଏବଂ ବିକାଶ ସେସ୍ ଉପରେ ଏସଡବ୍ଲୁଏସ୍ ଛାଡ଼ କରାଯାଉଛି |

**ଚ. କେନ୍ଦ୍ରୀୟ ଉତ୍ପାଦ ଶୁଳ୍କରେ ଅନ୍ୟାନ୍ୟ ପରିବର୍ତ୍ତନ :**

| | | |
|---|---|---|
| 1. | ମିଶ୍ରିତ ଇନ୍ଧନ : ଏମ-15 ପେଟ୍ରୋଲ ଏବଂ ଇ-20 ପେଟ୍ରୋଲ | ଯଦି ମିଶ୍ରିତ ଇନ୍ଧନଗୁଡ଼ିକ ଡ୍ୟୁଟି ପେଡ୍ ଇନପୁଟ୍ସରେ ତିଆରି ହୋଇଥାଏ ତା'ହେଲେ ଅନ୍ୟ ମିଶ୍ରିତ ଇନ୍ଧନ (ଇ-5 ଏବଂ ଇ-10) ଲାଇନ ଉପରେ ସେସ୍ ଓ ସର୍ଚ୍ଚାର୍ଜ ଛାଡ଼ କରାଯିବ। |

**ଛ. କେନ୍ଦ୍ରୀୟ ଜିଏସଟି ଆଇନ, 2017 (ସିଜିଏସଟି ଆଇନ) ଏବଂ ଇଣ୍ଟିଗ୍ରେଟେଡ୍ ଜିଏସଟି ଆଇନ, 2017 (ଆଇଜିଏସଟି ଆଇନ)ର ବ୍ୟବସ୍ଥାରେ ଆଇନଗତ ପରିବର୍ତ୍ତନ**

ଜିଏସଟି ପରିଷଦର ସୁପାରିସ ଆଧାରରେ ସିଜିଏସଟି ଆଇନ ଏବଂ ଆଇଜିଏସଟି ଆଇନରେ କେତେକ ପରିବର୍ତ୍ତନ କରାଯାଇଛି। ଏହିସବୁ ପରିବର୍ତ୍ତନ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖ ଠାରୁ ଏଗୁଡ଼ିକ ଲାଗୁ ହେବ, ଯେତେଦୂର ସମ୍ଭବ, ବିଧାନପାଳିକା ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଦ୍ବାରା ସେହିପରି ଆଇନରେ ଅନୁରୂପ ସଂଶୋଧନ ସହିତ ଲାଗୁ କରାଯିବ।

ଏଥିରେ କେତେଗୁଡ଼ିଏ ପଦକ୍ଷେପ ସାମିଲ ରହିଛି:

(i) ବାର୍ଷିକ ଆକାଉଣ୍ଟ ଅଡିଟ ଏବଂ ସମାଧାନ ବିବରଣୀ ହାସଲ ଭଳି ବାଧ୍ୟତାମୂଳକ ଆବଶ୍ୟକତା ଉଚ୍ଛେଦ, ସ୍ବୟଂ ପ୍ରାମାଣିକରଣ ଆଧାରରେ ବାର୍ଷିକ ରିଟର୍ଣ୍ଣ ଦାଖଲ କରିବା ଏବଂ ମୋଟ ନଗଦ ଦେୟତା ଉପରେ ସୁଧ ଲାଗୁ କରିବା ଭଳି ପଦକ୍ଷେପ ଜରିଆରେ ଟିକସଦାତାଙ୍କୁ ସୁବିଧା ପ୍ରଦାନ କରିବା

(ii) ଆଉଟୱାର୍ଡ ଯୋଗାଣର ବିବରଣୀରେ ଯୋଗାଣକାରୀଙ୍କ ଦ୍ବାରା ବିବରଣୀ ଦାଖଲ କରାଯାଇଥିଲେ ଇନପୁଟ ଟ୍ୟାକ୍ସ କ୍ରେଡିଟ ହାସଲ କରିବା, କେବଳ ନିର୍ଦ୍ଦିଷ୍ଟ ମାମଲାରେ ଆଇଜିଏସଟି ପରିଶୋଧ ଉପରେ ଜିରୋ-ରେଟିଂ ଏବଂ ବିଦେଶୀ ଅର୍ଥ ହାସଲ ସହିତ ଏହାକୁ ଯୋଡ଼ିବା ଭଳି ସୁବିଧା ଜରିଆରେ ଅନୁପାଳନକୁ ସହଜ କରିବା।

(iii) ଜବତ ଓ ବାଜ୍ୟାପ୍ତି ଏବଂ ଲାଗୁ ହୋଇଥିବା ଜୋରିମାନାର 25 ପ୍ରତିଶତ ସହିତ ସମାନ ପରିମାଣର ଅର୍ଥ ଦାଖଲ କରିବା ସହ ଜଡ଼ିତ ଅନ୍ୟ କେତେକ ପରିବର୍ତ୍ତନ ଆଣିବା

**ଜ. ଆଉ କେତେକ ଛୋଟ ପରିବର୍ତ୍ତନ କରାଯାଇଛି। ବଜେଟ ପ୍ରସ୍ତାବର ବିବରଣୀ ହାସଲ କରିବା ଲାଗି ବ୍ୟାଖ୍ୟାତ୍ମକ ନୋଟ ଏବଂ ଅନ୍ୟ ପ୍ରଯୁଜ୍ୟ ବଜେଟ ଦସ୍ତାବିଜକୁ ରେଫର କରାଯାଇପାରେ।**

**********